


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୫ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 25 June 2024

Vol.No. 35 ■ No.169 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ତୃତୀୟ ପାଳିରେ ୩ ଗୁଣା କାମ କରିବୁ : ମୋଦୀଙ୍କ ପ୍ରତିଶ୍ରୁତି



ନୂଆଦିଲ୍ଲୀ, ୨୪/୬ : ତୃତୀୟ ପାଳିର ପ୍ରଥମ ଅଧିବେଶନ ଆରମ୍ଭ ପୂର୍ବରୁ ସାଂସଦ ତଥା ଦେଶବାସୀଙ୍କ ପ୍ରତି ଅଭିଭାଷଣ ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ମୋଦୀ କହିଛନ୍ତି, ‘ ବିକଶିତ ଭାରତର ଲକ୍ଷ୍ୟର ସଙ୍କଳ୍ପ ନେଇ ଆଜି ୧୮ ତମ ଲୋକସଭାର ପ୍ରାରମ୍ଭ ହେଉଛି । ଚଳିତ ନିର୍ବାଚନ ବିଶ୍ୱର ସବୁଠୁ ବଡ ନିର୍ବାଚନ , ସାନଦାର ଭାବେ ଗୌରବମୟ ଭାବେ ସମ୍ପନ୍ନ ହୋଇଛି । ଏହା ୧୪୦ କୋଟି ଦେଶବାସୀଙ୍କ ପାଇଁ ଗର୍ବର କଥା । ଏଥିରେ ୬୫ କୋଟିରୁ ଅଧିକ ଭୋଟର ଭାଗ ନେଇଛନ୍ତି । ‘ଏହି ନିର୍ବାଚନ ଏଥିପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ କାରଣ, ସ୍ୱାଧୀନତା ପରେ ଦ୍ୱିତୀୟ ଥର କୌଣସି ସରକାରଙ୍କୁ ଲଗାତାର ତୃତୀୟ ଥର ସେବା କରିବାକୁ ଜନତା ସୁଯୋଗ ଦେଇଛନ୍ତି । ଏହି ସୁଯୋଗ ୬୦ ବର୍ଷ ପରେ ଆସିଛି । ଏହା ସାରା ବିଶ୍ୱରେ ଦେଶ ପାଇଁ ଗୌରବର କଥା । ଯେବେ ଦେଶର ଜନତା ତୃତୀୟ ଥର ପାଇଁ ଏହି ସରକାର ଉପରେ ଆସ୍ଥା ପ୍ରକଟ କରିଛନ୍ତି ଏହାର ଅର୍ଥ ସରକାରଙ୍କ ସମର୍ପଣ ଭାବ, ନୀତି, ନିୟତି ଉପରେ ଲୋକେ ମୋହର ଲଗାଇଛନ୍ତି’ । ଏଥିପାଇଁ ମୋଦୀ ଦେଶବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ‘ଗତ ୧୦ ବର୍ଷରେ ଯେଉଁ ପରମ୍ପରାକୁ ପ୍ରସ୍ତାବିତ କରିବାକୁ ନିରନ୍ତର ପ୍ରୟାସ କରିଛୁ। କାରଣ ଆମେ ଜାଣିଛୁ ସରକାର ଚଳାଇବାକୁ ମହୁମତ ଦରକାର ହେଲେ ଦେଶ ଚଳାଇବାକୁ ଲୋକଙ୍କ ସହମତି ଦରକାର । ଯାହା ଆଜି ମିଳିପାରିଛି । ସମସ୍ତଙ୍କ ସାଙ୍ଗରେ ନେଇ ଭାରତମାତାର ସେବା କରିବୁ । ୧୪୦ କୋଟି ଦେଶବାସୀଙ୍କ ଆଶା, ଅକାଂକ୍ଷାକୁ ପୂରଣ କରିବୁ । ଆମେ ସମସ୍ତଙ୍କୁ ନେଇ ଚାଲିବାକୁ ଚାହୁଁଛୁ ଏବଂ ପ୍ରତି ପ୍ରସ୍ତାବକୁ ଶକ୍ତି ଦେବାକୁ ଚାହୁଁଛୁ’ । ମୋଦୀ ଆହୁରି ମଧ କହିଛନ୍ତି, ‘ସବୁଠୁ ଖୁସିର କଥା ଏଥର ଯୁବା ସାଂସଦଙ୍କ ସଂଖ୍ୟା ବହୁତ ଭଲ ରହିଛି । ୧୮ତମ ସଂସଦ କଥା କହିବାକୁ ଗଲେ, ଯେଉଁମାନେ ଦେଶର ସାଂସ୍କୃତିକ ମୂଲ୍ୟବୋଧକୁ ଜାଣିଛନ୍ତି ସେମାନେ ଏହି ୧୮ ଅଙ୍କର ମୂଲ୍ୟ ଜାଣିପାରିବେ । ଗୀତାରେ ମଧ ଏହି ୧୮ ଅଙ୍କର ଗୁରୁତ୍ୱ ରହିଛି । କର୍ମ, କର୍ତ୍ତବ୍ୟ ଓ କରୁଣାର ସନ୍ଦେସ ଦେଉଛି ଏହି ସଂଖ୍ୟା । ଭାରତରେ ପୁରାଣ ଓ ଉପନିଷଦର ସଂଖ୍ୟା ମଧ ୧୮, ଏହାର ଅଧା ୯ ଯାହା ପୂର୍ଣ୍ଣତାର ପ୍ରତୀକ । ୧୮ ବର୍ଷରେ ଆମ ଦେଶରେ ମତାଧିକାର ମିଳେ । ୧୮ତମ ଲୋକସଭା ଭାରତର ଅମୃତକାଳ, ଏହା ଏକ ଶୁଭ ସଙ୍କେତ’ । ‘କାଲି ଜୁନ୍ ୨୫ ତାରିଖରେ ଭାରତର ଗଣତନ୍ତ୍ର ଉପରେ ଯେଉଁ କଳା ଦାଗ ଲାଗିଥିଲା ତାକୁ ୫୦ ବର୍ଷ ପୂରଣ ହେବାକୁ ଯାଉଛି । ଭାରତର ନୂଆ ପିଢୀ ଏହି କଥାକୁ କେବେବି ଭୁଲିବନି , ଭାରତର ସମ୍ବିଧାନକୁ ପୁରାପୁରି ଅବମାନନା କରିବାକୁ ଚେଷ୍ଟା କରାଯାଇଥିଲା । ଦେଶକୁ ଜେଲଖାନା ବନାଯାଇଥିଲା । ଜଣତନ୍ତ୍ରକୁ ଅବଦମିତ କରାଯାଇଥିଲା । ଏମର୍ଜେନ୍ସିର ଏହି କାଳିମାମୟ ସମୟକୁ ମନେରଖି ଗଣତନ୍ତ୍ରକୁ ସୁରକ୍ଷିତ ରଖିବାକୁ ଆମ ସରକାର ପ୍ରତିଜ୍ଞାବଦ୍ଧ’ । ‘ଦେଶବାସୀ ଆମକୁ ତୃତୀୟ ଥର ସେବା କରିବାକୁ ସୁଯୋଗ ଦେଇଛନ୍ତି । ଏହାସହ ଆମ ଦାୟିତ୍ୱ ବି ୩ ଗୁଣା ବଢିଛି । ପୂର୍ବପେକ୍ଷା ୩ ଗୁଣା ପରିଶ୍ରମ କରିବୁ ଏବଂ ୩ ଗୁଣା ପରିଣାମ ମଧ ଆଣିବୁ । ସାଂସଦମାନଙ୍କ ଠାରୁ ଦେଶବାସୀଙ୍କୁ ଅନେକ ଆଶା ରହିଛି । ତେଣୁ ଜନହିତ ଓ ଲୋକସେବା ପାଇଁ ଆଜି ଏହି ସୁଯୋଗକୁ ପୂର୍ଣ୍ଣଭାବେ ନିଶ୍ଚିତ କରିବାକୁ ସମସ୍ତ ସାଂସଦଙ୍କୁ ଅନୁରୋଧ କରୁଛି’ ବୋଲି କହିଛନ୍ତି ମୋଦୀ ।

## ୧ଟା ୧୦ରେ ପହଣ୍ଡି: ୫ଟାରେ ରଥଟଣା



ପୁରୀ, ୨୪/୬ (ନି.ପ୍ର): ମହାପ୍ରଭୁଙ୍କ ରଥଯାତ୍ରା ନୀତି ନିର୍ଘଣ୍ଟକୁ ଅନୁମୋଦନ ମିଳିଛି। ଚଳିତବର୍ଷ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥଯାତ୍ରା ଗୋଟିଏ ଦିନରେ ପଡୁଥିବାରୁ ୧୯୭୧ ମସିହାରେ ହୋଇଥିବା ନୀତିକାନ୍ତି ଅନୁଯାୟୀ ମହାପ୍ରଭୁଙ୍କ ରଥଯାତ୍ରା ହେବା ପାଇଁ ସ୍ଥିର ହୋଇଛି। ପୁରୀ ବଡ଼ଦାଣ୍ଡ ସ୍ଥିତ ନିଳାଦ୍ରୀ ଭକ୍ତ ନିବାସଠାରେ ବସିଥିବା ଛତିଶା ନିଯୋଗ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ଆସନ୍ତା ଜୁଲାଇ ୭ ତାରିଖରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ହେବ। ତେବେ ଏହାର ପୂର୍ବଦିନ ଅର୍ଥାତ୍ ଜୁଲାଇ ୬ ତାରିଖରେ ପଟି ଦିଅଁଙ୍କଠାରୁ ଆଜ୍ଞାମାଳ ବିଜେ ହୋଇ ରଥଖଳାକୁ ଆସିବ। ପରେ ତିନି ରଥକୁ ସିଂହଦ୍ୱାର ସମ୍ମୁଖକୁ ଅଣାଯିବ। ୬ ତାରିଖରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ରଥଖଳାକୁ ଆଜ୍ଞା ମାଳ ବିଜେ କରିବ। ସକାଳ ୭ଟାରୁ ୮ଟା ୩୦ ମଧ୍ୟରେ ସକାଳ ଧୂପ ନୀତି ନିର୍ଘଣ୍ଟ ହୋଇଥିବା ବେଳେ ରଥ ଆଜ୍ଞାମାଳ ବିଜେ ସକାଳ ୮ଟା ୪୫ ରେ ଅନୁଷ୍ଠିତ ହେବ। ସେହିପରି ସେହି ଦିନ ସନ୍ଧ୍ୟା ଧୂପ ପରେ ଅପରାହ୍ନ ୫ଟାରେ ଧ୍ୱଜା ଆଜ୍ଞାମାଳ ବିଜେ ହେବ। ୭ ତାରିଖରେ ରାତି ୨ଟାରେ ମଙ୍ଗଳ ଆଳତୀ ପରେ ▶▶ପୃଷ୍ଠା ୭

## ରାଜଧାନୀରେ ୧୦ ଏକର ଜମିକୁ ମାତ୍ର ୨୫ ଲକ୍ଷ ଟଙ୍କାରେ କିଣିଛି କିସ୍

ଭୁବନେଶ୍ୱର, ୨୪/୬ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ୧୦ ଏକର ଜମିର ମୂଲ୍ୟ ମାତ୍ର ୨୫ ଲକ୍ଷ ଟଙ୍କା। ବିଶ୍ୱାସ ନ ହେଲେ ମଧ ସତ। ଏମିତି ଶାଗ ମାଛ ଦରରେ ରାଜଧାନୀର ମୂଲ୍ୟବାନ ଜମିକୁ କିସ୍ ହାତକୁ ଟେକି ଦେଇଛନ୍ତି ତତ୍କାଳୀନ ବିଜେଡି ସରକାର। ସର୍ତ୍ତ ସବୁ ପୂରଣ ହୋଇନଥିଲେ ମଧ ରେଗୁଲାରାଇଜେସନ୍ ପ୍ରକ୍ରିୟାକୁ ସାରି ଦେଇଥିଲେ। ଏହି ପ୍ରକ୍ରିୟା ଉପରେ ଏବେ ରୋକ ଲଗାଇଛନ୍ତି କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ। ତେବେ ଏଠି ପ୍ରଶ୍ନ ଉଠୁଛି, କାହିଁକି ବିଜେଡିର ପୂର୍ବତନ ସାଂସଦ ଅଚ୍ୟୁତ ସାମନ୍ତଙ୍କ ମାଲିକାନାରେ ଥିବା ଏହି ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଇଥିଲେ ବିଜେଡି ସରକାର ଓ ଅଧିକାରୀ? ତେବେ ନଜର ପକାନ୍ତୁ ଜମି ବାବଦକୁ କେତେ ଟଙ୍କା ଦେଇଛି କିସ୍‌ସଂସ୍ଥା? ୧୦ ଏକର ଜମି ପାଇଁ ନେଟ୍ ପ୍ରପଟି ଭାଲ୍ୟୁ ୨୫ ଲକ୍ଷ ୨୪ ହଜାର ୩୨ ଟଙ୍କା ଦେଇଛି। ଯେହେତୁ ସେହି ଜମିକୁ ପୂର୍ବରୁ ଜବର ଦଖଲ କରାଯାଇଛି, ତେଣୁ ଫାଇନ୍ ବାବଦକୁ ପ୍ରପଟି ଭାଲ୍ୟୁର ପାଞ୍ଚ ଗୁଣା ଅର୍ଥାତ ୧ କୋଟି ୨୬ ଲକ୍ଷ ଟଙ୍କା ୨୦୨୧ରେ ଦେଇଛି କିସ୍। ସେପଟେ ଦେଖିବାକୁ ଗଲେ ୨୦୨୧ ମସିହାର ପଥର ଗାଡିଆ ମୌଜାର ବେଞ୍ଚ ମାର୍କ ଭାଲ୍ୟୁ ଏକର ପିଛା ୩ କୋଟି ୩୦ ଲକ୍ଷ ଥିଲା। ସେହି ହିସାବରେ ଦେଖିବାକୁ ଗଲେ ୧୦ ଏକର ଜମିର ମୂଲ୍ୟ ପ୍ରାୟ ୩୩ କୋଟି ଟଙ୍କା ହେଉଛି। ତେବେ ଏଠି ପ୍ରଶ୍ନ ଉଠୁଛି ସରକାରୀ ବେଞ୍ଚ ମାର୍କ ଦର ଏତ ଉଚ୍ଚା ଥିବା ବେଳେ ନେଟ୍ ପ୍ରପଟି ଭାଲ୍ୟୁ କମିଲା କେମିତି ? ଅନ୍ୟପଟେ ଭୁବନେଶ୍ୱରରେ ଦାମୀ ଜମି ବଦଳରେ କୋରାପୁଟରେ ୧୦ ଏକର ଜମି ବନ ବିଭାଗକୁ ଦେଇଛି କିସ୍। ଆଗାମୀ ଦିନରେ ବନାଞ୍ଚଳ ସୃଷ୍ଟି କରାଯିବ ବୋଲି କହିଛନ୍ତି କୋରାପୁଟ ଡିଏଫଓ। ତେବେ ଏଠି ପ୍ରଶ୍ନ ▶▶ପୃଷ୍ଠା ୭

## ଚଟାଣରେ ବସି ପଖାଳ ଖାଇଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ମୁଖ୍ୟମନ୍ତ୍ରୀ ହେବା ପରେ ଆଜି ସେ ପ୍ରଥମ ଥର ପାଇଁ ନିଜ ଗାଁକୁ ଯାଇଥିଲେ

ରାଇକଳା, ୨୪/୬ (ନି.ପ୍ର): ଗତକାଲିଠାରୁ ଦୁଇ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ତାଙ୍କ ଜନ୍ମମାଟି ରାଇକଳାକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀ ହେବା ପରେ ସେ ପ୍ରଥମ ଥର ପାଇଁ ନିଜ ଗାଁକୁ ଯାଇଥିଲେ। ଗାଁରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ଗ୍ରାମବାସୀ। ନିଜ ଘରେ ପହଞ୍ଚିବା ପରେ ତାଙ୍କୁ ବନ୍ଦାପନା କରି ପାଛୋଟି ନେଇଥିଲେ ପରିବାର ଲୋକେ। ଘରେ ସେ ମଧ୍ୟାହ୍ନ ଭୋଜନ କରିଥିଲେ। ମଧ୍ୟାହ୍ନ ଭୋଜନରେ ପଖାଳ ଖାଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ।



ଚଟାଣରେ ବସି ବେଶ୍ ଆନନ୍ଦର ସେ ପଖାଳ ଖାଇଥିଲେ। ତାଙ୍କ ବଡ଼ ମା’ ତାଙ୍କୁ ଖୁଆଇ ଦେଇଥିଲେ। ଘରେ ମଧ୍ୟାହ୍ନ ଭୋଜନ କରିବା ପରେ ରାଇକଳା ଗାଁରେ ସାଧାରଣ ସଭାକୁ ସମ୍ବୋଧନ କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ସେ ପୂର୍ବର ବିଜେଡି ସରକାର ଉପରେ ବର୍ଷିଥିଲେ। ▶▶ପୃଷ୍ଠା ୭

## ବାଇକ ଡିକି ଭାଙ୍ଗି ନେଇଗଲେ ଟଙ୍କା ଓ ସୁନା

କେନ୍ଦୁଝର, ୨୪/୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅଧିନସ୍ଥରେ ଥିବା ଜୟନ୍ତୀ ଜୁଏଲର ସମ୍ମୁଖରୁ ଲକ୍ଷାଧିକ ଟଙ୍କାର ସୁନା, ରୂପା, ଅଳଙ୍କାର ସହ ନଗଦ ୬୦ହଜାର ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଲୁଟେରାମାନେ ଅତି ଚତୁରତାର ସହ ଦୋକାନ ସମୁଖକୁ ବିସ୍କୁଟ ପକାଇ ଅପରିଷ୍କାର କରିଦେଇଥିଲେ। ଆଜି ସକାଳ ପ୍ରାୟ ୯ଟାରେ ଦୋକାନୀ କୋଦଣ୍ଡଧର ସାହୁ ଦୋକାନ ଖୋଲିବାକୁ ଆସିଥିଲେ। ତାଙ୍କ ଦୋକାନ ଆଗରେ ଅଳିଆ ଆବର୍ଜନା ପଡ଼ିଥିବାରୁ ସଫା କରିବା ଲାଗି ଦୋକାନ ପଛପଟକୁ ପାଣି ଆଣିବାକୁ ଯାଇଥିଲେ। ସେତିକି ବେଳେ ଲୁଟେରା ମାନେ ତାଙ୍କ ବାଇକର ଡିକି ଭାଙ୍ଗି ସେଥିରେ ଥିବା ୫ଭରି ଓଜନର ସୁନା ଗହଣା, ଦେଢ଼ କିଲୋ ରୁ ଅଧିକ ରୂପା ▶▶ପୃଷ୍ଠା ୭

## ବଦଳିବ ଲକ୍ଷ୍ମୀ ବସ୍‌ର ନାଁ



ଭୁବନେଶ୍ୱର, ୨୪/୬ (ନି.ପ୍ର): ବଦଳିବ କି ଲକ୍ଷ୍ମୀ ବସର ନାଁ। ଲକ୍ଷ୍ମୀ ବସ୍ ସଂପର୍କିତ ପ୍ରଶ୍ନର ଉତ୍ତର ଦେଇ ପରିବହନ ମନ୍ତ୍ରୀ କହିଛନ୍ତି ଲକ୍ଷ୍ମୀ ବସ୍ ସେବା ନେଇ ଅଧିକ ତର୍ଜମା ଚାଲିଛି। ତେବେ ଲୋକଙ୍କୁ ବସ୍ ସେବା ଜାରି ରହିବ, ଏ ପ୍ରତିଶ୍ରୁତି ଦେଉଛୁ। ଯେଉଁ ସ୍ଥାନରୁ ବସ୍ ସେବା ନାହିଁ, ସେ ସ୍ଥାନର ଲୋକମାନଙ୍କୁ କିଭଳି ଭାବେ ବସ୍ ସେବା ଯୋଗାଇ ଦିଆଯିବ ସେ ନେଇ ପଦକ୍ଷେପ ନିଆଯାଉଛି। ଯେଉଁ ନାଁରେ ହେଉ ପଛେ ଲୋକମାନଙ୍କୁ ବସ୍ ସେବା ଯୋଗାଇ ଦିଆଯିବ। ନାଁ ବଦଳିପାରେ। ନାଁ ରେ କ’ଣ ଅଛି। ସେବା ମିଳିବା ଦରକାର ବୋଲି ମନ୍ତ୍ରୀ କହିଛନ୍ତି। ଓଟିଡିସି କାର୍ଯ୍ୟାଳୟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓଟିଡିସି କାର୍ଯ୍ୟର ସମୀକ୍ଷା କରିବା ପରେ ଏହା କହିଛନ୍ତି। ଏହି ଅବସରରେ ପରିବହନ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରୁ ଦେଶର ପ୍ରମୁଖ ତୀର୍ଥ ସ୍ଥଳୀକୁ ଆରମ୍ଭ ହେବ ବସ୍ ସେବା। ଅଯୋଧ୍ୟା, ତିରୁପତି, ମହାକାଳେଶ୍ୱର, ବାରାଣସୀ ଓ ବୃନ୍ଦାବନକୁ ଗଡ଼ିବ ବସ୍। ପୁରୀ, ଭୁବନେଶ୍ୱର, ବ୍ରହ୍ମପୁର ଓ ରାଉରକେଲା ଭଳି ପ୍ରମୁଖ ସ୍ଥାନରୁ ଏସବୁ ତୀର୍ଥ ସ୍ଥଳୀକୁ ବସ୍ ଚାଲିବ।

## କୌଣସି ଶକ୍ତି ସମ୍ବିଧାନକୁ ଛୁଇଁ ପାରିବନି: ରାହୁଲ ଗାନ୍ଧି



ନୂଆଦିଲ୍ଲୀ, ୨୪/୬ : କଂଗ୍ରେସ ନେତା ରାହୁଲ ଗାନ୍ଧି ସମୋବାର ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସମ୍ବିଧାନ ଉପରେ ଆକ୍ରମଣ କରୁଛନ୍ତି। ହେଲେ ଏହାକୁ ବିରୋଧୀ ମେଣ୍ଟ ଇଣ୍ଡିଆ କେବେ ହେଲେ ଗ୍ରହଣ କରିବ ନାହିଁ। କୌଣସି ଶକ୍ତି ଭାରତର ସମ୍ବିଧାନକୁ ସ୍ପର୍ଶ କରିପାରିବେ ନାହିଁ। ଏହାକୁ ଆମେ ସୁରକ୍ଷା ଯୋଗାଇ ଦେବୁ ବୋଲି ରାହୁଲ କହିଛନ୍ତି। ୧୮ତମ ଲୋକସଭା ଅଧିବେଶ ଆଜି ଠାରୁ ଆରମ୍ଭ ହୋଇଥିବା ବେଳେ ପ୍ରୋଟେମ ବାଚସ୍ପତି ନିଯୁକ୍ତିକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ବିଜେପି ପକ୍ଷରୁ ୭ଥରର ସାଂସ ଭର୍ତ୍ତୃହରି ମହତାବଙ୍କୁ ପ୍ରୋଟେମ ସ୍ପିକର ନିଯୁକ୍ତ କରାଯାଇଛି। ନିୟମ ଅନୁସାରେ ଗୃହର ସବୁଠାରୁ ବରିଷ୍ଠ ନେତାଙ୍କୁ ପ୍ରୋଟାମ ସ୍ପିକର କରାଯାଏ। ସେହି ଅନୁସାରେ ୮ଥର ଲୋକସଭା ନିର୍ବାଚନ ଜିତିଥିବା କଂଗ୍ରେସ କେ ସୁରେଶ ପ୍ରୋଟେମ ସ୍ପିକର ହେବା କଥା। ହେଲେ ବିଜେପି ଭର୍ତ୍ତୃହରିଙ୍କୁ ପ୍ରୋଟେମ ସ୍ପିକର କରିଥିବାରୁ ଏହାକୁ ବିରୋଧୀ ବିରୋଧ କରିଛନ୍ତି। ସମ୍ବିଧାନକୁ ଅଣଦେଖା କରି ବିଜେପି ଏପରି କରିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଥିପାଇଁ ଆଜି ସଂସଦ ପରିସରରେ ବିରୋଧୀ ମେଣ୍ଟ ଇଣ୍ଡିଆ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ରାହୁଲ ଗାନ୍ଧି ମଧ ସାମିଲ ହୋଇଥିଲେ। ଏହାପରେ ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଓ ଅମିତ ଶାହ ସମ୍ବିଧାନ ଉପରେ ଯେଉଁ ଆକ୍ରମଣ କରୁଛନ୍ତି, ତା’ହା ଆମକୁ ଗ୍ରହଣୀୟ ନୁହେଁ। ଏପରି ହେବାକୁ ଆମେ ଦେବୁ ନାହିଁ। ଏଥିପାଇଁ ଆମେ ▶▶ପୃଷ୍ଠା ୭

## ଲୋକସଭା ସଦସ୍ୟ ଭାବେ ଶପଥ ଗ୍ରହଣ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪/୬ (ନି.ପ୍ର): ସମ୍ବଲପୁର ଲୋକସଭା ଆସନରୁ ନିର୍ବାଚିତ ହୋଇ ମୋଦୀ ସରକାରଙ୍କ ତୃତୀୟ ପାଳିରେ ଶିକ୍ଷା ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଧର୍ମେନ୍ଦ୍ର ପ୍ରଧାନ ଆଜି ଲୋକସଭା ଭବନରେ ଓଡ଼ିଆ ଭାଷାରେ ସାଂସଦ ସଦସ୍ୟ ଭାବେ ଶପଥ ନେଇଛନ୍ତି । ୧୮ତମ ଲୋକସଭାର ଉଦଘାଟନୀ ଅଧିବେଶନ ଆରମ୍ଭ ହେବା ପରେ କାମଚଳା ବାଚସ୍ପତି ଭାବରେ ଦାୟିତ୍ୱ ନେଇଥିବା ସାଂସଦ ଭର୍ତ୍ତୃହରି ମହତାବ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସମେତ ନବନିର୍ବାଚିତ ସାଂସଦ ମାନଙ୍କୁ ଶପଥ ପାଠ କରାଇଥିଲେ । ଜୁଏଲ୍ ଓରାମ ମଧ ନିଜ ମାତୃଭାଷା ଓଡିଆରେ ଶପଥ ପାଠ କରିଥିଲେ, ଏହି ଦୁଇ କେନ୍ଦ୍ରମନ୍ତ୍ରୀ ଓଡ଼ିଆ ଭାଷାରେ ଶପଥ ପାଠ କରିଥିବା ▶▶ପୃଷ୍ଠା ୭

## କେଜ୍ରିଓ୍ୱାଲଙ୍କୁ ମିଳିଲାନି ଆଶ୍ୱସ୍ତି: ସୁପ୍ରିମକୋର୍ଟ କହିଲେ ଅପେକ୍ଷା କର



ନୂଆଦିଲ୍ଲୀ, ୨୪/୬ : ଜେଲ୍‌ରେ ରହିବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ। ତାଙ୍କୁ ଆଜି ବି ସୁପ୍ରିମକୋର୍ଟରୁ ମିଳିଲାନି ଆଶ୍ୱସ୍ତି। ମଦ ଦୁର୍ନୀତି ମାମଲାରେ କେଜ୍ରିଓ୍ୱାଲଙ୍କ ଅନ୍ତରୀଣ ଜାମିନ ଉପରେ ଦିଲ୍ଲୀ ହାଇକୋର୍ଟ ଲଗାଇଥିବା ରୋକ୍‌କୁ ହଟାଇବା ପାଇଁ ସୁପ୍ରିମକୋର୍ଟ ମନା କରି ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଅପେକ୍ଷ କର ଆଗକୁ କ’ଣ ହେଉଛି ଦେଖ। ଅମେ ଦିଲ୍ଲୀ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିବା ଉଚିତ୍। ଯଦି ହାଇକୋର୍ଟ ଏହାର ନିଷ୍ପତ୍ତି ସଂରକ୍ଷିତ ରଖିଛନ୍ତି ତେବେ ଏଥିରେ ହସ୍ତକ୍ଷେପ କରିବା ଉପଯୁକ୍ତ ନୁହେଁ। ମଙ୍ଗଳବାର ସୁଦ୍ଧା ହାଇକୋର୍ଟଙ୍କ ନିଷ୍ପତ୍ତି ଆସିବାର ସମ୍ଭାବନା ରହିଛି। ▶▶ପୃଷ୍ଠା ୭

## ସମ୍ବଲପୁର ଜିଲ୍ଲାର ୧୦୮ଟି ଗାଁ ବାଲ୍ୟ ବିବାହମୁକ୍ତ ଘୋଷିତ

ସମ୍ବଲପୁର, ୨୪/୬ (ନି.ପ୍ର): 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁକୂଳରେ ସମ୍ବଲପୁର ଜିଲ୍ଲାର ଧନକଉଡ଼ା, ବାମରା, କୁଚିଣ୍ଡା ଓ ଯୁଜୋମୁରା ବ୍ଲକ୍‌ର ୧୦୮ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବରେ ଘୋଷଣା କରାଯାଇଛି । ଜିଲ୍ଲା ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏକ ବୈଠକରେ ଏହି ସୂଚନା ଦିଆଯାଇଛି। ଜିଲ୍ଲାର ବ୍ଲକ୍ ମାନଙ୍କର ଅନ୍ୟ ସମସ୍ତ ଗ୍ରାମମାନଙ୍କୁ ମଧ୍ୟ ବାଲ୍ୟ ବିବାହମୁକ୍ତ ଗ୍ରାମ ଘୋଷଣା କରିବା ପାଇଁ ଆବଶ୍ୟକ ବିହାତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ନିର୍ଦ୍ଦେଶ ଦେଇଛନ୍ତି ।

## ଅଧିକାର ଓ କର୍ତ୍ତବ୍ୟ ଉଭୟେ ଉଭୟଙ୍କ ପରିପୂରକ; ସାମାଜିକ, ନ୍ୟାୟିକ, ଅର୍ଥନୈତିକ ଓ ରାଜନୈତିକ ଅଧିକାରରେ ସମାନତା ରହୁ

ବଲାଙ୍ଗିର, ୨୪/୬ (ନି.ପ୍ର): ଭାରତୀୟ ସମ୍ବିଧାନ ଦ୍ୱାରା ନାଗରିକଙ୍କୁ ଯେତିକି ଅଧିକାର ଦିଆଯାଇଛି ସେତିକି କର୍ତ୍ତବ୍ୟବୋଧ ମଧ୍ୟ ସ୍ଥିର କରାଯାଇଛି । ଜଣକର କର୍ତ୍ତବ୍ୟରେ ଅନ୍ୟମାନଙ୍କର ଅଧିକାର ସାବ୍ୟସ୍ତ ହୋଇଥାଏ । ତେଣୁ ନାଗରିକର ଅଧିକାର ଓ କର୍ତ୍ତବ୍ୟ ଉଭୟେ ଉଭୟଙ୍କ ପରିପୂରକ । ସମାଜରେ ନାଗରିକମାନଙ୍କ ସାମାଜିକ, ନ୍ୟାୟିକ, ଅର୍ଥନୈତିକ ଓ ରାଜନୈତିକ ଅଧିକାରରେ ସମାନତା ରହିଲେ ଲୋକଙ୍କୁ ଉଚିତ ନ୍ୟାୟ ମିଳିବ ବୋଲି ଆଜି ସ୍ଥାନୀୟ ପିପି ଏକାଡେମୀ ସ୍କୁଲର ସଭାକକ୍ଷରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସହାୟତାରେ ଭୂମୀକା ଓ ବିଚାର ପକ୍ଷରୁ "ଆଇନ ଓ ନ୍ୟାୟ" ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବଲାଙ୍ଗୀର ଜିଲ୍ଲା ଦୌରାଜଜ୍ ଡ.ପବିତ୍ରମୋହନ ସାମଲ ମତବ୍ୟକ୍ତ କରିଛନ୍ତି । ଡ.ସାମଲ ଆହୁରି କହିଲେ ଯେ, ସ୍ୱାଧିନତା ସମୟରେ ଲୋକଙ୍କ ପାଇଁ ବିଶେଷ ପରିମାଣରେ ମୌଳିକ ଅଧିକାର ସ୍ଥିର କରାଯାଇ ନଥିଲା । ପରେ ଅନେକଗୁଡିଏ ସମ୍ବିଧାନ ସଂଶୋଧନ କରାଯାଇ ଏହାକୁ ସାମିଲ କରାଯାଇଛି । ଯେମିତିକି ୫ରୁ ୧୪ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ପାଇଁ ଶିକ୍ଷାକୁ ବାଧ୍ୟତାମୂଳକ କରାଯାଇଛି । ଠିକ ସେହିପରି ୨୦୦୭ ମସିହାରେ ପ୍ରତ୍ୟେକ ନାଗରିକଙ୍କୁ ଦେଶର ସାର୍ବଜନୀନ ସମ୍ପତିକୁ ସୁରକ୍ଷାଦେବାର କର୍ତ୍ତବ୍ୟ ମଧ ଦିଆଯାଇଛି । ଆମେ ଆମର ଅଧିକାର ସାବ୍ୟସ୍ତ କରିବା ସହିତ ନିଜନିଜର କର୍ତ୍ତବ୍ୟବୋଧ ଉପରେ ସଚେତନ ହେବାର ଆବଶ୍ୟକତା ରହିଛି । ଆମର ଯେତେ ସମସ୍ୟା ରହିଛି ତାହାର ମୂଳଉତ୍ସକୁ ଜାଣିଲେ ତାହାର ସମାଧାନ ହୋଇପାରିବ । ଯେତେବଡ ସମସ୍ୟା ଥିଲେ ବି ତାକୁ ସ୍ମାଇଲ ଓ ସାଇଲେନ୍ସ ରହି ଅନୁଧ୍ୟାନ କରି ସମାଧାନ କରାଯାଇପାରିବ ବୋଲି ଡ.ସାମଲ କହିଥିଲେ । କେହି ଯେମିତି ନ୍ୟାୟରୁ ବଂଚିତ ନହେବେ ସେଥିପାଇଁ ଆଇନରେ ବ୍ୟବସ୍ଥା ରହିଛି । ଲିଗାଲସେଲ ମାଧ୍ୟମରେ ସାଧାରଣ ଜନତା ସେମାନଙ୍କର ନ୍ୟାୟିକ ଅଧିକାର ସାବ୍ୟସ୍ତ କରିପାରିବେ । ସେଥିପାଇଁ ତାଲୁକସ୍ତରରୁ ଜାତୀୟସ୍ତର ପର୍ଯ୍ୟନ୍ତ ଲିଗାଲସେଲ ରହିଛି । ଜିଲ୍ଲାସ୍ତରୀୟ ଲିଗାଲସେଲ ଜରିଆରେ ଅନେକ ଗରୀବଲୋକ ନ୍ୟାୟ ପାଇପାରୁଛନ୍ତି ବୋଲି ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିବା ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ବିନୟକୁମାର ପାତ୍ର କହିଥିଲେ । ବରିଷ୍ଠ ଆଇନଜୀବି ଭବାନୀଶଙ୍କର ଶତପଥିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୂମୀକାର ଚିତ ରଂଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଫେସର ମଧୁସୂଦନ ପତି, ଡ.ଅଭିମନ୍ୟୁ ମିଶ୍ର, ନାଗରିକ କମିଟିର ସଭାପତି ଡ଼ଃ. ଶ୍ରୀକର ମିଶ୍ର, ବରିଷ୍ଠନାଗରିକ ମଂଚର ସଭାପତି ପ୍ରଭାକର ମିଶ୍ର, ପ୍ରହ୍ଲାଦ ଶତପଥି,ନବକୃଷ୍ଣ ସାହୁ,ମନୋରଂଜନ ସାହୁ, ଇଂ. ବେଲାରସେନ ଭୋଇ, ସତ୍ୟନାରାୟଣ ମିଶ୍ର, ଧର୍ମେନ୍ଦ୍ର ପ୍ରସାଦ ନନ୍ଦ, ଅଖିଳ ହୋତା, ନୟନ ମହାନ୍ତି, ଅଧ୍ୟାପକ ଡ.ଗୌତୁକ ପଧାନ, ବ୍ୟାସଦେବ ନନ୍ଦ,ଅରୁଣ ମିଶ୍ରଙ୍କ ସମେତ ସହରର ବହୁବୁଦ୍ଧିଜୀବି ଓ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ।

## ଝାରସୁଗୁଡ଼ାର ପୂଜାରୀପାଲି-ଜରିମୁଲ ସେତୁ ନିର୍ମାଣ ଖୁବ୍ ଶୀଘ୍ର : ସୁରେଶ ପୂଜାରୀ

ସମ୍ବଲପୁର, ୨୪/୬ (ନି.ପ୍ର): ହୀରାକୁଦ ଜଳଭଣ୍ଡାରର ଇବ୍ ନଦୀ ଉପରେ ଝାରସୁଗୁଡ଼ା ଜିଲ୍ଲାକୁ ବରଗଡ଼ ଜିଲ୍ଲାକୁ ସଂଯୋଗ କରିବା ପାଇଁ ଖୁବ୍ ଶୀଘ୍ର ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଏହା ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅନ୍ତର୍ଗତ ପୂଜାରୀପାଲିରୁ ବରଗଡ଼ ଜିଲ୍ଲାର ଜରିମୁଲି ଘାଟକୁ ସଂଯୋଗ କରିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ମନ୍ତ୍ରୀ ହେବା ପରେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀକୁ ପ୍ରଥମ କରି ଗସ୍ତରେ ଆସି ଏହି ସୂଚନା ଦେଇଛନ୍ତି । ପୂର୍ବ ସରକାର ସମୟରେ ନିର୍ବାଚନକୁ ବାହାନା କରି ଏହି ଅତ୍ୟାବଶ୍ୟକ ସେତୁ ପ୍ରକଳ୍ପକୁ ଅଟକାଇ ଦିଆଯାଇଥିଲା । ଯେତେ ଶୀଘ୍ର ସମ୍ଭବ ଏହି ପ୍ରକଳ୍ପର ଟେଣ୍ଡର ଆହ୍ୱାନ ସହିତ ଭୂମିପୂଜା କରାଯିବ ବୋଲି ସେ କହିଛନ୍ତି । ନିର୍ବାଚନ ପୂର୍ବରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହାର ବୈଷୟିକ ଓ ଆର୍ଥିକ ବିଡ୍ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି । ତେବେ ପୂର୍ବ ସରକାର କାର୍ଯ୍ୟାଦେଶ ନ ଦେବାରୁ ପ୍ରକଳ୍ପ ବିଳମ୍ବ ହେଉଛି । ଏ ସମ୍ପର୍କରେ ନୂତନ ମନ୍ତ୍ରୀଙ୍କ ସହ ସେ ଆଲୋଚନା କରିଛନ୍ତି ବୋଲି ସୂଚନା ଦେଇଛନ୍ତି । ପୂର୍ବ ଟେଣ୍ଡର ବଳବ ର ରହିଲେ କେବଳ ଭୂମିପୂଜା କରାଯିବ ଏବଂ ନୂଆଁ ଟେଣ୍ଡର ହେଲେ ଅଗଷ୍ଟ ୧୫ ସୁଦ୍ଧା ଆବଶ୍ୟକ ପ୍ରକ୍ରିୟା ଉତାରୁ କାର୍ଯ୍ୟ ଆରମ୍ଭ କରାଯିବ । ଏହି ସେତୁ ପାଇଁ ୨୬୨ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି।

## ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଛାତ୍ରୀ ସାଂଚି ସିଂହଙ୍କ କୃତିତ୍ୱ

ବଲାଙ୍ଗିର, ୨୪/୬ (ନି.ପ୍ର): ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତାର ବାଳିକା ବିଭାଗରେ ବଲାଙ୍ଗିରର ସାଂଚି ସିଂହ କୃତିତ୍ୱ ହାସଲ କରିଛନ୍ତି। ବଲାଙ୍ଗୀର ସ୍ଥିତ ଆର.ଏନ. ସିଂହଦେଓ ଷ୍ଟାଡିୟମରେ ଗତ ଜୁନ ୨୨ ଓ ୨୩ ତାରିଖ ଦୁଇ ଦିନ ଧରି ଆୟୋଜିତ ସନ୍ତରଣ ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ୩ଟି ପଦକ ହାସଲ କରିଛନ୍ତି ସାଂଚି। ସେ ପୂର୍ବରୁ ମଧ ସମ୍ବଲପୁର, ଭୁବନେଶ୍ୱରରେ ଆୟୋଜିତ ସନ୍ତରଣ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିଲେ । ସାଂଚି ହେଉଛନ୍ତି ବଲାଙ୍ଗିରର ଯୁବ ବ୍ୟବସାୟୀ ସୁନିଲ ସିଂହ ଓ ପ୍ରିୟଙ୍କା ସିଂହଙ୍କ କନ୍ୟା ଏବଂ ଅବସରପ୍ରାପ୍ତ ଶିକ୍ଷକ ତଥା ଓଡିଶା ଅଲମ୍ପିକ ଏସୋସିଏସନ ର ପୂର୍ବତନ ଉପସଭାପତି ଶତ୍ରୁଘନ ସିଂହଙ୍କ ନାତୁଣୀ।

## ଅବିଭକ୍ତ କୋରାପୁଟ ଜିଲ୍ଲା ଜୟପୁରଠାରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ଜୟପୁର, ୨୪/୬ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲାର ଜୟପୁର ଠାରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସ୍ତରୀୟ ସମ୍ମିଳନୀ ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଜିଲ୍ଲା ସଭାପତି ତଥା ଆବାହକ କେ. ଶ୍ରୀନିବାସ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାଲକାନଗିରି, ରାୟଗଡା, ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲାର ସଂଘର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଆସନ୍ତା ଜୁଲାଇ ମାସ ୨୮ ତାରିଖରେ ଜୟପୁର ଠାରେ ରାଜ୍ୟସ୍ତରୀୟ ସମ୍ମିଳନୀ ନିମନ୍ତେ ନିଷ୍ପତି ନେଇଥିଲେ। ପ୍ରଥମଥର ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବାରୁ ସମ୍ମିଳନୀରେ ଓଡିଶାର ସମସ୍ତ ଜିଲ୍ଲାରୁ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିବେ। ସେଥିପାଇଁ ପ୍ରତିନିଧି ମାନଙ୍କ ରହିବା, ସମ୍ମିଳନୀର ସ୍ଥାନ ନିରୂପଣ, ଖାଦ୍ୟ ପେୟ, ମୁଖ୍ୟ ଅତିଥି ସମ୍ମାନୀୟ ଅତିଥି ମାନଙ୍କୁ ନିମନ୍ତ୍ରଣ, କୃତିତ୍ୱ ଅର୍ଜନ କରିଥିବା ପ୍ରତିନିଧି ଏବଂ ଅତିଥି ମାନଙ୍କୁ ସମ୍ମାନୀତ କରାଯିବ । ୨୯ ତାରିଖ ଦିନ ରାଜ୍ୟର ସମସ୍ତ ପ୍ରତିନିଧି ମାନେ ଗୁପ୍ତେଶ୍ୱର ପୀଠ ପରିଦର୍ଶନ କରିବା ପାଇଁ ନିଷ୍ପତି ନିଆଯାଇଛି । ଏଥିପାଇଁ ବିଭିନ୍ନ କମିଟି ଗଠନ କରାଯାଇ ସମ୍ମିଳନୀକୁ କିପରି ସାଫଲ୍ୟମଣ୍ଡିତ କରାଯିବ ସେଥିପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲ। ଏହି ବୈଠକରେ ରାଜ୍ୟ ସମ୍ପାଦକ ନୃସିଂହ ବ୍ରହ୍ମା, ମାଲକାନଗିରି ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ପାତ୍ର, ଉପଦେଷ୍ଟା ସିମାଂଚଳ ପାଣିଗ୍ରାହି, କାର୍ଯ୍ୟାଳୟ ସମ୍ପାଦକ ସତ୍ୟନାରାୟଣ ଦାସ, କୋଷାଧ୍ୟକ୍ଷ ହୃସିକେଷ ସେଠି, ନବରଙ୍ଗପୁର ଜିଲ୍ଲା ସଭାପତି ହୃସିକେଷ ମିଶ୍ର, ସମ୍ପାଦକ ଧିରେନ କୁମାର ପଣ୍ଡା, ଦେବି ପଟ୍ଟନାୟକ କରେଶ ଚନ୍ଦ୍ର ଉପାସି, କୋରାପୁଟ ଜିଲ୍ଲା କାର୍ଯ୍ୟକାର ସଭାପତି ଜୟସିଂଙ୍ଗ ପଡା ସେଠି, ସୁଦର୍ଶନ ସେନାପତି, ମନୋଜ ଦାସ, ସୁଭ ନାରାୟଣ ମହାନ୍ତି, ଚିତରଂଜନ ଚୌଧୁରୀ, ମନୋଜ ଦାସ, ମଧୁସୂଦନ ପାତ୍ର, କୃଷ୍ଣଚନ୍ଦ୍ର ଗଲରି, ଶ୍ୟାମ ଖିଲ, ଅଚ୍ୟୁତ ପଣ୍ଡା, ପି. ଗୋପାଳ ରାଓ, ଆନନ୍ଦ ଖରାଙ୍କ ସହ ୫୦ରୁ ଉର୍ଦ୍ଧ ସଦସ୍ୟ ଅଂଶଗ୍ରହଣ କରିଥିଲେ।

## ଅମଲା ମାନଙ୍କ ଦାବିର ପୁନଃ ବିଚାର ପାଇଁ ଅନୁରୋଧ କଲା ସଂଘ

ଜୟପୁର, ୨୪/୬ (ନି.ପ୍ର): ଓଡ଼ିଶା ଅମଲା ସଂଘର ଏକ ଜରୁରୀକାଳୀନ ବୈଠକ ସ୍ଥାନୀୟ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଓଡ଼ିଶା ଅମଲା ସଂଘ ସଭାପତି କୋରାପୁଟ ଜିଲ୍ଲା ଶାଖା ଶ୍ରୀ ଶଶୀ ଭୂଷଣ ଦାଶ୍ ଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟ ରତ ଅମଲା ମାନେ ଯୋଗଦାନ କରିଥିଲେ ।

ମୁଖ୍ୟତଃ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ଏକମାତ୍ର ନ୍ୟାର୍ଯ୍ୟ ଦାବି କନିଷ୍ଠ ସହାୟକ ମାନଙ୍କ ପ୍ରବେଶିକା ଦରମା ହାର ୪୨୦୦/- ଗ୍ରେଡ଼ ପେ ଦାବି ପୁରଣ ନିମନ୍ତେ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ସାଧାରଣ ନିର୍ବାଚନ ନିମନ୍ତେ ଆଦର୍ଶ ଆଚରଣ ବିଧି ଲାଗୁ ହେବାର କିଛି ଘଣ୍ଟା ପୂର୍ବରୁ ସରକାର ଅମଲା ମାନଙ୍କ ଉଦ୍ଦେଶ୍ୟରେ ପତ୍ର ସଂଖ୍ୟା ୮୮୯୮ ତା ୧୫.୦୩.୨୦୨୪ ରିଖ ରେ ଯେଉଁ ନିର୍ଧାରଣ ଜାରି କରିଥିଲେ ତାକୁ ପ୍ରତ୍ୟାହାର କରିବା ନିମନ୍ତେ ନୂତନ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ବୈଠକରେ ନିଷ୍ପତି ନିଆଯାଇଥିଲା । ଯେଉଁ ନିର୍ଧାରଣ ଯୋଗୁଁ ସମସ୍ତ ଅମଲା କ୍ଷତିଗ୍ରସ୍ତ ହେବାନେଇ ବୈଠକରେ ଆଲୋଚନା ହୋଇଥିଲା. ଅପରପକ୍ଷରେ କନିଷ୍ଠ ସହାୟକ ମାନଙ୍କ ଏକ ମାତ୍ର ନ୍ୟାର୍ଯ୍ୟ ଦାବି ପୂରଣ ନିମନ୍ତେ ସରକାରଙ୍କୁ ରାଜ୍ୟ ସଂଘ ଦାବି ଜଣାଇବା ନେଇ ଗୃହରେ ଆଲୋଚନା ହୋଇଥିଲା । ଦ୍ୱିତୀୟତଃ ଓଡ଼ିଶା ଅମଲା ସଂଘ ର ୮୧ ବର୍ଷ ପୂର୍ତ୍ତି ଉପଲକ୍ଷେ ତା ୧୭.୦୭.୨୦୨୪ ରିଖ ଦିନ ସଂଘର ଉତ୍ସବ ପାଳନ କରିବା ସହିତ ଅବସରପ୍ରାପ୍ତ ଅମଲା ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ନୂତନ ଭାବେ କନିଷ୍ଠ ସହାୟକ ପଦବୀରେ ଯୋଗଦାନ କରିଥିବା ଅମଲା ମାନଙ୍କୁ ସ୍ୱାଗତ କରିବା ନିମନ୍ତେ ବୈଠକ ରେ ଆଲୋଚନା ହୋଇଥିଲା। ଶେଷରେ ରାଜସ୍ୱ ସଂଘର କିଛି କର୍ମକର୍ତ୍ତା ଅମଲା ଭବନର ଦାୟିତ୍ୱ ହସ୍ତାନ୍ତର କରୁ ନଥିବା ନେଇ ବୈଠକରେ ସମସ୍ତେ ଉଦବେଗ ପ୍ରକାଶ କରିଥିଲେ ବାରମ୍ବାର ଜିଲ୍ଲା ସଂଘ, ରାଜ୍ୟ ସଂଘ ଓ ଗୃହ ବିଭାଗ ସେମାନଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ ମଧ୍ୟ ସେମାନେ ଦାୟିତ୍ୱ ହସ୍ତାନ୍ତର ନ କରିବା ଘଟଣାକୁ ଉପସ୍ଥିତ ସମସ୍ତ ଅମଲା ଅସନ୍ତୋଷ ପ୍ରକାଶ କରିଥିଲେ ।

ଏ ନେଇ ବାରମ୍ବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଏ ଯାଏଁ କୌଣସି ପଦକ୍ଷେପ ଗ୍ରହଣ କରି ନଥିବା ଓ ବାରମ୍ବାର ଟାଉନ ଥାନା ରେ ଅଭିଯୋଗ କରା ଯାଇଥିବା ଶ୍ରୀ ଦାଶ୍ ବୈଠକରେ ସୂଚନା ଦେଇଥିଲେ। ସର୍ବ ସମ୍ମତି କ୍ରମେ ତା ୩୦.୦୬.୨୦୨୪ ରିଖ ଦିନ ଏକ ସାମ୍ବାଦିକ ସମ୍ମିଳନୀ କରିବା ସହିତ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବା ଓ ରାଜ୍ୟ ସଂଘ ର ନେତୃବୃନ୍ଦ ଙ୍କ ଉପସ୍ଥିତି ରେ ଅମଲା ଭବନ ର ତାଲା ଭାଙ୍ଗି ଦାୟିତ୍ୱ ଗ୍ରହଣ କରି ପରବର୍ତ୍ତୀ ପଦକ୍ଷେପ ନେବା ପାଇଁ ସ୍ଥିର କରାଯାଇଥିଲା।

ଏଥିରେ ମୁଖ୍ୟତଃ ସଞ୍ଜୟ କୁମାର ପଣ୍ଡା, ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ରାଜେନ୍ଦ୍ର ନାରାୟଣ ପାଢ଼ୀ, ଯୁଗ୍ମ ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ସଞ୍ଜୟ କୁମାର ରଥ ଉପ ସଭାପତି ଓଡ଼ିଶା ଅମଲା ସଂଘ ଜୟପୁର ଉପଖଣ୍ଡ, ବରିଷ୍ଠ ସଦସ୍ୟ ଭବାନୀ ରଥ, ପ୍ରମୋଦ କୁମାର ଭୂୟାଁ, କିଶୋର ଚନ୍ଦ୍ର ଦାଶ୍, ଶତ୍ୟ ରଞ୍ଜନ ତ୍ରିପାଠୀ, ପ୍ରତିକ ମିଶ୍ର, ତ୍ରିନାଥ ପଣ୍ଡା, ଶିତାକାନ୍ତ ମହାପାତ୍ର ଙ୍କ ସମେତ ବହୁ ଅମଲା ଯୋଗଦାନ କରିଥିଲେ। ପରିଶେଷରେ ଶ୍ରୀ ଦାଶ୍ ସମସ୍ତ ଉପସ୍ଥିତ ଅମଲା ମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

## କେନ୍ଦ୍ରାପଡ଼ା କଂଗ୍ରେସର ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ବୈଠକ

କେନ୍ଦ୍ରାପଡ଼ା, ୨୪/୬ (ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନ ପରେ ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀଙ୍କ ପରାଜୟ ପରେ ପ୍ରଥମଥର ପାଇଁ ନିର୍ବାଚନୀ ସମୀକ୍ଷା ଓ କର୍ମୀ ବୈଠକ କଜଳା ସ୍ଥିତ ଜିଲ୍ଲା କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଂଗ୍ରେସ ନେତା ସଂଗ୍ରାମ କେଶରୀ ମଲିକ ଅତିଥି ପରିଚୟ ଓ ମଂଚ ପରିଚାଳନା କରିଥିବାବେଳେ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କାଉନସିଲର ଧରଣୀଧର ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମୀ ବୈଠକରେ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନୀ ମଣ୍ଡଳୀ ସ୍ତରୀୟ କର୍ମୀ ବୈଠକରେ କଂଗ୍ରେସ ବିଧାୟିକା ପ୍ରାର୍ଥୀ ଡ଼ଃ ସିପ୍ରା ମଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ହଳଧର ସେଠୀ, ସସ୍ମିତା ପଣ୍ଡା, ଅପର୍ଣ୍ଣା ମିଶ୍ର ପ୍ରମୁଖ ଯୋଗଦେଇ ଚଳିତ ନିର୍ବାଚନରେ କଂଗ୍ରେସ କର୍ମୀମାନଙ୍କର ପରିଶ୍ରମ ଫଳରେ କଂଗ୍ରେସ ପ୍ରାର୍ଥୀମାନଙ୍କର ସମ୍ମାନ ରକ୍ଷା ହୋଇପାରିଥିବା ଡ଼ଃ ମଲିକ ପ୍ରକାଶ କରିଥିଲେ। ଆସନ୍ତା ନିର୍ବାଚନରେ କଂଗ୍ରେସ ରାଜ୍ୟ କେନ୍ଦ୍ରରେ ପୁଣି ସରକାର ଗଢିବ ବୋଲି ବକ୍ତାମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ବିଭିନ୍ନ ପଂଚାୟତ ଓ ପୌରାଂଚଳରୁ ଆସିଥିବା କଂଗ୍ରେସ କର୍ମୀମାନେ ନିଜ ନିଜର ଅନୁଭୂତି ସଂପର୍କରେ ପ୍ରକାଶ କରିଥିଲେ। ଏହି କର୍ମୀ ସମ୍ମିଳନୀରେ କଂଗ୍ରେସ ନେତା ମହେନ୍ଦ୍ର ପରିଡ଼ା, ବିଦୂଭୂଷଣ ମହାପାତ୍ର, ହରିଶ ପଟ୍ଟନାୟକ, ବେଣୁଧର ସାହୁ, ନଗେନ୍ଦ୍ର ଜେନା, ରଶ୍ମିରଂଜନ ଚୌଧୁରୀ, ଭାରତ ଭୂଷଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିର ସାଧାରଣ ସଭା ସମାପିତ

ଭୁବନେଶ୍ୱର, ୨୪/୬ (ନି.ପ୍ର): ବିଦ୍ୟାଭାରତୀ, ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କର ପ୍ରାଦେଶିକ ସାଧାରଣ ସଭା ସରସ୍ୱତୀ ବିଦ୍ୟାମନ୍ଦିର, କେଶବଧାମ, କଟକଠାରେ ଉଦଯାପିତ ହୋଇଯାଇଅଛି ।ସଂଗଠନର ପ୍ରଦେଶ ସଭାପତି ଡଃ କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋପ ସମାରୋହରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଅଖିଳ ଭାରତୀୟ କାର୍ଯ୍ୟ କାରିଣୀ ସଦସ୍ୟ ମାନନୀୟ ସୁନୀଲପଦ ଗୋସ୍ୱାମୀ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପ୍ରାଚୀନ ଶିକ୍ଷା ବ୍ୟବସ୍ଥାରେ ଭାରତୀୟମାନଙ୍କ ଅବଦାନ ଓ ସନାତନୀ ଶିକ୍ଷା ପ୍ରଣାଳୀକୁ ଧ୍ୱଂସ କରିବା ପାଇଁ ଆକ୍ରମଣକାରୀଙ୍କର ବିଭିନ୍ନ ଷଡ଼ଯନ୍ତ୍ରକୁ ଦମନକରି ଆମ ଶିକ୍ଷା ପଦ୍ଧତିର ପୁନରୁତ୍ଥାନ କ୍ଷେତ୍ରରେ ବିଦ୍ୟାଭାରତୀଙ୍କର ଅବଦାନ ସଂପର୍କରେ ଆଲୋଚନା କରିଥିଲେ।ଏହି ଆନ୍ଦୋଳନରେ ଓଡିଶା ଅଗ୍ରଣୀ ଭୂମିକା ଅବଲମ୍ବନ କରୁଥିବାରୁ ଖୁସି ବ୍ୟକ୍ତ କରିଥିଲେ। ଦୀର୍ଘ ଦୁଇ ଦିନର କାର୍ଯ୍ୟକ୍ରମରେ ୮ଟି କାଳାଂଶରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ଚଳିତ ଶିକ୍ଷା ବର୍ଷରେ ତାହାର କ୍ରିୟାନ୍ୱୟନ ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ଯେପରି ଚାରି ଆୟାମ୍-(ବିଦ୍ୱତ୍ ପରିଷଦ, ଶୋଧ, ସଂସ୍କୃତି ବୋଧ ପରିଯୋଜନା,ପୂର୍ବ ଛାତ୍ର),ନୂତନ ଶିକ୍ଷାନୀତି,ଗୁଣବତ୍ତାର ବିକାଶ, ପରିବାର ପ୍ରବୋଧନ,ଜିଲ୍ଲା କେନ୍ଦ୍ର ସଶକ୍ତୀକରଣ, ବାର୍ଷିକ ଯୋଜନା, ଏ.ଟି.ଏଲ୍.,ଆର୍ଥିକ ବ୍ୟବସ୍ଥା ସୁପରିଚାଳନା, ବାର୍ଷିକ ବଜେଟ୍ ଓ ପତ୍ର ପତ୍ରିକା ଆଦି ବିଷୟରେ ଆଲୋଚନା କରାଯାଇ ବିକାଶନ୍ମୁଖୀ ଯୋଜନା ଓ ତା'ର କ୍ରିୟାନ୍ୱୟନ ଦିଗ ପ୍ରତି ଧ୍ୟାନ ଦିଆଯାଇଥିଲା।ବିଭିନ୍ନ ସମୟରେ ଡଃ କିଶୋର ଚନ୍ଦ୍ର ମହାନ୍ତି, ଡଃ ସରୋଜ କୁମାର ହାତୀ, ପ୍ରସନ୍ନ କୁମାର ବିଶ୍ୱାଳ, ସତ୍ୟନାରାୟଣ ପଟ୍ଟନାୟକ, ଡାକ୍ତର ଲକ୍ଷ୍ମୀକାନ୍ତ ମହାରଣା, ହେମନ୍ତ କୁମାର ପାଣିଗ୍ରାହୀ ଓ ଡଃ ତରୁଲତା ଦେବୀ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ମାର୍ଗଦର୍ଶନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ସ୍ତରରୁ ଆରମ୍ଭ କରି ପ୍ରାନ୍ତ, ସମ୍ଭାଗ, ଜିଲ୍ଲା ଓ ସଂକୁଳରୁ ୩୦୦ରୁ ଉର୍ଦ୍ଧ୍ୱ ପ୍ରବାସୀ କାର୍ଯ୍ୟକର୍ତ୍ତା ଓ ପୂର୍ଣ୍ଣକାଳୀନ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସରସ୍ୱତୀ ବିଦ୍ୟାମନ୍ଦିର, କେଶବଧାମ, କଟକର ପରିଚାଳନା ସମିତି, ପ୍ରଧାନ ଆଚାର୍ଯ୍ୟ ଓ ସେବାବ୍ରତୀ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

## ପାନୀୟ ଜଳ ଯୋଗାଣ ଦାବିରେ ଜାତୀୟ ରାଜପଥ ଅବରୋଧ

ବଲାଙ୍ଗିର, ୨୪/୬ (ନି.ପ୍ର): ପାନୀୟ ଜଳ ଯୋଗାଣ ଦାବିରେ ଆଜି ଜାତୀୟ ରାଜପଥ ଅବରୋଧ କରିଛନ୍ତି ଉତ୍ତ୍ୟକ୍ତ ଲୋକ । ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଫାସଡ଼ ଗ୍ରାମର ଗ୍ରାମବାସୀ ମାନେ ଏହି ରାସ୍ତାରୋକ କରିଛନ୍ତି । ବଲାଙ୍ଗିର- ସମ୍ବଲପୁର ରାସ୍ତାର ଫାସଡ଼ ଗ୍ରାମ ଠାରେ ଏହି ରାସ୍ତାରୋକ କରାଯାଇଛି । ଶତାଧିକ ମହିଳା ପୁରୁଷ ଗରା, ବାଲଟି ରଖି ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି। ମାସେ ହେବ ଗ୍ରାମକୁ ପାଇପ୍ ଯୋଗେ ପାଣି ଆସୁନଥିବାରୁ ଏହାର ପ୍ରତିବାଦରେ ଗ୍ରାମବାସୀ ମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଆଜି ଦିନ ୧୧ଟାରୁ ଏହି ରାସ୍ତା ଅବରୋଧ ଆରମ୍ଭ ହୋଇଥିବା ବେଳେ ଖବର ପାଇ ସ୍ଥାନୀୟ ପୋଲିସ ଓ ବିଭାଗୀୟ ଅଧିକାରୀ ମାନେ ଘଟଣାସ୍ଥଳରେ ପହଂଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଛନ୍ତି । ଅନ୍ୟପକ୍ଷରେ ରାସ୍ତାରୋକ ଯୋଗୁଁ ବଲାଙ୍ଗିର- ସମ୍ବଲପୁର ରୁଟ୍ ରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଛି ।

## ମୁଖ୍ୟମନ୍ତ୍ରୀଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ: ବିଦ୍ୟୁତ୍ ଆଘାତରେ ମରିଥିବା ଗୋରୁଙ୍କ ମାଲିକଙ୍କୁ ମିଳିବ କ୍ଷତିପୂରଣ

କେନ୍ଦ୍ରାପଡ଼ା, ୨୪/୬ (ନି.ପ୍ର): କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇର ତରଡିପାଳ ପଂଚାୟତ ତୁଳସୀବିହା ଗ୍ରାମରେ ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୬ଟି ଗୃହପାଳିତ ଗାଇ, ବଳଦ, ବାଛୁରୀଙ୍କର ମୃତ୍ୟୁ ଘଟିଥିଲା । ଏହାକୁ ନେଇ ସଂପୃକ୍ତ ଅଂଚଳରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବାରୁ ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ ଘଟଣାସ୍ଥଳ କୁ ଯାଇ ଗାଇ ମାଲିକମାନଙ୍କୁ ସମବେଦନା ଜଣାଇଥିଲେ। ଏନେଇ ବିଜେପି ନେତ୍ରୀ ଶ୍ରୀମତୀ ସେଠୀ ତୁରନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅବଗତ କରାଇବାରୁ ତାଙ୍କ ନିର୍ଦ୍ଦେଶରେ ସଂପୃକ୍ତ ଗାଇ ମାଲିକ ମାନଙ୍କୁ କ୍ଷତିପୁରଣ ଦିଆଯିବାକୁ ନିର୍ଦ୍ଦେଶ ଆସିଛି । ଏନେଇ ଜିଲ୍ଲାପାଳଙ୍କ ଦପ୍ତର ରୁ ଟିପିସିଓଡିଏଲ୍ କମ୍ପାନୀକୁ କ୍ଷତିପୁରଣ ଦେବାକୁ ନିର୍ଦ୍ଦେଶ ଆସିବା ପରେ ତୁଳସୀବିହା ଗ୍ରାମର ଭଗବାନ ସେଠୀ, ଭାରତୀ ଜଡି, ଦାମୋଦର ସେଠୀ, ବସନ୍ତ ସେଠୀ, ଦିଲିପ ସେଠୀ, ବାଇଧର ତରାଇ ପ୍ରମୁଖ ଆର୍ଥିକ କ୍ଷତିପୁରଣ ପାଇବେ। ତେବେ ଗାଈ ଓ ବଳଦ ପାଇଁ ୩୦ ହଜାର ଟଙ୍କା, ଛଡା ପାଇଁ ୨୫ ହଜାର ଟଙ୍କା ଓ ବାଛୁରୀ ପାଇଁ ୧୬ ହଜାର ଟଙ୍କା ଲେଖାଏଁ ସଂପୃକ୍ତ ଗାଈ ଗୋରୁ ମାଲିକମାନେ ପାଇବେ ବୋଲି ଜଣାପଡିଛି । ପରେ ବିଧାୟକ ଗଣେଶ୍ୱର ବେହେରା ଘଟଣାସ୍ଥଳ ରେ ପହଁଚି ସମବେଦନା ଜଣାଇଛନ୍ତି।

## ହରିଚନ୍ଦନପୁର ପ୍ରେସ କ୍ଲବ ପକ୍ଷରୁ ନବ ନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା

ହରିଚନ୍ଦନପୁର, ୨୪/୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ତେଲକୋଇ ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ଭାରତୀୟ ଜନତା ପାର୍ଟିର ବିଧାୟକ ଡାକ୍ତର ଫକୀର ମୋହନ ନାଏକ ହରିଚନ୍ଦନପୁର ପରିଦର୍ଶନ ଆସିଥିଲେ । ହରିଚନ୍ଦନପୁର ପ୍ରେସ୍ କ୍ଲବର ସଭାପତି ଶ୍ରୀନିବାସ ପାଇକରାୟଙ୍କ ନେତୃତ୍ୱରେ କ୍ଲବ ପକ୍ଷରୁ ବିଧାୟକଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଦୀର୍ଘ ଦିନରୁ ହରିଚନ୍ଦନପୁର ବ୍ଲକର ମୁଖ୍ୟ ମୌଳିକ ସମସ୍ୟା ଗୁଡ଼ିକ ମଧ୍ୟରେ ବ୍ଲକ ମୁଖ୍ୟାଳୟ ବଜାରରେ ଶୌଚାଳୟ ନିର୍ମାଣ, କଲ୍ୟାଣୀ ମଣ୍ଡପ, ଡାକ ବଙ୍ଗଳା ନିର୍ମାଣ, ଲାଇବ୍ରେରୀ ସ୍ଥାପନ, ଖେଳକୁଦ ପାଇଁ ମିନି ଷ୍ଟାଡିୟମ, ବଜାରରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା, ହରିଚନ୍ଦନପୁର ଠାରୁ ତେଲକୋଇକୁ ପୂର୍ତ୍ତ ବିଭାଗର ରାସ୍ତା ନିର୍ମାଣ, ହରିଚନ୍ଦନପୁର ଠାରୁ ଦୈତାରି ରାସ୍ତାର ରେବଣାରୁ ଦୈତାରି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଚାଷୀଙ୍କ ବୃହତ ସ୍ୱାର୍ଥ ନିମନ୍ତେ ହରିଚନ୍ଦନପୁରରେ ଅର୍ଦ୍ଧ ନିର୍ମିତ ଧାନ ମଣ୍ଡି ଗୋଦାମ ଗୃହ ସମ୍ପୂର୍ଣ୍ଣ କରାଯିବା ନିମନ୍ତେ ପ୍ରେସ କ୍ଲବ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି । ଲୋକଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉପରୋକ୍ତ ଦାବି ଗୁଡ଼ିକୁ କାର୍ଯ୍ୟକ୍ଷମ କରାଇଲେ ହରିଚନ୍ଦନପୁର ଅଂଚଳବାସୀ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ମରୁଡ଼ି: ମିଳିପାରୁନି ୟୁଜିସି ମାନ୍ୟତା, ତେଜୁଛି ଅସନ୍ତୋଷ

ବ୍ରହ୍ମପୁର, ୨୪/୬ (ନି.ପ୍ର): ରାଜ୍ୟରେ ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ ମହାବିଦ୍ୟାଳୟର ସୁନାମ ରହିଥିଲା। ସରକାର ଖଲ୍ଲିକୋଟ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଘୋଷଣା କଲେ ସତ କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ଶିକ୍ଷାନୁଷ୍ଠାନଟି ୟୁଜିସି ମାନ୍ୟତା ପାଇପାରିନାହିଁ। ଏହାକୁ ନେଇ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦକ୍ଷିଣ ଓଡ଼ିଶାର ସର୍ବପୁରାତନ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରୁ ଖଲ୍ଲିକୋଟ ବିଶ୍ୱବିଦାଳୟଟି ବେଶ ପରିଚିତ। ଏହି ଶିକ୍ଷାନୁଷ୍ଠାନରେ ଏବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଉଥିବା ନେଇ ଅଭିଯୋଗ ହୋଇଛି। ବର୍ତ୍ତମାନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନାମରେ ନାମକରଣ କରାଯାଇଛି। ଖଲ୍ଲିକୋଟ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମହାବିଦ୍ୟାଳୟ ଘୋଷଣା କରାଯିବା ପରେ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଯାଇଥିଲା। କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ପରେ ଖଲ୍ଲିକୋଟ ଗବେଷଣା ବିଶ୍ୱବିଦ୍ୟାଳୟ ଏବଂ ବର୍ତ୍ତମାନ ଏହାକୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଭାବେ ନାମିତ କରାଯାଇଛି। ଖଲ୍ଲିକୋଟ ଗବେଷଣା ବିଶ୍ୱବିଦ୍ୟାଳୟ ଥିବା ବେଳେ ଏହାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ଯୋଡ଼ି ଦେଇଥିଲେ। ତେବେ ଭିନ୍ନ ଭିନ୍ନ ସମୟରେ ଏହାର ନାମକରଣ ହୋଇଥିବା ଯୋଗୁଁ ୟୁଜିସି କର୍ତ୍ତୃପକ୍ଷ କେଉଁ ବିଶ୍ୱବିଦ୍ୟାଳୟ ନାମରେ ମାନ୍ୟତା ଦିଆଯିବ ବୋଲି ରାଜ୍ୟ ଉଚ୍ଚଶିକ୍ଷା ବିଭାଗକୁ ସ୍ପଷ୍ଟୀକରଣ ମାଗିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଝୁଲନ୍ତା ଅବସ୍ଥାରେ ରହିଛି। ୟୁଜିସି ମାନ୍ୟତା ମିଳିନଥିବା ଯୋଗୁଁ ଏହି ଶିକ୍ଷାନୁଷ୍ଠାନକୁ କୌଣସି ଅନୁଦାନ ମିଳିପାରୁନାହିଁ। ୟୁଜିସି ମାନ୍ୟତା ନମିଳିବା କାରଣରୁ ଏଠାରୁ କୃତକାର୍ଯ୍ୟ ହେଉଥିବା ଛାତ୍ରଛାତ୍ରୀଙ୍କୁ ପ୍ରଦତ୍ତ ପ୍ରମାଣପତ୍ର ଅନ୍ୟ କୌଣସି ରାଜ୍ୟରେ ଦାଖଲ ସମୟରେ ତାହା ବୈଧ କି ନୁହେଁ ସେଥିନେଇ ବି ସମସ୍ୟା ଦେଖାଦେଉଛି। ଏଥିପାଇଁ ଅନେକ ସମୟରେ ଛାତ୍ରଛାତ୍ରୀଙ୍କୁ ନାକେଦମ ହେବାକୁ ପଡୁଛି। ଏଭଳିକି ଅନେକ ସମୟରେ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବାକୁ ପଡୁଛି। ୧୮୭୮ରେ ସ୍ଥାପିତ ଏହି ଶିକ୍ଷାନୁଷ୍ଠନରେ ବର୍ତ୍ତମାନ ସ୍ନାତକୋତ୍ତରରେ ୧୮ଟି ନିୟମିତ, ୪ଟି ସେଲ୍ଫ ଫାଇନାନ୍ସ ଓ ସ୍ନାତକରେ ୧୭ଟି ପାଠ୍ୟକ୍ରମରେ ଶିକ୍ଷାଦାନ ଚାଲୁଛି। ଏହି ବିଶ୍ୱବିଦ୍ୟାଳୟର ଯେଉଁ ଶୈକ୍ଷିକ ବାତାବରଣ ରହିଛି ତା'କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି ଗବେଷଣା ଉପଯୋଗୀ ପରିବେଶ ନଥିବା ଯୋଗୁଁ ଶୃଙ୍ଖଳିତ ପରିଚାଳନାର ଘୋର ଅଭାବ ଦେଖାଦେଇଛି। ନୂତନ ଶିକ୍ଷାବର୍ଷ ଆରମ୍ଭରୁ ୧୧୨ଟି ଶିକ୍ଷକ ଓ ୧୯ଟି ଅଣଶିକ୍ଷକ ପଦ ଖାଲି ପଡ଼ିଛି। ଅଧ୍ୟାପକ ଅଭାବ ପାଇଁ ୧୮ ତାରିଖରୁ ଶିକ୍ଷାନୁଷ୍ଠାନ ଖୋଲିଥିଲେ ମଧ ପାଠପଢ଼ା ସ୍ୱାଭାବିକ ହୋଇପାରିନାହିଁ। କର୍ମଚାରୀ ଅଭାବରୁ ଠିକ ସମୟରେ ପରୀକ୍ଷା ପରିଚାଳନା ମଧ ହୋଇପାରୁନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରେ ଆଜି ପର୍ଯ୍ୟନ୍ତ ସ୍ଥାୟୀ କୁଳପତି ନିଯୁକ୍ତି ହୋଇପାରିନାହାନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ଭାରପ୍ରାପ୍ତ କୁଳପତି ପାଇଁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶିକ୍ଷକ ଅଭାବକୁ ଦୂର କରିବା ଲାଗି ୧୫ ଜଣଙ୍କୁ ଅନ୍ୟତ୍ର ଶିକ୍ଷାନୁଷ୍ଠାନରୁ ଅଣାଯାଇ କାମଚଳା ନୀତିରେ ଅଣାଯାଇଛି। ଗଣିତ, ଅର୍ଥନୀତି, ଦର୍ଶନଶାସ୍ତ୍ର ଓ ହିନ୍ଦୀ ବିଭାଗରେ ଜଣେହେଲେ ବି ପ୍ରାଧ୍ୟାପକ ନାହାନ୍ତି। ଗତବର୍ଷ ନିଯୁକ୍ତି ପାଇଥିବା ୫୨ଜଣ ଅତିଥି ଅଧ୍ୟାପକଙ୍କ କାର୍ଯ୍ୟକାଳ ଏପ୍ରିଲରେ ସରିଲା ପରେ ଆଉ ସେମାନଙ୍କ ନବୀକରଣ କରାଯାଇନାହିଁ। କର୍ମଚାରୀ ଅଭାବ ସିଧାସଳଖ ପରୀକ୍ଷା ପରିଚାଳନା, ନାମଲେଖା ପ୍ରକ୍ରିୟା ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟରେ ସମସ୍ୟା ଆଣୁଛି। ଏନେଇ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଦାଶଙ୍କୁ ପଚାରିବାରୁ ସମସ୍ୟା ସଂପର୍କରେ ଉଚ୍ଚଶିକ୍ଷା ବିଭାଗ ଓ ଏଆଇୟୁର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଭଳି ଅଭାବନୀୟ ପରିସ୍ଥିତିକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଅତିଥି ଅଧ୍ୟାପକଙ୍କ ନିଯୁକ୍ତି ଶେଷ ପର୍ଯ୍ୟାୟରେ ଅଛି ଓ ଜୁଲାଇ ଦ୍ୱିତୀୟ ସପ୍ତାହ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ସେମାନଙ୍କୁ କାର୍ଯ୍ୟରେ ନିୟୋଜନ କରାଯିବ ବୋଲି କହିଥିଲେ। ସମସ୍ୟାର ସମାଧାନ କରିବା ପାଇଁ ସେ ଉଦ୍ୟମ ଜାରି ରଖିଥିବା କହିଛନ୍ତି।

# ପିଲା ଅଧିକ ଖେଳୁଥିଲେ ଚିଡୁଛନ୍ତି କି, ତେବେ କରୁଛନ୍ତି ଭୁଲ୍; ଜାଣନ୍ତୁ ପିଲା ଖେଳିଲେ କ'ଣ ହୁଏ



**ଅଧିକାଂଶ ପିଲା ଖେଳିବାରେ ସେମାନଙ୍କର ଅନେକ ସମୟ ବିତାଇବାକୁ ପସନ୍ଦ କରନ୍ତି। ସେହିପରି ଅନେକ ବାପାମାଆ ଅଛନ୍ତି ଯେଉଁମାନେ ସେମାନଙ୍କ ପିଲାମାନଙ୍କୁ କମ୍ ଖେଳିବାକୁ ପରାମର୍ଶ ଦେଉଥିବା ଦେଖାଯାଏ। ଆପଣ ଯଦି ଆପଣ ବି ଏମିତି କରୁଛନ୍ତି ତେବେ ଜାଣନ୍ତୁ।**

**ଅଧିକାଂଶ ପିଲା ଖେଳିବାରେ ସେମାନଙ୍କର ଅନେକ ସମୟ ବିତାଇବାକୁ ପସନ୍ଦ କରନ୍ତି। ସେହିପରି ଅନେକ ବାପାମାଆ ଅଛନ୍ତି ଯେଉଁମାନେ ସେମାନଙ୍କ ପିଲାମାନଙ୍କୁ କମ୍ ଖେଳିବାକୁ ପରାମର୍ଶ ଦେଉଥିବା ଦେଖାଯାଏ। କିନ୍ତୁ ଆପଣ ଜାଣନ୍ତି କି ପିଲାମାନଙ୍କ ପାଇଁ ଖେଳିବା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ? ଅନେକ ବାପାମାଆ ଅଛନ୍ତି ଯେଉଁମାନେ ପିଲାମାନଙ୍କୁ ସବୁବେଳେ ଖେଳଖୁଦ କରିବାକୁ ପସନ୍ଦ କରନ୍ତି ନାହିଁ। ସେମାନେ ନିଜ ପିଲାମାନଙ୍କୁ ଖେଳିବା ପରିବର୍ତ୍ତେ ପାଠ ପଢ଼ିବାକୁ ପରାମର୍ଶ ଦିଅନ୍ତି। କିନ୍ତୁ ପିଲାମାନଙ୍କର ବିକାଶ ପାଇଁ, ପାଠପଢ଼ା ସହିତ ଖେଳିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଆସନ୍ତୁ ପିଲାମାନଙ୍କ ପାଇଁ ଖେଳିବାର କିଛି ଅନନ୍ୟ ଲାଭ ବିଷୟରେ ଜାଣିବା।**

**ଦକ୍ଷତାର ବିକାଶ:**
ଖେଳ ପିଲାମାନଙ୍କୁ ଦକ୍ଷତା ବିକାଶରେ ସାହାଯ୍ୟ କରେ। ଏହା କେବଳ ପିଲାମାନଙ୍କର ବୌଦ୍ଧିକ ଦକ୍ଷତା ବିକାଶ କରେ ନାହିଁ ବରଂ ପିଲାମାନଙ୍କୁ ମାନସିକ ସ୍ତରରେ ଖୁସି ଏବଂ ସୁସ୍ଥ ରଖେ। ଏଥି ସହିତ, ଏକ ଦଳରେ ଖେଳିବା ଦ୍ୱାରା ପିଲାମାନେ ଦଳଗତ କାର୍ଯ୍ୟ, ଧୈର୍ଯ୍ୟ, ନେତୃତ୍ୱ ଭଳି ଗୁଣ ମଧ୍ୟ ଶିଖନ୍ତି। ଏହା ସେମାନଙ୍କର ବ୍ୟକ୍ତିତ୍ୱ ଏବଂ ଅଧ୍ୟୟନ ଉପରେ ମଧ୍ୟ ସକରାତ୍ମକ ପ୍ରଭାବ ପକାଇଥାଏ।

**ଶାରୀରିକ ସୁସ୍ଥତା:**
ଅନେକ ସମୟରେ ଖଣ୍ଡିଆଖାବରା ହେବାର ଭୟରେ ବାପାମାଆ ନିଜ ପିଲାମାନଙ୍କୁ ଆଦୌ ଖେଳିବାକୁ ଦିଅନ୍ତି ନାହିଁ। ତେବେ ଖେଳିବା ସମୟରେ ସାମାନ୍ୟ ଆଘାତ ପିଲାମାନଙ୍କୁ ଶାରୀରିକ ଭାବରେ ଶକ୍ତିଶାଳୀ କରିଥାଏ। ପିଲାମାନଙ୍କ ପାଇଁ ଖେଳ ହେଉଛି ସର୍ବୋତ୍ତମ ବ୍ୟାୟାମ। ଏହା ଦ୍ୱାରା ପିଲାମାନଙ୍କର ଶାରୀରିକ ବିକାଶ ବହୁତ ଶୀଘ୍ର ହୁଏ ଏବଂ ପିଲାମାନେ ସୁସ୍ଥ ରୁହନ୍ତି।

**ସାମାଜିକ ଦକ୍ଷତାରେ ବୃଦ୍ଧି:**
ଅନ୍ୟ ପିଲାମାନଙ୍କ ସହିତ ଖେଳିବା ଦ୍ୱାରା ପିଲାମାନଙ୍କରେ ସାମାଜିକ ଦକ୍ଷତା ବିକାଶ ହୁଏ। ଏହା ମାଧ୍ୟମରେ ପିଲାମାନେ ଅନ୍ୟମାନଙ୍କ ସହିତ ଯୋଗାଯୋଗ କରିବାକୁ ଶିଖନ୍ତି। ଆହୁରି ମଧ୍ୟ, ଏକ ଦଳରେ ରହି ପିଲାମାନେ ପରସ୍ପର ସହ ସହଯୋଗ କରିବାକୁ ଏବଂ ଏକଜୁଟ ହୋଇ ରହିବାକୁ ଶିଖନ୍ତି। ଏପରି ପରିସ୍ଥିତିରେ ପିଲାମାନଙ୍କର ମାନସିକ ଦକ୍ଷତା ମଧ୍ୟ ଶୀଘ୍ର ବିକଶିତ ହୁଏ।

**ପାଠପଢ଼ାରେ ବେଷ୍ଟ:**
ପିଲାମାନଙ୍କ ଖେଳର ପ୍ରଭାବ ସେମାନଙ୍କ ଅଧ୍ୟୟନରେ ମଧ୍ୟ ପଡିଥାଏ। ନିୟମିତ ଖେଳିବା ପିଲାମାନଙ୍କ ମଧ୍ୟରେ କଠିନ ପରିଶ୍ରମ ଏବଂ ଉତ୍ସର୍ଗୀକୃତତାର ଆତ୍ମବିକାଶ କରେ। ଯେଉଁ କାରଣରୁ ପିଲାମାନେ ପାଠପଢ଼ାରେ ସର୍ବୋତ୍ତମ ପ୍ରଦର୍ଶନ ଦିଅନ୍ତି ଏବଂ ସମସ୍ତ ଦୈନନ୍ଦିନ କାର୍ଯ୍ୟକୁ ଅତି ଦକ୍ଷତାର ସହିତ କରନ୍ତି।

**ଯୋଗାଯୋଗ ଦକ୍ଷତା ବୃଦ୍ଧି:**
ସାଙ୍ଗମାନଙ୍କ ସହିତ ଖେଳିବାବେଳେ ଲଢେଇ-ଝଗଡା ଏବଂ ହାରିବା-ଜିତିବା ଏକ ସାଧାରଣ କଥା। କିନ୍ତୁ, ପିଲାମାନଙ୍କର ଯୋଗାଯୋଗ ଦକ୍ଷତା ଉପରେ ଏହାର ସକରାତ୍ମକ ପ୍ରଭାବ ପଡିଥାଏ। ଖେଳିବା ପିଲାମାନଙ୍କର ଆତ୍ମବିଶ୍ୱାସ ବଢାଇଥାଏ। ଯେଉଁଥିପାଇଁ ପିଲାମାନଙ୍କର ଯୋଗାଯୋଗ ଶୈଳୀ ମଧ୍ୟ ଶକ୍ତିଶାଳୀ ହୁଏ ଏବଂ ପିଲାମାନେ ସମସ୍ତଙ୍କ ସାମ୍ନାରେ ସାହସର ସହିତ ନିଜର ମତ ପ୍ରକାଶ କରିବାକୁ ଶିଖନ୍ତି।



# ଘରେ ତିଆରି କରନ୍ତୁ କଙ୍କଡ଼ାର ଏହି ସୁନ୍ଦର ରେସିପି

ଆବଶ୍ୟକ ସାମଗ୍ରୀ: କଙ୍କଡ଼ା, ସାରୁ, ଅଦା ବଟା, ରସୁଣ ବଟା, କଟା ପିଆଜ, ଗରମ ମସଲା, ହଳଦୀ ଗୁଣ୍ଡ, , ଧନିଆ ପତ୍ର, ତେଜ ପତ୍ର, ତେଲ ଓ ଲୁଣ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଙ୍କଡ଼ାକୁ ସିଝାଇ ଦିଅନ୍ତୁ।ଏହା ସିଝି ଗଲା ପରେ ଏହାକୁ ଭଲ ଭାବରେ ବନାଇ ଦିଅନ୍ତୁ। ପରେ ସେଥିରେ ଲୁଣ, ହଳଦୀ ପକାଇ ଭାଜି ଦିଅନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ କଟା ପିଆଜକୁ ସେଥିରେପକାଇ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। କିଛି ସମୟ ପରେ ସେଥିରେ, ଅଦା,ରସୁଣ ପେଷ୍ଟ ପକାଇ କିଛି ସମୟ ପର୍ଯ୍ୟନ୍ତ କଷନ୍ତୁ। ମସଲା ଟିକେ କଷି ହେବା ପରେ ସେଥିରେ ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ ହଳଦୀ ଗୁଣ୍ଡ ପକାଇ କିଛି ସମୟ ପାଇଁ କଷନ୍ତୁ।
ମସଲା ପ୍ରସ୍ତୁତ ହୋଇଯିବା ପରେ ପୂର୍ବରୁ ରହିଥିବା ସିଝା ସାରୁ, ଭଜା କଙ୍କଡ଼ା ପକାନ୍ତୁ।ଏହା ସହ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ପରେ ସେଥିରେ ଆବଶ୍ୟକ ଅନୁସାରେ ପାଣି ଦେଇ କିଛି ସମୟ ପାଇଁ ଫୁଟି ବାକୁ ଛାଡ଼ି ଦିଅନ୍ତୁ। ପରେ ଧନିଆପତ୍ର ଓ ଗରମ ମସଲା ପକାଇ ଗ୍ୟାସରୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କଙ୍କଡ଼ା ବେସର।




# ମାଟି ଶଙ୍ଖରୁ ପରିଚୟ




ପୂଜା ପର୍ବ ହେଉ ଅବା କୌଣସି ଶୁଭ କାର୍ଯ୍ୟ, ସେଥିରେ ବାଜି ଉଠେ ଶଙ୍ଖ। ଆଉ କମ୍ପିଉଠେ ଚଉପାଖ। ହେଲେ ମାଟି ଶଙ୍ଖ ବି ବାଜି ଉଠେ ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ। ହାତ ତିଆରି ମାଟି ଶଙ୍ଖ ଅବିକଳ ଶଙ୍ଖ ପରି ବାଜୁଛି। ଏପରି ଏକ ନିଆରା ହାତ ତିଆରି ମାଟି ଶଙ୍ଖ ନିର୍ମାଣର ଆଦ୍ୟ କାରିଗର ହେଉଛନ୍ତି ବାଲେଶ୍ୱର ଜିଲ୍ଲା ରେମୁଣାର ଦୁର୍ଗାଦେବୀସ୍ଥିତ କୁଡ଼ିଆର ବିମଳା ରଥ। ତାଙ୍କ ଅଙ୍ଗୁଳି ପରଶରେ ଜୀବନ୍ୟାସ ପାଏ ମାଟି ପିଣ୍ଡୁଳା ଏବଂ ବାଜି ଉଠେ ମାଟି ଶଙ୍ଖ। ଏହାକୁ ଶୁଣି ଅନେକ ଚକିତ ମଧ୍ୟ ହେଉଛନ୍ତି। ବିନା ମେସିନ୍ ବା ଚକ ପ୍ରୟୋଗରେ ସେ ହାତରେ ତିଆରି କରୁଛନ୍ତି ମାଟି ଶଙ୍ଖ। ଆଉ ତା ଉପରେ ତୁଳୀରେ ରଙ୍ଗ ଦେବା ପରେ ତାହା ଶଙ୍ଖରେ ପରିଣତ ହୋଇଯାଉଛି। କେବଳ ମାଟି ଶଙ୍ଖ ନୁହେଁ ମାଟିରେ ସେ ବିଭିନ୍ନ ମୂର୍ତ୍ତି, ଫୁଲଦାନୀ, ହାତୀ, ଘୋଡା, ଡିଙ୍କି ଆଦି ଘର ସଜ୍ଜା ବିଭିନ୍ନ ସାମଗ୍ରୀ ହାତରେ ତିଆରି କରନ୍ତି। କିଛି ମହିଳା ତାଙ୍କ ନିକଟରେ କାମ ମଧ୍ୟ କରନ୍ତି। ବାଲେଶ୍ୱର ଜିଲ୍ଲା ରେମୁଣାର ଦୁର୍ଗାଦେବୀସ୍ଥିତ କୁଡ଼ିଆରେ ବିମଳା ରଥଙ୍କ ଘର। ବିମଳାଙ୍କ ବୟସ ୬୦ରୁ ଅଧିକ ହେବ। ତାଙ୍କୁ ସମସ୍ତେ କୁନ୍ତଳା ନାନୀ ବୋଲି ଡାକନ୍ତି। ବିମଳାଙ୍କ ସ୍ୱାମୀ କାର୍ତ୍ତିକ ଚନ୍ଦ୍ର ରଥ। ସେ ଜଣେ ପାଲା ଗାୟକ ଥିଲେ। ୨୦୧୧ ମସିହାରେ ତାଙ୍କର ଦେହାନ୍ତ ହୋଇଯାଇଛି। ୨୦୧୧ ମସିହା ପାଖରୁ ବିମଳା ଏକୁଟିଆ ରହିବା ସହ ମାଟି ତଥା ମାଟି ଶଙ୍ଖକୁ ନିଜର ସାଥୀ କରିଛନ୍ତି। ନାରାୟଣୀ ମାଟି ଶଙ୍ଖ ନାମରେ ବିଭିନ୍ନ ହାତ ତିଆରି ମାଟି ସାମଗ୍ରୀ ତିଆରି କରି ବିକ୍ରି କରୁଛନ୍ତି। ୨୦୦୦ ମସିହାରେ ପ୍ରଥମେ ମାଟିରେ ଜଉ କଣ୍ଢେଇ ତିଆରି କରିବା ଆରମ୍ଭ କରିଥିଲେ ବିମଳା। ସେତେବେଳେ ତାଙ୍କର ଏହୀ ମାଟି କାମ ଏତେ ପ୍ରଚାର ପ୍ରସାର ହୋଇନଥିଲା। ୨୦୧୮ ପାଖରୁ ଲୋକ ଜାଣିବା ଆରମ୍ଭ କରିଥିଲେ। ନଈ ମାଟି ଆଣି ସେଥିରେ ମାଟି ଶଙ୍ଖ ସହ ଅନ୍ୟାନ୍ୟ ଘର ସଜେଇବା ସାମଗ୍ରୀ ମଧ୍ୟ ତିଆରି କରନ୍ତି। ଏହି ମାଟି କାମ ବା ମାଟି ଶଙ୍ଖ ପାଇଁ ବିମଳା ଅନେକ ସାର୍ଟିଫିକେଟ ହାସଲ କରିଛନ୍ତି। ଜଣେ ଟେରାକୋଟା ଓ ମାଟି ଶଙ୍ଖ ଶିଳ୍ପୀ ଭାବେ ସାରା ଜିଲ୍ଲାରେ ରହିଛି ସୁନାମ। ସୁଷମା ସ୍ୱରାଜ ସମ୍ମାନ, ଇଣ୍ଡଷ୍ଟ୍ରିଆଲ କନଜ୍ୟୁମର ଆଣ୍ଡ ଅଟୋ ଏକ୍ସୋ, ଜନଶିକ୍ଷଣ ସଂସ୍ଥାନ, ଓଡ଼ିଶା ଶିଳ୍ପୀ ମହାସଂଘ, ଆମ ପରମ୍ପରା, ନୋସି, ଏକ୍ସୋ, ରିଜନାଲ ଟ୍ରେଡ୍ ଫେୟାର, ଉତକଳା ଶିଳ୍ପ ଗ୍ରାମ ଆଦି ପକ୍ଷରୁ ସମ୍ମାନ ପ୍ରଦାନ କରିଛନ୍ତି।

# କାହିଁକି ପୂଜା ପାଆନ୍ତିନି ବ୍ରହ୍ମା



ହିନ୍ଦୁ ଗ୍ରନ୍ଥ ଓ ପୁରାଣ ଅନୁସାରେ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ହେଉଛନ୍ତି ସୃଷ୍ଟିର ନିର୍ମାତା, ପାଳନକର୍ତ୍ତା ଏବଂ ସଂହାରକର୍ତ୍ତା। ତେବେ ବିଷ୍ଣୁ ଓ ଶିବଙ୍କ ମନ୍ଦିର ଥିବା ବେଳେ ବ୍ରହ୍ମାଙ୍କ ମନ୍ଦିର ଦୃଶ୍ୟମାନ ହୁଏ ନାହିଁ। ବ୍ରହ୍ମାଙ୍କର ଏକମାତ୍ର ମନ୍ଦିର ପୁଷ୍କରରେ ଅଛି। ଦେବୀ ସାବିତ୍ରୀଙ୍କ ଅଭିଶାପ ଯୋଗୁଁ ବ୍ରହ୍ମାଙ୍କ ପୂଜାକୁ ବାରଣ କରାଯାଇଛି। ପୁରାଣ ଅନୁସାରେ, ଏକଦା ସୃଷ୍ଟିକର୍ତ୍ତା ବ୍ରହ୍ମା ହାତରେ ପଦ୍ମ ଫୁଲ ଧରି ନିଜ ବାହନ ହଂସ ଉପରେ ବସି ଅଗ୍ନି ଯଜ୍ଞ ପାଇଁ ଏକ ଉପଯୁକ୍ତ ସ୍ଥାନ ଖୋଜୁଥିଲେ। ସେତିକିବେଳେ ଗୋଟିଏ ସ୍ଥାନରେ ତାଙ୍କ ହାତରୁ ପଦ୍ମ ଫୁଲ ଖସି ପଡ଼ିଲା। ଫୁଲ ପୃଥିବୀପୃଷ୍ଠରେ ପଡ଼ିବା କ୍ଷଣି ଝରଣା ସୃଷ୍ଟି ହେଲା ଏବଂ ସେହି ଝରଣାରୁ ତିନିଟି ସରୋବର ସୃଷ୍ଟି ହେଲା। ଯେଉଁ ସ୍ଥାନରେ ତିନିଟି ଝରଣା ସୃଷ୍ଟି ହେଲା, ତାହା 'ବ୍ରହ୍ମା ପୁଷ୍କର', 'ବିଷ୍ଣୁ ପୁଷ୍କର' ଏବଂ 'ଶିବ ପୁଷ୍କର' ନାଁରେ ପରିଚିତି ଲାଭ କଲା। ଏହା ଦେଖୀ ବ୍ରହ୍ମା ସେହି ସ୍ଥାନରେ ଯଜ୍ଞ କରିବା ନିଷ୍ପତ୍ତି ନେଲେ। ଯଜ୍ଞରେ ପତ୍ନୀ ସାବିତ୍ରୀଙ୍କ ଉପସ୍ଥିତି ଜରୁରି ଥିଲା। କିନ୍ତୁ ସାବିତ୍ରୀ ସେଠାରେ ନଥିଲେ ଏବଂ ଶୁଭ ମୁହୂର୍ତ୍ତ ଗଡ଼ି ଯାଉଥିଲା। ଏହି କାରଣ ଯୋଗୁଁ ବ୍ରହ୍ମା ସେହି ସମୟରେ ଉପସ୍ଥିତ ଜଣେ ସୁନ୍ଦରୀ ଯୁବତୀଙ୍କୁ ବିବାହ କରି ତାଙ୍କ ସହ ଯଜ୍ଞ ସମ୍ପନ୍ନ କଲେ। ଏ କଥା ଯେବେ ଦେବୀ ସାବିତ୍ରୀ ଜାଣିଲେ, ବ୍ରହ୍ମାଙ୍କୁ ଅଭିଶାପ ଦେଇ କହିଲେ, 'ଯିଏ ସୃଷ୍ଟିର ରଚନା କରିଛନ୍ତି, ତାଙ୍କୁ କେଉଁଠି ବି ପୂଜା କରାଯିବ ନାହିଁ।' ଏହି ଅଭିଶାପ ଯୋଗୁଁ ପୁଷ୍କରରେ କେବଳ ଏକମାତ୍ର ବ୍ରହ୍ମାଙ୍କ ମନ୍ଦିର ଅଛି।

# ବ୍ୟାପୁଛି ଡିପଥେରିଆ, ଜାଣନ୍ତୁ ରୋଗର କାରଣ-ଲକ୍ଷଣ-ନିରାକରଣ

**ଓଡ଼ିଶାରେ ସଂକ୍ରମଣର ରୂପ ନେଉଛି ଡିପଥେରିଆ। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ମାଡ଼ି ଚାଲିଛି ଏହି ରୋଗ। ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୧ ଜଣ ସଂକ୍ରମିତ ଚିହ୍ନଟ ହେଲେଣି। ସମସ୍ତ ମୃତକ ରାୟଗଡ଼ା ଜିଲ୍ଲାର ହୋଇଥିବା ବେଳେ କିଛି ସଂକ୍ରମିତ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର ଅଛନ୍ତି। ତେବେ ଏହି ରୋଗ କଣ, ଲକ୍ଷଣ ଓ ଚିକିତ୍ସା ବାବଦରେ ଜାଣନ୍ତୁ...**

**ଡିପଥେରିଆ କିପରି ହୁଏ?**
ଡିପଥେରିଆ ଏକ ସଂକ୍ରମଣଜନିତ ରୋଗ। ଅର୍ଥାତ୍ ଏହା ଜଣେ ରୋଗୀଙ୍କଠାରୁ ଅନ୍ୟ ଜଣକୁ ବ୍ୟାପିଥାଏ। କୋରିନେବ୍ୟାକ୍ଟେରିୟମ୍ ଜୀବାଣୁ ସଂକ୍ରମଣ ଦ୍ୱାରା ବ୍ୟାପିଥାଏ ଡିପଥେରିଆ। ପ୍ରାୟତଃ ପିଲାମାନେ ଏହି ରୋଗରେ ପ୍ରଭାବିତ ହୁଅନ୍ତି। ଏହାର ଅର୍ଥ ନୁହେଁ ଯେ, କେବଳ ପିଲାମାନେ ହି ସଂକ୍ରମଣର ଶିକାର ହୁଅନ୍ତି, ବୟସ୍କମାନଙ୍କୁ ମଧ୍ୟ ଆକ୍ରାନ୍ତ କରିପାରେ ଡିପଥେରିଆ।
ଡିପଥେରିଆ ଜୀବାଣୁ ପ୍ରଥମେ ଗଳାକୁ ସଂକ୍ରମିତ କରିଥାଏ। ଏହି କାରଣରୁ ସଂକ୍ରମଣ ଶ୍ୱାସକ୍ରିୟାକୁ ବ୍ୟାପେ ଏବଂ ଗଳାରେ ଛିଦ୍ର ମଧ୍ୟ ସୃଷ୍ଟି ହୁଏ, ଯେଉଁଥିପାଇଁ ରୋଗୀକୁ ନିଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ସଠିକ୍ ସମୟରେ ଚିକିତ୍ସା କରାନଗଲେ ଜୀବାଣୁ ରକ୍ତ ମାଧ୍ୟମରେ ମସ୍ତିଷ୍କ ଏବଂ ହୃଦୟକୁ ପ୍ରଭାବିତ କରିପାରେ। ଏହି ଅବସ୍ଥାରେ ରୋଗୀଙ୍କ ଜୀବନ ବଞ୍ଚାଇବା କଷ୍ଟକର ହୋଇପାରେ।

**ପିଲାମାନଙ୍କଠାରେ ଦେଖାଯାଉଥିବା ଏହି ସବୁ ଲକ୍ଷଣକୁ ସତର୍କ ରୁହନ୍ତୁ**
- ନିଶ୍ୱାସ ନେବାରେ ଅସୁବିଧା।
- ବେକରେ ଫୁଲା, ଥଣ୍ଡା।
- ଜ୍ୱର, ଗଳା ଯନ୍ତ୍ରଣା, କାଶ।

**ଚିକିତ୍ସା**
ଟୀକାକରଣ ମାଧ୍ୟମରେ ପିଲାମାନଙ୍କୁ ଡିପଥେରିଆ ରୋଗରୁ ରକ୍ଷା କରାଯାଇପାରିବ। ରୁଟିନ୍ ଟୀକାକରଣରେ ଡିପିଟି (ଡିପଥେରିଆ, ପେର୍ଟୁସିସ୍ ଏବଂ ଟିଟାନସ୍) ଟିକା ଅନ୍ତର୍ଭୁକ୍ତ। ଏକ ବର୍ଷର ଶିଶୁକୁ ୩ ଡିପିଟି ଟୀକାକରଣ କରାନ୍ତୁ। ଏହା ପରେ, ଚତୁର୍ଥ ଟିକା ଦେଢ ବର୍ଷରେ ଏବଂ ପଞ୍ଚମ ଟିକା ୪ ବର୍ଷ ବୟସରେ ଦିଅନ୍ତୁ। ଟୀକାକରଣ ହିଁ ଡିପଥେରିଆକୁ ରୋକିବାର ଏକମାତ୍ର ଉପାୟ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଉତ୍ତପ୍ତ ପୃଥିବୀ...

ଋତୁଚକ୍ରର ପଟ୍ଟ ପରିବର୍ତ୍ତନରେ ଗ୍ରୀଷ୍ମଋତୁ ଆମ ପୁରପଲ୍ଲୀରେ ଏକ ଅନନ୍ୟ ଆଗମନୀ ଓ ଧୂସର ଧରଣୀ, ଥୁଣ୍ଟା ବରଗଛ, ମଧ୍ୟାହ୍ନର ଅହେତୁକ ନିରବତା, ଝିଙ୍କାରୀ କଣ୍ଠର ସକରୁଣ ବିଳାପ, ଗାଁ ତୋଟାର ସୁଶୀତଳ ଛାଇ, ପାଚିଲା ଆମ୍ବର ବାସ୍ନା, ଗାଁ ପୋଖରୀରେ ସାହି ପିଲାଙ୍କ ବୁଡ଼ାବୁଡ଼ି ଖେଳ, ସନ୍ଧ୍ୟାବେଳକୁ ନଦୀକୂଳର ମନଛୁଆଁ ପବନ ଓ ବିଳମ୍ବିତ ରାତ୍ରିପ୍ରହର ଯାଏଁ ଗାଁମୁଣ୍ଡ ଖୋଲାସ୍ଥାନରେ ଲୋକଙ୍କ ଏକାଠି ମେଳ ଇତ୍ୟାଦି ଘଟଣାର ସ୍ମୃତି ଏବବି ଆମ ଗ୍ରାମ୍ୟ ଜୀବନରେ ଉଜ୍ଜୀବିତ। ମାତ୍ର ଘୋର ପରିତାପର ବିଷୟ ଯେ, ପୂର୍ବର ସେ ମୃଦୁମଧୁର ଗ୍ରୀଷ୍ମଋତୁ ଆଉ ନାହିଁ। ଏବେ ଆରମ୍ଭ ହୋଇଛି ଏକ ଉତ୍ତପ୍ତ ଓ ଦାରୁଣ ଗ୍ରୀଷ୍ମ ଋତୁ। ଜନସାଧାରଣ ପ୍ରଚଣ୍ଡ ଗରମ, ଗୁଳୁଗୁଳି, ଅଂଶୁଘାତ ଓ ଝାଞ୍ଜି ପବନରେ ଅତିଷ୍ଠ। ବୈଶାଖ ମାସର ପ୍ରାରମ୍ଭରୁ ଆମ ରାଜ୍ୟରେ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ସୀମା ଛୁଇଁଥିଲା ବେଳେ ଉତ୍ତର-ପଶ୍ଚିମ ଭାରତରେ ତାପମାତ୍ରା କ୍ରମାଗତ ୪୫ ଡିଗ୍ରୀ ଉପରେ ଅବସ୍ଥାନ କରୁଛି।ଏପରିକି କିଛିଦିନ ତଳେ ରାଜଧାନୀ ଦିଲ୍ଲୀର ଏକ ପାଣିପାଗ କେନ୍ଦ୍ରରେ ତାପମାତ୍ରା ୫୨.୯ ଡିଗ୍ରୀ ସେଲସିୟସ୍ ? ? ରେକର୍ଡ କରାଯାଇଥିବା ଘୋର ଉଦବେଗର ବିଷୟ। ଏହି ଅହେତୁକ ତାପମାତ୍ରା ବୃଦ୍ଧି କେବଳ ଆମ ଦେଶ ଭାରତର ସମସ୍ୟା ନୁହେଁ, ଏହା ସମଗ୍ର ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କଟ ଓ ଗତବର୍ଷ ବିଶ୍ୱସାରା ଜାପାନ୍‌ରୁ ଆରମ୍ଭ କରି ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ଦକ୍ଷିଣ ୟୁରୋପ୍ ଏବଂ ଉତ୍ତର ଆଫ୍ରିକାରେ ତାପମାତ୍ରା ସମସ୍ତ ପୂର୍ବରେକର୍ଡକୁ ଭଙ୍ଗ କରିଥିଲା ବେଳେ ଇଟାଲୀର କେତେକ ସ୍ଥାନରେ ତାପମାତ୍ରା ୪୭ ଡିଗ୍ରୀରେ ପହଞ୍ଚିଥିଲା। ଏହି ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ପାଇଁ ମୁଖ୍ୟତଃ ବିଶ୍ୱତାପନ ପ୍ରଭାବକୁ ଦାୟୀ କରାଯାଉଛି, ଯାହା ଚଳିତ ଶତାବ୍ଦୀର ସବୁଠାରୁ ବଡ଼ ପରିବେଶୀୟ ସଙ୍କଟ ରୂପେ ମୁଣ୍ଡ ଟେକିଛି। ଆଇପିସିସିର ଏକ ରିପୋର୍ଟ ଅନୁଯାୟୀ ଆମର ଗ୍ରହ ପୃଥିବୀ ବିଗତ ଶତାବ୍ଦୀରେ ୦.୬% ଉତ୍ତପ୍ତ ହୋଇଛି ଏବଂ ଆଗମୀ ୨୧୦୦ ଖ୍ରୀଷ୍ଟାବ୍ଦ ବେଳକୁ ତାପମାତ୍ରା ୨.୪ ରୁ ୪.୮ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ଏହା ବୈଶ୍ୱିକ ପାଣିପାଗ ଓ ଜଳବାୟୁ ବ୍ୟବସ୍ଥାରେ ଘୋର ପରିବର୍ତ୍ତନ ଆଣି ଦେଇଛି, ଯାହାର ପରିଣାମ ଏବେ ଦେଖିବାକୁ ମିଳିଲାଣି। ହିମବାହସବୁରେ ବରଫ ବିଗଳନ ଏବଂ ତଦ୍‌ଜନିତ ସମୁଦ୍ର ପତ୍ତନର ବୃଦ୍ଧି, ଅନିୟମିତ ବୃଷ୍ଟିପାତ, ଛନ୍ଦହରା ମୌସୁମୀ, ଦାରୁଣ ଗ୍ରୀଷ୍ମପ୍ରବାହ ତଥା କ୍ରାନ୍ତିମଣ୍ଡଳୀୟ ଘୂର୍ଣ୍ଣିଝଡ଼ର ସଂଖ୍ୟା ବୃଦ୍ଧି ଭଳି ଚରମ ପାଣିପାଗ ଅବସ୍ଥାର ପ୍ରବଳତା, କୃଷି ଉତ୍ପାଦର ପରିମାଣ ହ୍ରାସ ତଥା ଡେଙ୍ଗୁ ମ୍ୟାଲେରିଆ ଭଳି ଭୂତାଣୁବାହକ ଜନିତ ସଂକ୍ରାମକ ରୋଗର ସଂଖ୍ୟା ବୃଦ୍ଧି ଆଦି ଘଟଣା ଏହାର ପରିଣାମ। ବିଶ୍ୱ ତାପନର ଏକ ସଦ୍ୟତମ ଉଦାହରଣ ହେଉଛି କିଛିଦିନ ତଳେ ଦୁବାଇରେ ଘଟିଥିବା ନାହିଁ ନଥିବା ବନ୍ୟା। ଦୁବାଇ ଚିରାଚରିତ ଭାବେ ସ୍ୱଳ୍ପ ବୃଷ୍ଟିପାତ ତଥା ଶୁଷ୍କ ମରୁ ଜଳବାୟୁ ନିମନ୍ତେ ଜଣାଶୁଣା। ମାତ୍ର ନିକଟରେ ସେଠାରେ ପ୍ରବଳ ବୃଷ୍ଟିପାତ ଘଟି ଜଳ ନିଷ୍କାସନ ଅଭାବରୁ ସହରର ଭିତ୍ତିଭୂମି ବ୍ୟବସ୍ଥା ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା। କିଛି ଲୋକଙ୍କର ମଧ୍ୟ ଜୀବନ ହାନି ଘଟିଥିଲା। ବିଶ୍ୱ ତାପନ ବିଶ୍ୱସାରା ଲୋକଙ୍କ ଜୀବନ ଓ ଜୀବିକାକୁ ଗୁରୁତର ପ୍ରଭାବିତ କରିଛି। ମାଳଦ୍ୱୀପର ଲୋକଙ୍କୁ ସମୁଦ୍ର ପତ୍ତନ ବୃଦ୍ଧି ଯୋଗୁଁ ନିଜର ଭିଟାମାଟି ଛାଡ଼ି ସ୍ଥାନାନ୍ତରିତ କରିବାକୁ ପଡୁଛି। ନିଜେର ନଦୀର ଜଳରୁ ମାଛମାନେ ବିଲୁପ୍ତ ହୋଇ ଯିବାରୁ ମତ୍ସ୍ୟଜୀବୀମାନଙ୍କର ଜାଲ ଆଉ ମାଛରେ ଭରୁନାହିଁ। ବନ୍ୟା ଓ ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ବାଂଲାଦେଶରେ ସ୍ତ୍ରୀଲୋକମାନଙ୍କୁ ପାନୀୟ ଜଳ ସଂଗ୍ରହ ନିମନ୍ତେ ମାଇଲ୍ ମାଇଲ୍ ବାଟ ପାଦରେ ଚାଲିଚାଲି ଯିବାକୁ ପଡୁଛି। ଏପରିକି ଜୀବଜନ୍ତୁମାନେ ମଧ୍ୟ ବିଶ୍ୱ ତାପନର ବଳୟରୁ ମୁକ୍ତ ନୁହନ୍ତି। ଉତ୍ତର ମେରୁରେ ବରଫ ବିଗଳନ କାରଣରୁ ମେରୁ ଭାଲୁକୁ ଚାଲିବା ପାଇଁ ଚଟାଣ ମିଳୁ ନାହିଁ। ଭାରତର ସୁନ୍ଦରବନର ହେନ୍ତାଳ ଅରଣ୍ୟର ଅବକ୍ଷୟ ଯୋଗୁଁ ମହାବଳ ବାଘ ମଧ୍ୟ ବିଲୁପ୍ତିର ଦ୍ୱାରଦେଶରେ। ଉତ୍ତର ଆଟଲାଣ୍ଟିକ ମାହାସାଗରର ତିମି ମାଛ ନିଜର ଚିରାଚରିତ ଖାଦ୍ୟ ପ୍ଲାଙ୍କଟନ୍ ଅଭାବରୁ ଏବେ ସଙ୍କଟାପନ୍ନ ଏବଂ ଇଣ୍ଡୋନେସିଆରେ ଜଙ୍ଗଲ ନିଆଁ ଯୋଗୁଁ ଉରାଙ୍ଗ ଉଟାଙ୍ଗ ବାନରାକାୟ ଜୀବର ସ୍ଥିତି ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ପହଞ୍ଚିଲାଣି। ୨୦୦୩ ମସିହାର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ୟୁରୋପରେ ସମୁଦାୟ ୩୫,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା ବେଳେ କେବଳ ଫ୍ରାନ୍ସରେ ୧୫,୦୦୦ ଲୋକଙ୍କ ପ୍ରାଣହାନି ଘଟିଥିଲା। ଆମ ଦେଶରେ ବିଶ୍ୱ ତାପନ ପ୍ରଭାବରୁ ଜଳବାୟୁ ପରିବର୍ତ୍ତନ ଯୋଗୁଁ କୃଷି, ଜଙ୍ଗଲ, ମତ୍ସ୍ୟଚାଷ ଭଳି ଜଳବାୟୁ ସ୍ପର୍ଶକାତର କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରାୟ ୭୦ କୋଟି ଲୋକ ସିଧାସଳଖ ପ୍ରଭାବିତ ହେବେ ବୋଲି ଆଶଙ୍କା କରାଯାଏ। ବିଶ୍ୱ ତାପନର ପ୍ରଭାବ ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଅନୁଭୂତ ହେଉଛି। ଲଘୁଚାପ, ଘୂର୍ଣ୍ଣିଝଡ଼ ଏବଂ ଅବପାତ ଜନିତ ବୃଷ୍ଟିପାତ ଏବେ ଆମ ରାଜ୍ୟବାସୀଙ୍କ ପାଇଁ ଏକ ସାଧାରଣ ଘଟଣା ପାଲଟି ଗଲାଣି। ଏଭଳି ଅଦିନିଆ ଓ ଅନିୟମିତ ବୃଷ୍ଟିପାତ ଫଳରେ ଚାଷୀମାନେ ଗୁରୁତର କ୍ଷତିଗ୍ରସ୍ତ ହେଉଛନ୍ତି। ଲୋକଙ୍କ ପ୍ରାଣ ପ୍ରବାହିକା ନଦୀ ଏବେ ଶୁଖିଲା ଓ ସମ୍ଭାବନା ଶୂନ୍ୟ। ୧୯୯୮ ମସିହାରେ ଘଟିଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତ ତଥା ୧୯୯୯ ମସିହାର ପ୍ରବଳ ଘୂର୍ଣ୍ଣିଝଡ଼ରେ ଉଭୟ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାରେ ଶତାଧିକ ଲୋକଙ୍କର ପ୍ରାଣହାନି ଘଟିଥିଲା।

## କୁହେଳିକାରେ ନିଟ୍ ଫଳାଫଳ



**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଏନଇଟି-ଯୁଜି ପରୀକ୍ଷାରେ ଅନିୟମିତତା ଓ ରେଜଲ୍ଟ ବିଭ୍ରାଟ ସମଗ୍ର ଭାରତରେ ଆଲୋଡ଼ନ ସୃଷ୍ଟି କରିଛି। ଏହାକୁ ନେଇ ଦିନକୁ ଦିନ ନାନା ବିବାଦ ସୃଷ୍ଟି ହେଉଥିବାବେଳେ ଚଳିତ ବର୍ଷ ମେଡ଼ିକାଲ ଓ ଫେଲୋସିପ ପରୀକ୍ଷାରେ ବୈଷୟିକ ତ୍ରୁଟି, ପ୍ରଶ୍ନପତ୍ର ପ୍ରଘଟ ଓ ପ୍ରକ୍ସି ପରୀକ୍ଷାର୍ଥୀ ହାଉଜାଉ ହେବା ସହିତ ଜାଣି ଶୁଣି କେତେ ଜଣଙ୍କୁ ଗ୍ରେସ ମାର୍କ ଦିଆଯିବା ବିଷୟ ପଦାକୁ ଆସିବା ପରେ ଖୋଳତାଡ଼ ଆରମ୍ଭ ହେବା ସହ ଏହା ହଇଚଇ ସୃଷ୍ଟି କରିଛି। ଚଳିତ ୨୦୨୪ରେ ପ୍ରାୟ ୨୪ ଲକ୍ଷ ୬ ହଜାର ୭୯ ପରୀକ୍ଷାର୍ଥୀଙ୍କ ଭିତରୁ ୨୩ ଲକ୍ଷ ୩୩ ହଜାର ୨୯୭ ପରୀକ୍ଷାର୍ଥୀ ୧ ଲକ୍ଷ ୬ ହଜାର ୩୩୩ (ଏମବିବିଏସ) ଓ ୨୬ ହଜାର ୯୪୯ (ବିଡ଼ିଏସ) ସହିତ ଅନ୍ୟାନ୍ୟ ସିଟ ପାଇଁ ପରୀକ୍ଷା ଦେଇଥିବାବେଳେ ଏଥରର ପରୀକ୍ଷାଫଳ ପିଲାମାନଙ୍କ ସହିତ ଅଭିଭାବକ ମାନଙ୍କୁ ମଧ୍ୟ ଚକିତ କରିଦେଇଛି।

ସୂଚନାଯୋଗ୍ୟ ଗତ ମେ ୫ରେ ୨୪ ଲକ୍ଷ ଛାତ୍ରଛାତ୍ରୀ ଦେଶରେ ୪୭୫୦ ସେଣ୍ଟରରେ ଏନଇଇଟି - ଯୁଜି ପରୀକ୍ଷା ଦେଇଥିଲେ। ୬୭ ଜଣ ପରୀକ୍ଷାର୍ଥୀଙ୍କୁ ସର୍ବୋଚ୍ଚ ନମ୍ବର ଦିଆଯଶଇ ର୍ୟାଙ୍ଗ ଓ୍ୱାନରେ ସ୍ଥାନିତ କରାଯାଇଥିଲା। ହରିୟାଣାର ଗୋଟିଏ ପରୀକ୍ଷା କେନ୍ଦ୍ରର ୬ ଜଣ ପିଲା ସର୍ବୋଚ୍ଚ ନମ୍ବର ରଖିଥିଲେ। କେତେକ ପରୀକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀଙ୍କୁ ଅଧିକ ଗ୍ରେସମାର୍କ ଦିଆଯାଇଥିଲା। ପ୍ରଶ୍ନପତ୍ର ଲିକ ସମେତ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିର ଦୁର୍ନୀତି ଓ କୁପରିଚାଳନା ସାମ୍ନାକୁ ଆସିବା ପରେ ସାନି ପରୀକ୍ଷା ଦାବିରେ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରୀକ୍ଷା ଅନିୟମିତାକୁ ବିରୋଧ କରି ବିଭିନ୍ନ ରାଜ୍ୟରେ ଆନ୍ଦୋଳନ ଜାରି ରହିଛି। ସେହିପରି ବିଶ୍ୱବିଦ୍ୟାଳୟ ଓ କଲେଜ ଗୁଡ଼ିକରେ ଆସିଷ୍ଟାଣ୍ଟ ପ୍ରଫେସର ଏବଂ ଜୁନିୟର ରିସର୍ଚ୍ଚ ଫେଲୋଶିପ ଓ ଆସିଷ୍ଟାଣ୍ଟ ପ୍ରଫେସର ପଦରେ ନିଯୁକ୍ତି ପାଇଁ ୟୁଜିସି-ନେଟ ପରୀକ୍ଷା ଜୁନ ୧୮ରେ ଅନୁଷ୍ଠିତ ହୋଇଥିଲା। ୧୧.୨୧ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପ୍ରବେଶିକା ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ଦୁର୍ନୀତି ଉପାୟ ଅବଲମ୍ବନ କରାଯାଇଥିବା ଜଣାପଡ଼ିବା ପରେ ୧୯ ତାରିଖରେ ପରୀକ୍ଷାକୁ ଏନଟିଏ ରଦ୍ଦ କରିଦେଇଥିଲା। ସେହିପରି ଜୁଲାଇ ୨୫ ରୁ ୨୭ ମଧ୍ୟରେ ହେବାକୁ ଥିବା ସାଇଣ୍ଟିଫିକ ଆଣ୍ଡ ରିସର୍ଚ୍ଚ ୟୁଜିସିନେଟ ପରୀକ୍ଷାକୁ ଶୁକ୍ରବାର ରାତିରେ ସ୍ଥଗିତ ରଖାଯାଇଛି।

ପରୀକ୍ଷା ସ୍ଥଗିତ ଖବର ପାଇବା ପରେ ଛାତ୍ରଛାତ୍ରୀ ଚିନ୍ତାରେ ପଡ଼ିଛନ୍ତି। କାରଣ ବର୍ତ୍ତମାନ ଏନଟିଏ ପରୀକ୍ଷା ପରିଚାଳନାରେ ଅନିୟମିତତା ଯୋଗୁଁ ଦୁଇ ଦୁଇଟି ପ୍ରବେଶିକା ପରୀକ୍ଷାକୁ ନେଇ ବିବାଦ ଦେଖାଯାଇଛି। ଗତ ମେ ୫ରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଉଦ୍ଦିଷ୍ଟ ଏନଇଇଟି ଯୁଜି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜୁନ ୪ ସାଧାରଣ ନିର୍ବାଚନ ଭୋଟ ଗଣତି ଦିନ ଏନଇଇଟି ଯୁଜି ରେଜଲ୍ଟ ପ୍ରକାଶ ପାଇଥିଲା। ଏହି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ ହୋଇଥିବା ଅଭିଯୋଗ ଆଣି ଛାତ୍ରଛାତ୍ରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ୧୮ରେ ଅନୁଷ୍ଠିତ ୟୁଜିସି ନେଟ ପରୀକ୍ଷାରେ ଅନିୟମିତତା ହୋଇଥିବା ଜାଣି ଦିନକ ପରେ ଶିକ୍ଷା ମନ୍ତ୍ରଣାଳୟ ଏହାକୁ ରଦ୍ଦ କରିଛି। ଏବେ ପୁଣି ଏକ ସର୍ବଭାରତୀୟ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ପିଲାଙ୍କୁ ଏନଟିଏର ଏହି ନିଷ୍ପତ୍ତି ଚିନ୍ତାରେ ପକାଇଦେଇଛି।

ପ୍ରକାଶ ଥାଉକି ମୋଟ ୨୦୦ ପ୍ରଶ୍ନ ଭିତରୁ ୧୮୦ଟି ପ୍ରଶ୍ନର ଉତ୍ତର ପାଇଁ ପୂର୍ଣ୍ଣସଂଖ୍ୟା ହେଉଛି ୭୨୦ ତେଣୁ ପ୍ରତି ପ୍ରଶ୍ନ ପିଛା ଚାରି ମାର୍କ। ଆଶ୍ଚର୍ଯ୍ୟର ବିଷୟ ଯେ, ଏଥର ୬୭ ଜଣ ପିଲା ୭୨୦/୭୨୦ ରଖି ରେକର୍ଡ଼ ସୃଷ୍ଟି କରିଛନ୍ତି। କେବଳ ଏତିକି ନୁହେଁ, ଏକାଧିକ ପ୍ରଶ୍ନ ଘେରରେ ଜନସାଧାରଣ ଓ ଅଭିଭାବକମାନେ। ଅଳ୍ପ ବହୁତେ ଆମେ ଜାଣିଛେ ନିଟ୍ ଆଶାୟୀମାନେ ତିନି ଚାରି ଥର ଲେକାଏ ପରୀକ୍ଷା ଦେବାର ଧୈର୍ଯ୍ୟ ବହନ କରନ୍ତି। ୬୦୦ରୁ ଉର୍ଦ୍ଧ୍ୱ ମାର୍କ ରଖି ବି ସରକାରୀ କଲେଜରେ ସିଟ ପାଇବା ସହଜ ହେଉନାହିଁ। ସୂଚନାନୁସାରେ, ଏଥର ବହୁ ସଂଖ୍ୟକ ପିଲା ସମାନ ମାର୍କ ରଖିଥିବାରୁ ସରକାରୀ କଲେଜରେ କଟଅଫ ମାର୍କ ସାଧାରଣ ବର୍ଗର ପରୀକ୍ଷାର୍ଥୀ ପାଇଁ ପାଖାପାଖି ୬୫୦ ହେବ ବୋଲି ଆକଳନ କରାଯାଉଛି। ଅର୍ଥାତ୍ ୬୪୦-୬୪୯ ରଖିଥିବା ସାଧାରଣ ବର୍ଗର ପିଲାମାନେ ଡାକ୍ତରୀ ପାଠ ପଢ଼ିବାରୁ ବଞ୍ଚିତ ହୋଇପାରନ୍ତି। ପୁଣି ଏକ ସନ୍ଦେହ ସୃଷ୍ଟି କରୁଛି ୭୧୯, ୭୧୮ ମାର୍କ ଯାହା ନିମୟତଃ ଅସମ୍ଭବ। କାରଣ ଗୋଟ ଉତ୍ତର ଭୁଲ ହେଲେ ୫ ମାର୍କ କଟିଯାଇଥାଏ। କିନ୍ତୁ କିଛି ପିଲା ଏହି ମାର୍କ ରଖିଛନ୍ତି। ବିଳମ୍ୱିତା ଯଦି ଗ୍ରେସ ଦେବାର ଏକ କାରଣ ହୁଏ, ତେବେ ୨୦୨୦ ଓ ୨୦୨୧ରେ କୋଭିଡ଼ଜନିତ ବିଳମ୍ୱତା ପାଇଁ କାହିଁକି ଗ୍ରେସ ଦିଆଗଲା ନାହିଁ? ପୁଣି ଏକ ସନ୍ଦେହ ଗୋଟେ ପ୍ରଶ୍ନକୁ ନେଇ, ଯାହାର ଉତ୍ତର ପୁରୁଣା ଏନସିଇଆରଟି ବହୁ ଅନୁଯାୟୀ ଯାହା ନୂତନ ପାଠ୍ୟ ପ୍ରଣାଳୀ ଅନଯାୟୀ ଭିନ୍ନ ଥିବାରୁ ଦୁଇଟା ଯାକ ଉତ୍ତର ଠିକ, ତେଣୁ ଦୁଇ ପ୍ରକାରର ଚୟନ ପାଇଁ ସମାନ ୪ ମାର୍କ ଦିଆଯିବା କଥା। କିନ୍ତୁ ମାତ୍ର ୪୦ଜଣଙ୍କୁ ଗ୍ରେସ ମାର୍କ କେଉଁ ଆଧାରରେ ସ୍ପଷ୍ଟ କରାଯିବା ଉଚିତ।

ସେମାନେ ୩-୪ ବର୍ଷ ନିଜ କ୍ୟାରିୟରରୁ ଦେବା ପରେ ବିଫଳତା ସାମ୍ନା କରୁଥିବା ମେଧାବୀମାନେ କରିବେ କ'ଣ? ପୁଣି ସାମାଜିକ ଗଣମାଧ୍ୟମର ଏକ ସୂଚନା ଅନୁଯାୟୀ, ହିରୟାଣାସ୍ଥିତ ଫରିଦାବାଦର ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିବା ୮ ଜଣ ପରୀକ୍ଷାର୍ଥୀ ୭୨୦ ମାର୍କ ରଖିଛନ୍ତି। ଏଭଳି ସଂଯୋଗ ଭ୍ରୁକୁଞ୍ଚନ ସୃଷ୍ଟି କରୁନାହିଁକି? ପିଲାଙ୍କ ମେଧା ବୃଦ୍ଧି ପାଉଛି ନା ଆଉ କିଛି କାରଣ ଯାହାପାଇଁ ଏତେ ସନ୍ଦେହ, ଅଭିଯୋଗ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ସର୍ବଭାରତୀୟ ନିଟ୍ ପିଜି ୨୦୨୪ ପରୀକ୍ଷାର ଶେଷ ମୁହୂର୍ତ୍ତରେ ସ୍ଥଗିତ କରିବା ନିଷ୍ପତ୍ତିକୁ ମେଡ଼ିକାଲ ସର୍ଭିସ ସେଣ୍ଟର (ଏମ୍‌ଏସସି) ଓଡ଼ିଶା ରାଜ୍ୟ କମିଟିର ସଭାପତି ଡାକ୍ତର ସୁରଜିତ ସାହୁ, ଉପସଭାପତି ବିଶିଷ୍ଟ ବାକ୍ ଶ୍ରବଣ ବିଶେଷଜ୍ଞ ନାରାୟଣ ଚନ୍ଦ୍ର ବିଶ୍ୱାଳ ଓ ସମ୍ପାଦକ ଡାକ୍ତର ପ୍ରାଜ୍ଞ ଅର୍ନିବାଣ ଦୃଢ଼ ନିନ୍ଦା କରିଛନ୍ତି। ପ୍ରକାଶ ଥାଉକି ସର୍ବଭାରତୀୟ ନିଟ୍ ପିଜି ୨୦୨୪ ପରୀକ୍ଷା ଆଜି ଅର୍ଥାତ୍ ୨୩/୦୬ରେ ହେବାକୁ ଥିବାବେଳେ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବେ ଗତକାଲି ରାତିରେ ଏହି ପରୀକ୍ଷାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଗଲା ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏକ ବିଜ୍ଞପ୍ତି ପ୍ରକାଶ ପାଇଲା ଯାହାଦ୍ୱାରା ସମଗ୍ର ଦେଶରେ ଲକ୍ଷ ଲକ୍ଷ ପରୀକ୍ଷାର୍ଥୀ ମାନସିକ ଚାପ ସହ ନିର୍ଯାତନା ଓ ଆର୍ଥିକ ବୋଝର ଶିକାର ହେଲେ। ନିଟ୍ ୟୁଜି ୨୦୨୪ ଓ ଅନ୍ୟାନ୍ୟ ପ୍ରତିଯୋଗିତା ମୂଳକ ପରୀକ୍ଷା ସମ୍ବନ୍ଧୀୟ ଦୁର୍ନୀତି ପ୍ରକାଶ ପାଇବା ସତ୍ତ୍ୱେ ଗତ ତିନି ସପ୍ତାହ ମଧ୍ୟରେ ସରକାର ଦାବି କରିଛନ୍ତି ଯେ ନିଟ ୟୁଜି ୨୦୨୪ରେ କୌଣସି ଦୁର୍ନୀତି ହୋଇନାହିଁ। ବର୍ତ୍ତମାନର ପରୀକ୍ଷା ସ୍ଥଗିତ ଘୋଷଣା ଦ୍ୱାରା ସେମାନେ ଏହି ସମସ୍ତ ପରୀକ୍ଷା ପରିଚାଳନା ପାଇଁ ଏକ କେନ୍ଦ୍ରୀୟ ସଂସ୍ଥା ଭାବରେ ସେମାନଙ୍କର ବିଫଳତା, ଅବହେଳା ଓ ଅକ୍ଷମତାକୁ ଗ୍ରହଣ କରୁଛନ୍ତି। ସରକାରଙ୍କ ଏହି ରାତି ଅଧିଆ ନିଷ୍ପତ୍ତି ସୂଚାଉଛି ଯେ, ନିଟ୍ ପିଜି ୨୦୨୪ ପରୀକ୍ଷା ବ୍ୟବସ୍ଥାରେ ଏବଂ ଜାତୀୟ ପରୀକ୍ଷା ବୋର୍ଡ଼ (ଏନବିଇ)ରେ ମଧ୍ୟ ଦୁର୍ନୀତି ହୋଇଛି। ନିଟ୍ ୟୁଜି ୨୦୨୪ ପରି ନିଟ୍ ପିଜି ୨୦୨୪ର ସ୍ଥଗିତା ପୁଣି ଥରେ ପ୍ରମାଣ କରେ ଯେ ଏକ କେନ୍ଦ୍ରୀଭୂତ ପରୀକ୍ଷା ବ୍ୟବସ୍ଥା ଦୁର୍ନୀତି ବନ୍ଦ କରିବା ପାଇଁ କେବେ ବି ଏକ ସମାଧାନର ରାସ୍ତା ହୋଇପାରିବ ନାହିଁ। ଏହି ପରିପ୍ରେକ୍ଷୀରେ ଆମେ ସରକାରଙ୍କ ନିକଟରେ ଦାବି କରୁଅଛୁ ଯେ ତୁରନ୍ତ ଏହି ସମସ୍ୟାର ସମାଧାନ କରି ଯଥା ଶୀଘ୍ର ପରବର୍ତ୍ତୀ ପରୀକ୍ଷା ତାରିଖ ଘୋଷଣା କରନ୍ତୁ ଏବଂ ଏହି ଅପ୍ରତ୍ୟାଶିତ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ସେଥିରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରନ୍ତୁ। ଡାକ୍ତରୀ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା କ୍ଷେତ୍ରରେ ଉନ୍ନତ ନୀତି ନୈତିକତାକୁ ବଜାୟ ରଖିବା ପାଇଁ ଓଡ଼ିଶାର ସମସ୍ତ କନିଷ୍ଠ ତଥା ବରିଷ୍ଠ ଡାକ୍ତର, ଡାକ୍ତରୀ ଶିକ୍ଷକ, ଡାକ୍ତରୀ ଛାତ୍ର ସମୁଦାୟଙ୍କୁ ଏହି ମହା ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ମେଡ଼ିକାଲ ସର୍ଭିସ ସେଣ୍ଟର (ଏମଏସସି) ଓଡ଼ିଶା ରାଜ୍ୟ କମିଟି ପାଖରୁ ଆମେ ଅନୁରୋଧ କରୁଅଛୁ। ମାର୍କିଂ ପଦ୍ଧତିକୁ କାହିଁକି ପରୀକ୍ଷା ପରେ କ୍ଲିଅର କରାଯାଉନାହିଁ। ଯେତେବେଳେ ପ୍ରଶ୍ନପତ୍ରରେ ତ୍ରୁଟି ପରିଲକ୍ଷିତ ହେଉଛି ସେତିକିବେଳେ ସ୍ପଷ୍ଟୀକରଣ ଦିଆଯାଇ ପିଲାମାନଙ୍କୁ ଆଶ୍ୱସ୍ତ କରାଯାଇପାରନ୍ତା। ଏହା ବିଳମ୍ବରେ ଘଟୁଥିବାରୁ ସବୁରି ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।


'ଧ୍ୱନୀ' ମେଟ୍ରୋପ୍ଲାଜା,
କାଠଗୋଲା ରୋଡ଼୍, ମଙ୍ଗଳାବାଗ,
କଟକ,
ମୋ : ୯୪୩୮୨୭୬୭୬୦


## ମହିଳା ସଶକ୍ତିକରଣ ପାଇଁ ଯୋଗ



**ଶୁଭଶ୍ରୀ ମିଶ୍ର**

ସାମ୍ପ୍ରତିକ ସମୟରେ ମଣିଷର ଜୀବନଶୈଳୀ ଶାରୀରିକ ଓ ମନସ୍ତାତ୍ତ୍ୱିକ ସ୍ୱାସ୍ଥ୍ୟ ପାଇଁ ଆଦୌ ଅନୁକୂଳ ହୋଇପାରୁନାହିଁ। ଫଳରେ ମାନସିକ ଚାପ, ଉତ୍କଣ୍ଠା, ଉଦବେଗ ତଥା ଦୀର୍ଘକାଳୀନ ଅଣସଂକ୍ରାମକ ଜୀବନଶୈଳୀ ରୋଗମାନ ବଢ଼ି ବଢ଼ି ଚାଲିଛି। ଏଭଳି ସ୍ଥିତିରୁ ସୁରକ୍ଷିତ ରହିବା ନିମନ୍ତେ ଯୋଗ ହିଁ ପ୍ରଧାନ ବିକଳ୍ପ। ଜଣଙ୍କର ଯେତେ ଶାରୀରିକ ସାମର୍ଥ୍ୟ ଥିଲେ ମଧ୍ୟ ମାନସିକ ସ୍ତରରେ ସେ ସୁସ୍ଥ ରହିବା ନିହାତି ଜରୁରୀ। ଉଭୟ ମାନସିକ ଏବଂ ଶାରୀରିକ ସ୍ତରରେ ନିଜକୁ ସୁସ୍ଥ ରଖିବା ପାଇଁ ଏକ ସହଜ ତଥା ସରଳ ଉପାୟ ଅବଲମ୍ବନ କରିପାରନ୍ତି। କାରଣ ଏହି ଉପାୟଟି ବର୍ତ୍ତମାନ ବେଶ ଆଦୃତ ହୋଇସାରିଛି। ତାହା ହେଲା ଯୋଗ। ଯୋଗର ରହିଛି ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ ପ୍ରଭାବ। ଯୋଗ ଏକ ବ୍ୟାୟାମ ନୁହେଁ, ଏହା ଏକ କଳା। ଏହା ଆବଶ୍ୟକ କରିଥାଏ ନିୟମିତ ଅଭ୍ୟାସ, ଧୈର୍ଯ୍ୟ ଏବଂ ସମୟ। ନିମୟିତ ଯୋଗ କରି ଚାଲିଲେ ଧୀରେ ଧୀରେ ବିକାଶ ଲାଭ କରେ ମାନସିକ ସ୍ଥିରତା, ସନ୍ତୁଳନ, ଶ୍ୱାସକ୍ରିୟା ନିୟନ୍ତ୍ରଣ ଓ ମନସ୍ତାତ୍ତ୍ୱିକ ସାମର୍ଥ୍ୟ, ଏକାଗ୍ରତା, ଶାରୀରିକ ଦକ୍ଷତା ଏବଂ ନମନୀୟତା ଇତ୍ୟାଦି।

ଯୋଗ ହେଉଛି ଏକଧରଣର ଐତିହ୍ୟବାହୀ ଶାରୀରବୃତ୍ତ ମାନସିକ ସାଧନା ପ୍ରଣାଳୀ। ଆମ ଦେଶ ଭାରତ ହିଁ ଯୋଗର ଜନ୍ମଭୂମି। ଯୋଗ ଶବ୍ଦଟିର ଆକ୍ଷରିକ ଅର୍ଥ ଯୁକ୍ତ କରିବା ବା ଐକବଦ୍ଧ କରିବା। ସମ୍ପ୍ରତି ଯୋଗ ସାରା ବିଶ୍ୱରେ ବେଶ ଜନପ୍ରିୟ ହୋଇଉଠିଛି। ଯୋଗକୁ ଆହୁରି ବ୍ୟାପକ ଭାବରେ ବିଶ୍ୱରେ ପ୍ରତିଷ୍ଠିତ କରାଇବା ଉଦ୍ଦେଶ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ଡିସେମ୍ବରରେ ଜାତିସଂଘର ସାଧାରଣ ପରିଷଦ ବୈଠକରେ ପ୍ରତିବର୍ଷ ଜୁନ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବରେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ ୧୭୭ ରାଷ୍ଟ୍ର। ତେବେ ଏଥିପାଇଁ ଜୁନ ୨୧କୁ ଚୟନ କରିବାର କାରଣ ହେଲା ଏହି ଦିନ ସୂର୍ଯ୍ୟ ଆକାଶରେ ସବୁଠାରୁ ଉତ୍ତରରେ କର୍କଟକ୍ରାନ୍ତି ଉପରେ ପହଞ୍ଚିଥାନ୍ତି ଓ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଏହି ଦିବସଟି ବର୍ଷରେ ଦୀର୍ଘତମ। ୨୦୧୫ରୁ ଜୁନ ୨୧ରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଆସୁଛି। ଚଳିତ ବର୍ଷ ଉକ୍ତ ଦିବସର ବାର୍ତ୍ତା ରହିଛି 'ମହିଳା ସଶକ୍ତୀକରଣ ପାଇଁ ଯୋଗ'। ଏହି ବାର୍ତ୍ତାର ତାତ୍ପର୍ଯ୍ୟ ହେଉଛି ଯୋଗ ମାଧ୍ୟମରେ ମହିଳାମାନଙ୍କର ଶାରୀରିକ ଓ ମନସ୍ତାତ୍ତ୍ୱିକ ସୁସ୍ଥତା ଲାଭ। ସେମାନଙ୍କର ଶାରୀରିକ, ମନସ୍ତାତ୍ତ୍ୱିକ, ଆବେଗିକ, ସାମାଜିକ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ପ୍ରାପ୍ତି ପାଇଁ ଯୋଗ ଏକ ବଳିଷ୍ଠ ମାଧ୍ୟମ। ମହିଳାମାନଙ୍କର ରହିଛି କେତେକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସମସ୍ୟା ଓ ସେହିସବୁ ସମସ୍ୟାର ଉପଶମ ପାଇଁ ଯୋଗ ବେଶ ସହାୟକ ହୋଇପାରିବ।

ମହିଳାମାନେ ପରିବାରର ମେରୁଦଣ୍ଡ ସଦୃଶ। ସେମାନଙ୍କର ସାମୂହିକ ଶକ୍ତି ମଧ୍ୟ ରାଷ୍ଟ୍ର ତଥା ବିଶ୍ୱର ମେରୁଦଣ୍ଡ ବୋଲି କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ଅବହେଳିତ ହେଲେ ପରିବାରରେ ଶିଶୁ ବୃଦ୍ଧାବୃଦ୍ଧ, ରୋଗୀ ଓ ଅତିଥିମାନେ ଅବହେଳିତ ହୋଇପଡ଼ିବେ। ସୁତରାଂ ମହିଳାମାନେ ସୁସ୍ଥ ଏବଂ ସଶକ୍ତ ରହିବା ସମାଜ ତଥା ରାଷ୍ଟ୍ରର ସ୍ୱାର୍ଥ ପାଇଁ ଅପରିହାର୍ଯ୍ୟ। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯୋଗର ବିଭିନ୍ନ ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରେଇବା ଏବଂ ସୁସ୍ଥ ରହିବା ନିମନ୍ତେ ନିୟମିତ ଯୋଗ ବ୍ୟାୟାମ କରିବା ନିମିତ୍ତ ସେମାନଙ୍କୁ ଅନୁପ୍ରେରଣା ଦେବା।

ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜକୁ ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। ସକାରାତ୍ମକ ମାନସିକତା ଏବଂ ଯୋଗ ବିଷୟକୁ ନେଇ ନିକଟରେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହା ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ ରଖିବାକୁ ହେଲେ ଯୋଗ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ ଭାବେ ହୁଏ। ତା ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ। ରକ୍ତଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ଶୋଇ ପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ଏସବୁ ଠାରୁ ନିଜକୁ ଦୂରେଇ ରଖିବା ପାଇଁ ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ମାନସିକ ଭାରସାମସ୍ୟ ଠିକ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।


+ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ





### ଭୁଲ ମୁଁ କରିଛି

**ନିରଞ୍ଜନ ସାହୁ**

ସମୟ ସରିଛି ଭୁଲ ମୁଁ କରିଛି
କାଗଜ କଲମ ଧରି
ସାହିତ୍ୟ ସାଧନା କରିଅଛି ସତ
ବଞ୍ଚି ବି ଯାଇଛି ମରି ।
ପତ୍ରପତ୍ରିକାର ପୃଷ୍ଠା ମୁଁ ମଣ୍ଡିଛି
ଲେଖିଛି ଅନେକ ଲେଖା
ବାଣୀଭଣ୍ଡାରକୁ ସମୃଦ୍ଧ କରିଛି
ଡେଇଁଛି ମୁଁ ସୀମାରେଖା
ଧମକ ଚମକ ଅନେକ ପାଇଛି
ବିପଦ ବରଣ କରି ।
ଧନ ଅରଜନ କରିପାରି ନାହିଁ
ଦୁଃଖରେ କାଟିଛି ଦିନ
ଏହି ସମାଜରେ ଜୀବନ ଧରିଛି
ସାଜି ଗୋଟେ ଦୀନହୀନ
ମନର ମାନସୀ ପର କରିଦେଇ
ସାଜିଅଛି ପରଘରୀ ।
ମିଛଟାରେ କିଛି ପ୍ରଂଶସା ଶୁଣିଛି
ପେଟରେ ରହିଛି ଭୋକ
ମିଳିନାହିଁ ଦାନା ମିଳିନାହିଁ କନା
ସାଜିଛି ଅଭାବୀ ଲୋକ
ସାରସ୍ୱତ ପଣ ଲାଗେ ଅକାରଣ
ଲୋତକ ଯାଏ ମୋ ଝରି ।
ସମ୍ବର୍ଦ୍ଧନା ପାଇଁ ଦେଇପାରି ନାହିଁ
ଆବଶ୍ୟକ ଯାହା ଟଙ୍କା
ତୋଷାମଦ ଖୋସାମଦ ମୁଁ କରିନି
ତେଣୁ ମୋ ମୁହଁଟା ବଙ୍କା
ବହୁତ କଷ୍ଟରେ ଜୀବନ ଧରିଛି
ହୃଦେ ଅବଶୋଷ ଭରି ।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩


### ଖବର

**ସୁନନ୍ଦା ମହାନ୍ତି**

ଖବର ପାଇଛି ରଖିଛି
ଗାଁର ତାପମାତ୍ରାଠାରୁ
ତୋ ସହର ତାପମାତ୍ରା ଦ୍ୱିଗୁଣା
କାହିଁକି କହିପାରିବୁ
ପରିବେଶରେ ଧୂଳି ଧୂଆଁ
କଳାକାରଖାନା ଓ ଚିମିନ ନିଆଁ
ଗାଡି ମଟର ରଡି
ବାଷ୍ପୀୟ ଶକଟ ଗାଡି ଧୂଆଁ ଛାଡି
ଆଶା ନିରାଶରେ ଯାଏ ଛିଡି
ପ୍ଲାଷ୍ଟିକର ବହୁଳ ବ୍ୟବହାର
ଖାଦ୍ୟ ପେୟ ହିସାବ ବାହାର
ଅନିୟମିତତା ଜୀବନ ଶୃଙ୍ଖଳା ଶୃଙ୍ଖଳ
ଛିଡେଇ ମଣିଷ ପଶୁ ପକ୍ଷୀ ବିକଳ
ନାହିଁ ଗଛ କି ଗଛର ଚେର ଡ଼ାଳ
ମୂଳ
ଗଛ ଲଗେଇବା ଅଭିଯାନ
ଅଥୟ ଆକୁଳ
ସମସ୍ତେ ବିକଳ
ମୌସୁମୀକୁ ଜଣାପଡୁନି
ବେଳ ଅବେଳ କି
କୌଶଳ ବୁଦ୍ଧି ବଳ
ମିଛ କଥା ସେ ସବୁ ଜାଣେ
ଲୁଚିଛି ଏଇ କୋଉ କଣେ
ସୂର୍ଯ୍ୟଙ୍କ ରୁଦ୍ର ବେଶ ରୌଦ୍ର କିରଣେ
ସେ ବି ତ ସାଧାରଣ ଜଣେ
ଆସୁଛି ଲୁଚି ଛପି
ସୂର୍ଯ୍ୟଙ୍କୁ ଘୋଡାଇବ କମ କଥା ନୁହେଁ
କାମ କରିବ ଏକରକମ
ଅନ୍ୟରକମ ମୁହେଁ
ଆସୁଥିବ, ସଚେତନ ନହେଲେ
ଆରବର୍ଷ ରହିବଟି ଭଲେ
ସାବାଧାନ ହୁଅ ଜନଗଣ
ଦେଇ ମନଧ୍ୟାନ।


ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭


### ଅନନ୍ତ

**ଆନନ୍ଦ କୁମାର ମାଇତି**

ଝରକା ଆଗରେ ଝୁଙ୍କି ଥିବା
ସ୍ନାପିତ ପତ୍ରରେ ନୀଳ ଆକାଶର ଚିତ୍ର
ଆଉ ଆକସ୍ମିକ ବର୍ଷା ବୁନ୍ଦାର
କଷାଘାତ।
ହିମ ବତାସର ନଗ୍ନ ନୃତ୍ୟ
ଆଉ ଅଦିନିଆ ମେଘର
ତୀବ୍ର ହୁଙ୍କାର,
ଶୁଷ୍କ ମାଟିର ଲାସ୍ୟ ସହ
ଚାତକର ଶାନ୍ତ ଅତୁରତା
କୌଣସି ଏକ ନବ ଆଗୁନ୍ତକଙ୍କର
ଆଗମନ ସମ୍ଭାଷଣ।
ଭଗ୍ନ ନୀଡ଼ର ପାଖେ ବସି
ଅଳିକ କିଶୋରୀର ବିସ୍ମୟ ଚାହାଣି
ଆଉ ସ୍ମୃତି ପୃଷ୍ଠାକୁ ଓଲଟାଇ
ଆଗତ ଆଶଙ୍କା ଆଉ
ଭବିଷ୍ୟତର ଖୋଜ
କୌଣସି ଅନାଦି ସ୍ୱପ୍ନର ବିସର୍ଜନ।
ହେ ଅନନ୍ତ ସବ୍ୟସାଚୀ!
କାହିଁକି ଜନ୍ମ ଦେଲ
ଅଧ୍ୟାୟ ତାର ଆଉ ଏକ ନୂଆ ଜନ୍ମ?


+ମୋ:୯୪୩୯୦୭୭୩୯୫


### ମଉସୁମୀ ଲୁଚି ଲୁଚି ଖେଳୁଚି

**ଜୟକୃଷ୍ଣ ସାହୁ**

ମାୟାବିନୀ ମଉସୁମୀ
ଲୁଚି ଲୁଚି ଖେଳୁଚି
ଖେଳିବାଠୁ କପଟତା
ଟିକେ ବେଶୀ ବଳୁଚି।
କହିଥିଲା ଆସିବାକୁ
ଏ ବରଷ ସହଳ
କାହିଁ ହଜିଗଲା ସିଏ
ନାହିଁ ତା'ର ଗହଳ।
ଆଷାଢ଼ ମାସ ଦୂଆରେ
ଖଟ୍ ଖଟ୍ କଲାଣି
ଗ୍ରୀଷମ ଋତୁଟି ଏବେ
ନେଇଅଛି ମେଲାଣି।
ମଉସୁମୀ ଆସିଗଲେ
କେତେ ଖୁସି ହୁଅନ୍ତି
ଗୀତଟିଏ ଲେଖିଛି ମୁଁ
ତା' ପାଇଁ ଗାଆନ୍ତି।
ଗଛଲତା ତରୁତୃଣ
କେତେ ଖୁସି ହୁଅନ୍ତେ
ସେମାନେ ବି ମୋ ପରି
ବର୍ଷା ଗୀତ ଗାଆନ୍ତେ।
ଡଙ୍ଗାଟିଏ ବନାଇଛି
ମୁଁ କାଗଜ ଆଣିରେ
ବରଷା ଆସିଲେ ତାକୁ
ଭସାଇବି ପାଣିର।
ତାହାରି ଆସିବା ବାଟ
ଚାହିଁ ଏଠି ବସିଚି
କଷଣ ସହି ସୁଖିଲା
ହସଟିଏ ହସୁଚି।


କପିଳ ପ୍ରସାଦ,ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭.




# କବିତାମାଳା



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨୫ ଜୁନ୍ ୨୦୨୪, ମଙ୍ଗଳବାର

## ଆଷାଢ଼ ଖେଳଇ ଖେଳ
### ବାବାଜୀ ଚରଣ ଜେନା



ବରଷା ବଦଳେ ଆଷାଢ଼ ଖେଳଇ
ନୂଆ ଲୁଚକାଳି ଖେଳ
ଆକାଶରେ କଳା ବଉଦର ଭିଡ
ଝରେନା ଅମୃତ ଧାର
ବରଷା ବଦଳେ...

ତାରକସି ଏଇ ସହରରେ ଆଜି
ଦାଉ ଦାଉ ନିଆଁ ଜଳେ
ମଉସୁମୀ ଆଜି ପ୍ରତାରଣା ରଚେ
ଆଉଟା ଲୁହାକୁ ଢାଳେ
ଋତୁ ପାଳେ ନାହିଁ ଋତୁର ଧରମ
ବଢ଼ି ଯାଏ ଦୁଃଖ ଭାର
ବରଷା ବଦଳେ...

ଶୁଖିଲା ପଡିଛି କାଠଯୋଡ଼ି ନଦୀ
ମରିଚିକା ଖେଳେ ଦୋଳି
ମେଘୁଆ ଖରାରେ ସାଇତା ସ୍ମୃତିର
ସ୍ୱପ୍ନ ସବୁ ଯାଏ ଜଳି
ମହାନଦୀ ତଟେ ଝଡ଼ ଉଠେ ଆଜି
ରଙ୍ଗ ବଦଳାଏ ଜଳ
ବରଷା ବଦଳେ...

♥ଅହଲ୍ୟା ନିବାସ, ପୋପରଡା
ନୂଆବଜାର, କଟକ ୪
ମୋ-୯୪୩୭୮୩୪୭୧୯

## ତିନୋଟି କବିତା
### ଅଳକା ରାୟ



**॥ ସୂର୍ଯ୍ୟ ॥**

ନିଇତି ସକାଳୁ ସକାଳୁ ଦେଖୁଛି ମୁଁ
ରବି ଆଉ ବାଦଲଙ୍କ ଲୁଚକାଳି ଖେଳ
ପୂର୍ବକାଶରେ......
ବାଦଲଙ୍କ ଭିତରୁ
ବାହାରି ଆସିବାର ପ୍ରୟାସ
ରବିର
ଘେରି ଯାଉଥିବା ବାଦଲଙ୍କ ଭିତରୁ
ଧିରେ
ବିସ୍ତାରିତ କରୁଛି ବାଳସୂର୍ଯ୍ୟ ନିଜକୁ
ପ୍ରଚଣ୍ଡ ଆଭା ସହ
ଜାହିର କରୁଛି ନିଜ ଅସ୍ତିତ୍ୱ
କେବଳ ଆଉ କେବଳ ସେ ହିଁ
ଏ ସାରା ଆକାଶର.......

**॥ ଆକାଶ ॥**

ଆଦ୍ୟରୁ ଆକାଶ ଏମିତିଆ
ଚାହିଁଲେତ ଆଖି ପାଏନାହିଁ
କିନ୍ତୁ,ଆଖିରେ ହିଁ ସମାହିତ
ଏ ସାରା ଆକାଶ........
ଭୁଗୋଳ, ଭାଷା, ଧର୍ମ ଅବା
ବିପ୍ଳବର ବ୍ୟାକରଣରେ
କଣ ଭାଗକରିହୁଏ ଆକାଶକୁ!!
ଅଧିକନ୍ତୁ ମୋକ୍ଷ ମନସ୍କଙ୍କ ଲାଗି
ଏକ ଚିରନ୍ତନ ଶାଶ୍ୱତ
ଏ ସାରା ଆକାଶ........

**॥ ସୂର୍ଯ୍ୟାସ୍ତ ॥**

ଦେଖୁଛି ମୁଁ ପଶ୍ଚିମ ଆକାଶକୁ
ସଦାବେଳେ ଅପରାହ୍ନରେ
ରକ୍ତ ମନ୍ଦାରରେ ଭରପୁର
ପଶ୍ଚିମ ଆକାଶ ର କାନି(ପଣତ)
ତଳେ ଲହରାଉଛି କଳା କଳା ବେଣୀ
ଆଜି ବି ଠିକ ସେମିତି ଏକା ଭଳି
ଆଚମ୍ବିତ ହୁଏ, ଆହ୍ଲାଦିତ ଆଉ
ବିମୋହିତ ବି
ଗଛ ପତ୍ରରେ
ପାହାଡ ଶିଖରରେ
ଦେହ ଓ ମାଟିରେ
ବୋଳି ଦେଉଥାଏ ସୁନାରଙ୍ଗ
ସୂର୍ଯ୍ୟ, ତା ଶେଷସୀମା ଛୁଇଁ.....

ଭୁବନେଶ୍ୱର

## ପାହାଡ଼ି ଝରଣା କି ଗୀତ ଗାଉଛି
### ହରିଶ୍ଚନ୍ଦ୍ର ବେହେରା



ପାହାଡ଼ି ଝରଣା କି ଗୀତ ଗାଉଛି
ପ୍ରୀତିର ପୁରବୀ ତୋଳି
ଦୂର ସାଗରର ମିଳନ ପିୟାସୀ
ହୃଦୟ ଦୁଆର ଖୋଲି ।

ଗଭାରେ ଖୋସିଛି ବଣ ରାଇଜର
କେତେ ମହକର ଫୁଲ
କେଉଁଠି ବାଜୁଛି ମୋହନ ବାଂଶୁରୀ

ପ୍ରାଣ ହୁଏ ମତୁଆଲ
କେତେ ଆକଟକୁ ଆଡ଼େଇ ଚାଲିଛି
ବିରହ ନିଆଁ ରେ ଜଳି ।

କେତେ ଦୁଃଖ ଆଉ ବେଦନାକୁ ଧରି
ଚାଲିଛି ପ୍ରୀତି ପାଗଳୀ
ଦିନର ଆଲୁଅ ରାତିର ଅନ୍ଧାର

ହୋଇଛି ଦେହରେ ବୋଳି
ବାଟ ଚାଲୁ ଚାଲୁ ଝିଅ ପୁଅଙ୍କର
ସହିଛି ସବୁ ଅର୍ଦ୍ଦଳି ।

କେବେ ତାରା ଭରା ନୀଳ ଆକାଶକୁ
ପିନ୍ଧିଛି ସେ ଶାଢି କରି
କେବେ ନୀଳିମାରେ ସଜେଇ ହୋଇଛି
ସତେ ଅବା ନୀଳ ପରୀ
ଚିହ୍ନା ଓ ଅଚିହ୍ନା ଫୁଲ ସମ୍ଭାରରେ
ଭରିଛି ନିଜ ଅଞ୍ଜଳି ।

♥କଲ୍ୟାଣ ନଗର, ବାଲେଶ୍ୱର -୧
ମୋ-୯୪୩୭୮୧୩୭୦୮

## ଏବେ ଏମିତି ହୁଏ
### ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ



ଏବେ ଏମିତି ହୁଏ
ପ୍ରେମ ଚିଠିଟା
ଠିକଣା ଜାଗାରୁ
ଥରକୁ ଥର ଲେଉଟୁଥାଏ,

ଉପର ସାହିର କାଶତଣ୍ଡି ବହର
ନିରେଖି ଦୂରକୁ ଅନାଉଥାଏ ,
ଯୌବନକୁ ଛୁଇଁ କେତେବେଳେ ପୁଣି
ଅଣଚାଶ ପବନ ବହିଯାଏ !

ପିଥାଗୋରାସ୍ ଉପପାଦ୍ୟ ପରି
ଲାଗୁଛି ଜୀବନ,
ତିନି ବୀଜ ସନ୍ନିହିତ
ଏକ ଅଦ୍ଭୁଆ ସମୀକରଣ,
ଯେତିକି ଜଟିଳ ସେତିକି ବିସ୍ତୃତ।

ଏବେ ଠିକ୍ ଏମିତି ହୁଏ
ଅଋତୁରେ ବି ସବୁଜ ବନାନୀ
ପତ୍ରଝଡ଼ା ଦିଏ,
ଅଶିଣ ଋତୁଟା ଛୁଇଁବ ବୋଲିକି
କେତେ ରକମର
ଭେଳିକି ଲଗାଏ,
ତଳ ସାହିର ଛୋପରା ଟୋକାଟା
ନିରୁତା ପ୍ରେମର ଡିଣ୍ଡିମ ପିଟେ।

ଏଇ ଏବେ ଏବେ ଭୋଦୁଅ ଜହ୍ନଟା
ଫେରିଯିବା ପାଇଁ ସଜବାଜ ହୁଏ;
ବଉଦ ଫାଙ୍କରୁ ଫୁଲେଇ ସଞ୍ଜଟା
ଗାଁ ନଇ ତୁଠେ,
ବିଦାୟୀ ଗଜଲ୍ ଗାଏ।

ଏବେ ପୁଣି ଏମିତି ହୁଏ,
କଦମ୍ବ ଡାଳରେ କଳା କୋଇଲିଟା
ବେସୁରା ସ୍ୱରରେ ଗୀତ ଗାଏ,
ଫୁଲରୁ ଫୁଲକୁ ଉଡ଼ି ନଯାଇ
ସନ୍ଦେହୀ ଭଅଁର
ଠିକଣା ଜାଗାକୁ ଫେରିଯାଏ।
ତୁଚ୍ଛା ସ୍ୱାଭିମାନ ସାଇତିବା ଲାଗି
ହଳେ ପ୍ରେମୀ ହୃଦୟର
ସନ୍ଦେହଜନକ ମୃତ୍ୟୁ ହୁଏ।
ବାସ୍, ଏବେ ଏମିତି ହିଁ କିଛି ହୁଏ !

♥ ସହଦେବଖୁଣ୍ଟା, ବାଲେଶ୍ୱର।
ପିନ୍ -୭୫୬୦୦୧
(ମୋ) ୭୭୮୮୯୭୭୨୭୬

## ଆଖି ଲୁହ ହେଉ ମହାସ୍ନାନ ଲାଗି ଜଳ
### ତାରାପ୍ରସାଦ ଜେନା



ମୋର ଆଖି ଲୁହ ହୁଅନ୍ତାକି ସତେ
ମହାସ୍ନାନ ଲାଗି ଜଳ
ସ୍ନାନବେଦୀ ଦିଅଁ ଗରମରୁ ଥଣ୍ଡା
ଲାଗନ୍ତେକି ଭାବ ଭୋଳ
ମୋର ଆଖି ଲୁହ ହୁଅନ୍ତାକି ସତେ ....!

ଆବେଗରେ ଅଛି ପରମାତ୍ମା ସଙ୍ଗ
ବୁଝୁଥିବି କେତେ ଖେଳ
ମୋର ଆଖି ଲୁହ ହୁଅନ୍ତାକି ସତେ ....!

ନର ଜନ୍ମ ମୋର ସାର୍ଥକ ଲଭନ୍ତା
ଦୁଃଖ ନିମିଷକେ ଶେଷ
କାଳିଆକୁ ଛୁଇଁ ପ୍ରାଣର ସନ୍ତୋଷେ
ବାହାରନ୍ତା ଖୋଲା ହସ,
ଡରାଇବ ନାହିଁ ଘାଣ୍ଟି ଘୁଣ୍ଟି ମୋତେ
ମିଛ ଆତଙ୍କର କାଳ
ମୋର ଆଖି ଲୁହ ହୁଅନ୍ତାକି ସତେ .... !

ରଙ୍ଗ ମଳିନକୁ ଲୁହ ଧୋଉଥିବ
ଧର୍ମାଚାରେ ମନ ମିଶି
ଭକ୍ତି ତରଙ୍ଗରେ ଚରଣକୁ ଧରି
ନିଅଣ୍ଟିଆ ନୁହେଁ ଖୁସି,
ମନସ୍କାମ ମୋର ପୂରଣ କରିବ
ନକରିବ କିଛି ଛଳ
ମୋର ଆଖି ଲୁହ ହୁଅନ୍ତାକି ସତେ .... !

ଏହା ଠାରୁ ପୁଣ୍ୟ ଲୋଡୁନାହିଁ କିଛି
ହୋଇଯିବ ମୁକ୍ତି କାୟା
ଆଗରେ ପଛରେ ଭାବିବିନି ଆଉ
ହଟିଯିବ ସବୁ ମାୟା,

♥ସା-ରଣପୁର(ଗୋଡ଼ି ପାଟଣା ସାହି),
ଡାକ-ରାଜ ରଣପୁର, ଜିଲ୍ଲା-ନୟାଗଡ଼
ପିନ୍-୭୫୨୦୨୬, ଓଡ଼ିଶା
ମୋ:୯୩୪୮୦୫୪୩୦୦

## ଅସୁରକ୍ଷିତା
### ହିମାଂଶୁ ଶେଖର ପ୍ରଧାନ

ଦେଇଥିଲ ତୁମେ କାହାକୁ ହୃଦୟ
ହେଲା କିଏ ତୁମ ବର
ଝରାଉଛ ତୁମେ ଲୁହର ଝରଣା
ପିଉଛ ନିତି ଜହର।

ଖୋଲିଦିଅ ତୁମେ ଦେହରୁ ବସନ
ଇଚ୍ଛା ନ ଥାଇ ବି ରତି
ମନ ନ ଥାଇ ବି ବଳାତ୍କାର ହୁଅ
କାଟୁଛ ପାପର ରାତି।

ଯାହାକୁ ଭାବିଲ ଆତ୍ମୀୟ ବୋଲି
ଠେଲିଦେଲେ ନରକକୁ
ମନର ମାନସ ପର ହୋଇଗଲା
ଚିହ୍ନିଲେନି ହୃଦୟକୁ।

ଲୋଡ଼ା ଖାଲି ଧନ, ମାନ, ସନମାନ
ଫିକା ପଡ଼ିଯାଏ ପ୍ରେମ
ବିକ୍ରି ହୁଅ ତୁମେ ଦେହ ବଜାରରେ
ସତେ କି ବେଶ୍ୟା ସମ।

ରୁକ୍ମି ଭଳି ଭାଇ ପ୍ରତି ଘରେ ଆଜି
ବୁଝନ୍ତିନି କାହା ମନ
ସ୍ୱାର୍ଥର ଯଜ୍ଞରେ ବଳିପଡ଼େ ଭଗ୍ନୀ
ଶାଶୁଘରେ ହୀନିମାନ ।

କିଏ ସେ କହୁଛି ଜନନୀ, ଭଗିନୀ
ପାଇଛନ୍ତି ସ୍ୱତନ୍ତ୍ରତା
ଯାତନା, ଶୋଷଣ ପ୍ରତି ଘରେ ଘରେ
କରୁଛନ୍ତି ଆତ୍ମହତ୍ୟା ।

ପରାଧୀନ ଆଜି ଲକ୍ଷ୍ମୀ, ସରସ୍ୱତୀ
କରନ୍ତି ଅଶ୍ରୁପାତ
ଆପଣା ବାସେ ବନ୍ଦିନୀ ନାରୀ
ହେଉଛି ନିର୍ଯାତିତ ।

ପଡ଼ିଛି ହାତରେ ଅନ୍ଧବିଶ୍ୱାସ ଓ
ମିଛ ସମ୍ପର୍କର ବେଡ଼ି
ପୁରୁଷ ଇଚ୍ଛାର ଖେଳଣା ସାଜିଛି
ଆପଣା ସ୍ୱାର୍ଥକୁ ଫେଡ଼ି।

ଜଳିବ ଦିନେ ବିପ୍ଳବ ନିଆଁ
ଉଇଁବେ ଦଶଭୁଜା
ଅହଂକାରୀର ନିଧନ ହେବ
ଉଡ଼ିବ ଧର୍ମଧ୍ୱଜା ।

ଲୋଡ଼ାନାହିଁ ତା'ର ରେଶମ ପାଟ
ନାମଦାମୀ ଅଳଙ୍କାର
ଫେରାଇ ଦିଅ ତା' ହୃଦୟ ସାଥୀକୁ
ସୁଖୀ ରହୁ ନିରନ୍ତର।

ନାରୀ ନୁହେଁ ଭୋଗ୍ୟା ଜୀବନ୍ତ କଣ୍ଢେଇ
ସାକ୍ଷାତ ଜଗତ ମାତା
ସରସ୍ୱତୀ, ଲକ୍ଷ୍ମୀ, ଦୁର୍ଗା, ପାର୍ବତୀ
ପୁଣି ସେ ମୁକତିଦାତା।

ପ୍ରତି ଘରେ ହେଉ ତାଙ୍କ ପୂଜାର୍ଚ୍ଚନା
ଗୃହ ହେବ ଦେବାଳୟ
ସକଳ ଦେବତା ଆଶିଷ ଢାଳିବେ
ଧରା ହେବ ସୁଖମୟ।

♥ ଉତ୍ତମନଗର, ବାଲୁଗାଁ, ଖୋର୍ଦ୍ଧା
ମୋ:୭୯୭୮୪୪୫୮୨୫

## ଭୋକ
### ଅକ୍ଷୟ କୁମାର ରାଉତ



ଭୋକ ପେଟର
ଭୋକ ଦେହର
ପେଟ ଭୋକ ମଣିଷକୁ ଲଜ୍ୟା ଦିଏ
ଦେହ ଭୋକ ମଣିଷକୁ ନିର୍ଲଜ
ପିଶାଚ କରିଦିଏ
ପେଟର ଭୋକ ପାଇଁ କିଏ
ଏବେ ଚୋରି କରୁଛି !
ପେଟ ଭୋକ ପାଇଁ କିଏ ମଣିଷ ମାରୁଛି !
ହେଲେ ଦେହ ଭୋକ ପ୍ରତିଟି ମୁହୂର୍ତ୍ତରେ
କରି ଚାଲିଛି ଅପରାଧ ପରେ ଅପରାଧ।

ଦେହ ଭୋକ ଆଜି ନେତାଠୁ କୁତା ଯାଏ
ସଭିଙ୍କୁ ନିଜ କାମନ୍ଧ କ୍ଷୁଧାରେ ବାନ୍ଧି ରଖିଛି
ତାର ସେଇ ବୁଢିଆଣୀ ଜାଲରେ
ଛନ୍ଦି ହୋଇ ଯାଇଛନ୍ତି
ବୃଦ୍ଧଠୁ କୋମଳ ଯୁବକ ଯୁବତୀ
ଧନୀ, ଦରିଦ୍ର, ଉଚ୍ଚ ନୀଚ,

ପାଠୁଆ ମୂର୍ଖ, ଜାତି ଧର୍ମ
ଏ ସବୁକୁ ଗୋଡ଼ରେ
ଆଡ଼େଇ ସେ ଚାଲିଛି ନିଜର
ପାଶବିକ ଲାଳସାକୁ ଚରିତାର୍ଥ କରିବାକୁ
ନା ଲଜ୍ୟା, ନା ସରମ ନା ଡର ନା ଭୟ
ଦେହର ଏଇ ବିକାର ମଣିଷକୁ ନରଭକ୍ଷୀ
କରିଦେଇଛି
ଭୋକର ଏଇ ପ୍ରତିଦ୍ୱନ୍ଦ୍ୱିତାରେ
ଦେହର ଭୋକ ବିଜୟୀ ।

♥ବାଳକାଟି, ଆଳି, କେନ୍ଦ୍ରାପଡ଼ା

## ମା'ତୁମ ବିନା ମୁଁ ଏକା
### ସୁଚିତ୍ରା ସାହୁ



ଜୀବନଟା ଭାରି ଏକା ଏକା ଲାଗଇ ମା' ତୋରି ବିନା,
ଭରା ସପନ ମୋ ରହଇ ସବୁ ଅଧା ମା'ତୋରି ବିନା ।

ଆଖିରୁ ଝରଇ ମୋର ଅସରା ଲୁହ ମା'ତୋରି ବିନା,
ଫୁଟୁ ତ ନାହିଁ ମୋହର ଓଠରେ ହସ ମା' ତୋରି ବିନା ।

ଭୋକିଲା ଅଛି ପେଟ ମୋ ବୁଝିବ କିଏ ମା' ତୋରି ବିନା,
ଅନିଦ୍ରା ନୟନରେ ନିଦ ଆଣିବ କିଏ ମା' ତୋରି ବିନା ।

ଅସୁସ୍ଥ ହୋଇଲେ ଯତନ ନେବ କିଏ ମା' ତୋରି ବିନା,
ଅନିଦ୍ରା ରହି ମୁଣ୍ଡେ ପାଣି ପଟି ଦେବ ମା' ତୋରି ବିନା ।

ପାଦେ ଲାଗିଲେ କଣ୍ଟା କାଢ଼ିବ କିଏ ମା'ତୋରି ବିନା,
ଚଲାପଥେ କିଏ କୁସୁମ ବିଛାଇବ ମା' ତୋରି ବିନା ।

କୋଳେ ଧରି ସେନେହ କରିବ କିଏ ମା' ତୋରି ବିନା,
କାଖେ ଧରି ବା ଜହ୍ନ ଦେଖେଇବ କିଏ ମା' ତୋରି ବିନା ।

ଲୋରି ଶୁଣାଇ ଶୁଆଇ ଦେବ କିଏ ମା' ତୋରି ବିନା,
ନିଜ ପଣତେ ଝାଡ଼ିବ କିଏ ଧୂଳି ମା' ତୋରି ବିନା ।

କଥା ଦେଇଥିଲୁ ହାତ କେବେ ମୋହର ଛାଡ଼ିବୁ ନାହିଁ,
ସବୁବେଳେ ମୋର ସାଥିରେ ରହିଥିବୁ ମୋ ଛାଇ ହୋଇ ।

ଅଧ ବାଟେ କରିଦେଲୁ ଏକା ଆଜି ମା' ଶୂନ୍ୟେ ଲୁଚିଲୁ,
ଭାରି ମନେ ପଡ଼ଇ ତୋହରି କଥା ମୋତେ ଭୁଲିଲୁ ।

ରଙ୍ଗହୀନ ଆଜି ଜୀବନଟି ମୋହର ଲାଗୁଛି ଫିକା,
ସ୍ମୃତି ସବୁ ତୋର ମନେ ପଡ଼ଇ ଭାରି ଥିଲେ ମୁଁ ଏକା ।

♥ପୋଖରୀଗାଁ, ନିଆଳି, କଟକ



## ଜଣେ କହୁଥିଲା..
### ଦିବାକର ନାୟକ



ଜଣେ କହୁଥିଲା ତୁମେ ତ ସେମିତି
ଅଧିକ ସୁନ୍ଦରୀ ନୁହଁ
ହେଲେ ମୋତେ ଏତେ ଭଲ ଲାଗ କିଆଁ
ଜାଣିଥିଲେ ଟିକେ କୁହ ।

ସଭିଙ୍କ ଭଳି ମୁଁ ଚଲାବାଟେ ନିତି
ଦେଖୁଥିଲି ଫୁଲ କେତେ
କେଜାଣି କାହିଁକି କାହାକୁ ଦେଖି ମୁଁ
ଝୁଣ୍ଟିନି କେବେ ମୁଁ ପଥେ

ଭିଡ଼ରେ ଯେଦିନ ଧୋକା ହେଇଗଲା
ନାଚିଲା ତୁମରି ମୁହଁ..
ଜଣେ କହୁଥିଲା ତୁମେ ତ ସେମିତି
ଅଧିକ ସୁନ୍ଦରୀ ନୁହଁ ।

ରାତି ରାତି ନିଦ ହଜିଗଲା ପରେ
ଖୋଜିଲି ଠିକଣା ତୁମ

ପାଇଲା ପରେ ମୁଁ କହିଲି ତୁମକୁ
ଯେତେ ମନକଥା ।

ଯିଏ ଭଲ ଲାଗେ ତା ଲାଗି ଏ ମନେ
ବଢ଼ି ବଢ଼ି ଯାଏ ମୋହ..
ଜଣେ କହୁଥିଲା ତୁମେ ତ ସେମିତି
ଅଧିକ ସୁନ୍ଦରୀ ନୁହଁ ।

♥ପାଟପୁର, କନିସି
ଗଞ୍ଜାମ
ମୋ-୯୯୩୮୬୧୯୯୮୧

## କହିଲେ କି ହେବ
### ଡ. ଅନିଲ ନନ୍ଦ



କେମିତି ବୁଝିବି ଛକିଶୂନ ଖେଳ
ଅଧା ଖରା ଅଧା ଛାଇ
ପାରାବାରେ ପରା ଭାସୁଛି ବୋଇତ
ନୀରବେ ରହିଛି ଚାହିଁ ।

କୂଳ ତ ଦିଶୁନି କହିବି ହେଉନି
ଆଗକୁ କି ଅଛି ବାକି
ଆଖି ମୁଦିଦେଲେ କିଏ ସେ କାହିଁକି
ଥରେ ଥରେ ଦିଏ ଡାକି ।

କହିଲେ କି ହେବ କେତେଥର ଆସି
ବତାସ ମାରିଚି ଧକ୍କା
ଭୁଶୁଡ଼ି ପଡ଼ିଛି ପର୍ଣ୍ଣ କୁଟୀର
ରଙ୍ଗ ପଡ଼ିଛି ଫିକା ।

ରାତି ପରେ ରାତି ନିଦ୍ରା ଆଦରି
ଦେଖୁଥିଲି କିଆଁ ସ୍ୱପ୍ନ

ସ୍ୱପ୍ନ ତ ନୁହଁ ଅଦେଖା ଅଙ୍ଗରେ
ରଚିଗଲା କ୍ଷତ ଚିହ୍ନ ।

କହିଲେ କି ହେବ ମରମ ତଳର
ଅକୁହା ବେଦନା ଗାଥା
ଶୁଣିବ କିଏସେ ନିଜ କାହାଣୀକୁ
ନିଜ ପାଖେ ଥୋଇ ବ୍ୟଥା।

♥କ୍ୟାମ୍ପସ -୯ ,କିଟ୍
ମୋ:୯୯୩୭୮୪୩୩୬୮

# ହରିଚନ୍ଦନପୁରରେ ଡବଲ୍ ଇଞ୍ଜିନ ଦେଖି ବିରୋଧି ଛାନିଆ: ଜନ ସମୁଦ୍ରରେ ଖୁସିରେ ନାଚିଲେ ହଜାର ହଜାର ସମର୍ଥକ

ହରିଚନ୍ଦନପୁର, ୨୪/୬ (ନି.ପ୍ର): କେନ୍ଦୁଝର ଜିଲ୍ଲାର ନବ ନିର୍ବାଚିତ ପ୍ରତିନିଧି ଡବଲ୍ ଇଞ୍ଜିନ ତଥା ଭାରତୀୟ ଜନତା ପାର୍ଟିର ଲୋକସଭା ସାଂସଦ ଅନନ୍ତ ନାୟକ ଓ ତେଲକୋଇ ବିଧାୟକ ଫକୀର ମୋହନ ନାଏକଙ୍କ ପରିଦର୍ଶନକୁ ଦେଖି ବିରୋଧି ଛାନିଆ । ସୂଚନା ଅନୁଯାୟୀ, ଦୀର୍ଘବର୍ଷ ପରେ ନିର୍ବାଚିତ ଡବଲ୍ ଇଞ୍ଜିନ ସରକାରର ଦୁଇ ମୁଖିଆଙ୍କୁ ଏକା ସାଙ୍ଗରେ ରୋଡ୍ ସୋ ମାଧ୍ୟମରେ ପାଇ ହଜାର ହଜାର ସମର୍ଥକ ଖୁସିରେ ନାଚିଲେ । ମନୋହରପୁର ହାଇସ୍କୁଲ ପଡ଼ିଆ ଠାରୁ ହରିଚନ୍ଦନପୁର ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରାୟତଃ ୭/୮ ହଜାର ସମର୍ଥକଙ୍କ ଜନ ସମୁଦ୍ର ପ୍ରଥମ ଥର ଦେଖିବାକୁ ମିଳିଲା । ହଜାର ହଜାର ସମର୍ଥକଙ୍କ ଖୁସିର ଲହରୀ ଦେଖି ଏ ଅଂଚଳର ଅନେକ ବିରୋଧି ଛାନିଆ ହୋଇ ଜନ ସମୁଦ୍ରରେ ମିଶିଯାଇ ନାଚରେ ଝୁମି ଥିବା ଦେଖିବାକୁ ମିଳିଛି । ଆଉକିଛି ଦୁର୍ନୀତି ଖୋର ବିରୋଧି ସରକାର ପରିବର୍ତନ ହେବାପରେ ଭୟରେ ଲୁଚି ରହିଥିବା ବେଳେ କିଛି ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଫଟୋ ଭାଇରାଲ୍ କଲେଣି । ଭାରତୀୟ ଜନତା ପାର୍ଟିର କର୍ମକର୍ତା ମାନେ କେନ୍ଦୁଝର ଜିଲ୍ଲାରୁ ପ୍ରଥମ ମୁଖ୍ୟମନ୍ତ୍ରୀ ପାଇଥିବାରୁ ଏ ଅଂଚଳର ଅଧିକରୁ ଅଧିକ ବିକାଶ କେମିତି ହେବ ସେ ଦିଗରେ ଦୃଷ୍ଟି ଦେଲେଣି । ହରିଚନ୍ଦନପୁର ବିଜେପି କାର୍ଯ୍ୟାଳୟ ନିକଟରେ ବସିଥିବା ସମ୍ବର୍ଦ୍ଧନା ସଭାରେ ଏ ଅଂଚଳର ବହୁ ମହିଳାଙ୍କ ସମେତ ବୁଦ୍ଧିଜୀବି ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେବା ସହ ନିଜ ଅଂଚଳରେ ରହିଥିବା ସମସ୍ୟା ଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ । ୨୫ ବର୍ଷ ସରକାରରେ ବିକାଶକୁ ଅପେକ୍ଷା କରି ବାରମ୍ବାର ପ୍ରଶାସନ ଠାରୁ ବିଧାୟକ ଓ ସାଂସଦକୁ ଗୁହାରି ଜଣେଇଥିଲେ ମଧ୍ୟ କିଛି ସମାଧାନର ବାଟ ବାହାରି ନାହିଁ । ତଳସ୍ତରରୁ ଆରମ୍ଭ କରି ଉପର ସ୍ତର ପର୍ଯ୍ୟନ୍ତ କେବଳ କାଗଜ କଲମରେ ବିକାଶ ହୋଇଥିବା ଛଡ଼ା ଆଉ କିଛି ନାହିଁ, କାରଣ ବାସ୍ତବ ଚିତ୍ର କହିବ ଏ ଅଂଚଳର ବିକାଶ । ବର୍ତମାନ ଡବଲ୍ ଇଞ୍ଜିନର ସରକାର ଓ ଆମ କେନ୍ଦୁଝରର ଲଢୁଆ ପୁଅ ମୋହନ ଚରଣ ମାଝୀ ଆଜି ମୁଖ୍ୟମନ୍ତ୍ରୀ ହୋଇଥିବାରୁ ଏ ଅଂଚଳରେ ଏକ ପ୍ରକାର ଖୁସିର ଲହରୀ ଖେଳିଯାଇଛି । ଏବେ କାଗଜ କଲମ ବାହାରିବ । ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ, ଜନସାଧାରଣଙ୍କୁ ନ୍ୟାୟ ମିଳିବ । ତେଣୁ ବିକାଶକୁ ଚାହିଁ ରହିଥିବା ଜନସାଧାରଣ ବର୍ତମାନ ସ୍ଥାୟୀ ସମାଧାନ ପାଇବେ ବୋଲି ପାନ ଦୋକାନରୁ ଆରମ୍ଭ କରି ଚା ଖଟି ପର୍ଯ୍ୟନ୍ତ ଚର୍ଚ୍ଚା ଯୋର୍ ଧରିଛି । ଛତୁଆ ପ୍ରସ୍ତୁତ ଓ ବଣ୍ଟନରେ ମହା ଦୁର୍ନୀତି ହୋଇଛି, କୋଳି ଖାଇ ମଞ୍ଜି ପୋତିବା ଭଳି ଦୀର୍ଘ ୧୫ ବର୍ଷ ଛୋଟ ଛୁଆଙ୍କ ଟଙ୍କା ଖାଇ ଏମାନେ ମୋଟା ହୋଇଗଲେଣି ତେଣୁ ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସାଧାରଣରେ ଦାବି ହୋଇଛି ।

# କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ୨୯ତମ ବାର୍ଷିକ ସାଧାରଣ ଅଧିବେଶନ

କେନ୍ଦ୍ରାପଡ଼ା, ୨୪/୬ (ନି.ପ୍ର): କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ୨୯ତମ ବାର୍ଷିକ ସାଧାରଣ ସଭା ରବିବାର ଦିନ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ପରିଚାଳନା ପରିଷଦର ଉପସଭାପତି ଡ. ଅପର୍ଣ୍ଣା ମହାନ୍ତି, ନିର୍ଦ୍ଦେଶକ ରଶ୍ମିରଞ୍ଜନ ଚୌଧୁରୀ, ଶ୍ରୀକାନ୍ତ ନାୟକ, ସଂଗ୍ରାମ କେଶରୀ ମଲ୍ଲିକ, ଶୁକାନ୍ତ କୁମାର ଦ୍ୱିବେଦୀ, ଶୁଧାଂଶୁ ଶେଖର ପ୍ରତାପ, ନବଜ୍ୟୋତି ରାୟ, ପ୍ରଫୁଲ୍ଲ କୁମାର ସାହୁ, ବିଧୁଭୂଷଣ ମହାପାତ୍ର, ସିଦ୍ଧାର୍ଥ ଶଙ୍କର ଜେନା, ଅମୂଲ୍ୟ କୁମାର ପ୍ରଧାନ, ମହେନ୍ଦ୍ର କୁମାର ପରିଡ଼ା, ଅଧିକାରୀ ଲକ୍ଷ୍ମୀନାରାୟଣ ଦାସ, କଳ୍ପତରୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଦିବଂଗତ ବ୍ୟାଙ୍କର କର୍ମଚାରୀ, ସଭ୍ୟା/ସଭ୍ୟାମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଥିଲା । ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବତନ ପ୍ରଶାସକ ତଥା ବିଶିଷ୍ଟ ସାହିତ୍ୟିକ ଡ. ବିରଜା ପ୍ରସାଦ ରାଉତରାୟଙ୍କୁ ବ୍ୟାଙ୍କ ତରଫରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା । ଏଥି ସହିତ ଚଳିତ ବର୍ଷ ଜିଲ୍ଲାରେ ଦଶମ ପରୀକ୍ଷାରେ ଟପ୍ପର ହୋଇଥିବା ଅନନ୍ୟା ବାରିକ ଓ ଡିସିବି ବ୍ୟାଙ୍କର ସର୍ବ ଭାରତୀୟ ଅଧିକାରୀ କେନ୍ଦ୍ରାପଡ଼ାର ନରେନ୍ଦ୍ର ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇ ଥିଲା । ସଭାପତିଙ୍କ ନିର୍ଦ୍ଦେଶ ମତେ ବ୍ୟାଙ୍କର ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ପୂର୍ବ ବର୍ଷର ସାଧାରଣ ସଭାର ବିବରଣୀ ପାଠ ପଢ଼ିଥିଲେ । ଏହା ସର୍ବ ସମ୍ମତିରେ ଗୃହୀତ ହୋଇଥିଲା । ବ୍ୟାଙ୍କର ସଭାପତି ଗୁରୁ ପ୍ରସାଦ ମହାନ୍ତି ତାଙ୍କ ଅଭିଭାଷଣ ରେ ୨୦୨୩-୨୪ ବର୍ଷରେ ବ୍ୟାଙ୍କର ସଫଳତା ଉପରେ ସଭ୍ୟ ସଭ୍ୟାମାନଙ୍କୁ ଅବଗତ କରାଇ ଥିଲେ ଏବଂ ଆଗାମୀ ବର୍ଷରେ ବ୍ୟାଙ୍କର ଉନ୍ନତି ପାଇଁ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ । ୨୦୨୩-୨୪ ଆର୍ଥିକ ବର୍ଷରେ ଟଙ୍କା ଜମା, ଋଣ ଲଗାଣ, ଲାଭ ଉପରେ ଆଲୋଚନା କରିଥିଲେ । ଋଣ ଆଦାୟ କ୍ଷେତ୍ରରେ ବ୍ୟାଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ସେ ସୂଚନା ପ୍ରଦାନ କରିଥିଲେ । ଏହି ସଭାରେ ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ରବୀନ୍ଦ୍ର ମୋହନ ସାହୁ, ଆକବର ଅଲ୍ଲୀ, ମୁକ୍ତାର ଖାଁ, ଫକିର ଚରଣ ଖଟୁଆ, ପ୍ରଫୁଲ୍ଲ କୁମାର ସାହୁ, ବସନ୍ତ ସେଠୀ, ଅଜୟଲକ୍ଷ୍ମୀ ସାହୁ, ଧରଣୀଧର ସୁଆର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବ୍ୟାଙ୍କର ଉପ ସଭାପତି ଡ. ଅପର୍ଣ୍ଣା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । ଉକ୍ତ ସଭାକୁ ବ୍ୟାଙ୍କର କର୍ମଚାରୀ ସୁରେଶ ଚନ୍ଦ୍ର ପରିଡ଼ା, ସୁକାନ୍ତ କୁମାର କର, ଭଞ୍ଜ କିଶୋର ଜେନା, ରବୀନ୍ଦ୍ର ପାତ୍ର, ଲଲାଟେନ୍ଦୁ କେଶରୀ ଦାସ, ଅଜିତ କୁମାର ପତି ପ୍ରମୁଖ ପରିଚାଳନା କରିଥିଲେ ।

# ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ଅନ୍ୱେଷା ପରିସରରେ ବୃକ୍ଷ ରୋପଣ

କନ୍ଧମାଳ, ୨୪/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ବନଖଣ୍ଡ ଅଧିନସ୍ଥ ଫୁଲବାଣୀ ବନ ବିଭାଗ ରେଞ୍ଜ ସହାୟତାରେ ରୋଟାରୀ କ୍ଲବ ପକ୍ଷରୁ ରବିବାର ନାରାୟଣୀ ରୋଡ ସ୍ଥିତ ଅନ୍ୱେଷା ହଷ୍ଟେଲ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ରେଞ୍ଜ ଅଫିସର ଶିବ ପ୍ରସାଦ ଲେଙ୍କା ଯୋଗଦେଇ ଥିବା ବେଳେ ରୋଟାରୀ କ୍ଲବ ସଭାପତି ଶ୍ରୀମତୀ ବିରାଜିନୀ ମହାପାତ୍ର, ସମ୍ପାଦିକା ଶ୍ରୀମତୀ ସୁନୀତି ଆଚାରୀଙ୍କ ସମେତ ଫରେଷ୍ଟର ସରୋଜ ମିଶ୍ର, ବରିଷ୍ଠ ରୋଟାରୀଆନ ତଥା ସମାଜସେବୀ ବିପ୍ରଚରଣପାତ୍ର, ପ୍ରେସ କ୍ଲବ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟନାୟକ, ବରିଷ୍ଠ ଆଇନଜୀବୀ ବିଜୟ ପଟନାୟକ ପ୍ରମୁଖ ଯୋଗ ଦେଇ ଜଙ୍ଗଲ ସୁରକ୍ଷା କରିବା ସହ ଅଧିକ ରୁ ଅଧିକ ବୃକ୍ଷରୋପଣ କରିବାଲାଗି ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଜଙ୍ଗଲରେ ନିଆଁ ନଲଗାଇବା, ବନ୍ୟ ଜନ୍ତୁଙ୍କ ସୁରକ୍ଷା କରିବା ନେଇ ସଚେତନ କରିଥିଲେ । ଆଉ ପ୍ରତ୍ୟେକ ଲୋକ ନିଜ ଜୀବନ କାଳରେ କିଛିକିଛି ଗଛ ଲଗାଇବା ସହ ତାକୁ ବଂଚାଇରଖିଲେ ଭବିଷ୍ୟ ପିଢ଼ି ପରିବେଶ ପ୍ରଦୂଷଣରୁ ରକ୍ଷା ପାଇବେ ବୋଲି ବରିଷ୍ଠ ରୋଟାରୀଆନ ବିପ୍ରଚରଣ ପାତ୍ର କହିଥିଲେ । ଏହି କାର୍ଯ୍ୟକ୍ରମରେ ରୋଟାରୀଆନ ମିନି ନାୟକ, ସୁନିତା ରାଣୀ ନାୟକ, ବିରଜା ପ୍ରସାଦ ନାହାକ, ହରିଶ୍ଚନ୍ଦ୍ର ମହାରଣା, କୁନ୍ଦନ ସିଂ, ପଦ୍ମ ଚରଣ ସ୍ୱାଇଁ, ରବୀନ୍ଦ୍ର ନାଥ ସୁବୁଦ୍ଧି, ଦେବେନ୍ଦ୍ର ପାତ୍ର, ଜ୍ଞାନ ରଞ୍ଜନ ଦୋରା, ପ୍ରଶାନ୍ତ ପାଣିଗ୍ରାହୀ ପିକେ ପଣ୍ଡା, ମନୋରଞ୍ଜନ ପଟନାୟକ, ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସିମାଚଂଳ ବେହେରା, ସର୍ବେଶ୍ୱର ମିଶ୍ର ଓ ଡାକ୍ତର ଅକ୍ଷୟ ପଣ୍ଡା, ରଶ୍ମି ରଞ୍ଜନ ଶତପଥିଙ୍କ ସମେତ ପବ୍ଲିକ ସ୍କୁଲ ର ବହୁ ଶିକ୍ଷକ, ଶିକ୍ଷୟତ୍ରୀ, ସାମ୍ବାଦିକ ଆଦିତ୍ୟ ତ୍ରିପାଠୀ, ଶିବରାମ ନାୟକ, ଶିବଶଙ୍କର ନାୟକ, ମୁସ୍କାନ ସୁଆର, ଶିବ ବିଶ୍ୱାଳ, କାହ୍ନୁ ପଟନାୟକ, ପ୍ରଶାନ୍ତ ଜେନା, ସଦାଶିବ ପାତ୍ରଙ୍କ ସମେତ ସମାଜସେବୀ, ପରିବେଶବିତ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ ।

# ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ଉତ୍ସବରେ ଯୋଗଦେଲେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି

ଜୟପୁର, ୨୪/୬ (ନି.ପ୍ର): ଜୟପୁର ଟାଉନ ହଲ ଠାରେ ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦର ଆଜି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଅବିଭକ୍ତ କୋରାପୁଟ ଏବଂ ଗଞ୍ଜାମ ଜିଲ୍ଲାରେ ଯେଭଳି ଆୟୁର୍ବେଦ ଔଷଧ ମିଳେ ତାହା ଦେଶର ଅନ୍ୟ ପ୍ରାନ୍ତରେ ସମ୍ଭବ ନୁହେଁ । ଗଞ୍ଜାମ ଜିଲ୍ଲାରେ ଶହ ଶହ ବର୍ଷ ପୂର୍ବରୁ ଆୟୁର୍ବେଦକୁ ଲୋକେ ଆପଣାଇଥିବା ବେଳେ ଏହାର ପ୍ରସାର ଏବଂ ପ୍ରଚାର ମଧ୍ୟ ଦକ୍ଷିଣ ଓଡ଼ିଶାବାସୀ କରି ଚାଲିଛନ୍ତି । ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଯାଏଁ ସମସ୍ତେ ଆୟୁର୍ବେଦକୁ ଅଧିକ ବିଶ୍ୱାସ କରୁଥିଲେ । ତେଣୁ ସେମାନଙ୍କ ସମୟରେ ହିଁ ଓଡ଼ିଶାରେ ଏହି ଚିକିତ୍ସା ପଦ୍ଧତିର ପ୍ରସାର ଥିଲା । ସମୟ କ୍ରମେ ଏହାକୁ ପରବର୍ତୀ ସରକାର ଯେଭଳି ଗୁରୁତ୍ୱ ଦେବା କଥା ତାହା ସମ୍ଭବ ହୋଇ ନାହିଁ । ତଥାପି ଏହି ବିଦ୍ୟାର ବିକାଶ ପାଇଁ ବିଧାନସଭାରେ ଯାହା ଆବଶ୍ୟକ ସେ ବାବଦରେ ନିଜେ ପ୍ରସ୍ତାବ ରଖିବେ ବୋଲି ଆଜି କହିଛନ୍ତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି । ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ଉତ୍ସବରେ ଆଜି ଶ୍ରୀ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, କେନ୍ଦ୍ର ସରକାର ଆୟୁଷ ମନ୍ତ୍ରଣାଳୟ ଖୋଲିଥିବା ବେଳେ ରାଜ୍ୟ ସରକାରକୁ ମଧ୍ୟ ସେହି ଦିଗରେ କାମ କରିବାକୁ ସେ ପ୍ରସ୍ତାବ ଦେବା ସହ ଗାଁ ଗହଳିରେ କାମ କରୁଥିବା ବୈଦରାଜ ମାନଙ୍କ ପାଇଁ ଭତା ବ୍ୟବସ୍ଥା ରାଜ୍ୟ ସରକାର କରନ୍ତୁ ବୋଲି ଦାବି ରଖିବେ ବୋଲି ଆଜି ପ୍ରତିଶୃତି ଦେଇଛନ୍ତି । ପରିଷଦର ସଭାପତି ଡାକ୍ତର ସୁଦର୍ଶନ ଗୌଡ଼ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ କବି ପ୍ରଦୀପ ମିଶ୍ର ଯୋଗ ଦେଇଥିବା ବେଳେ ସାଧାରଣ ସଂପାଦକ କବିରାଜ ପରମେଶ୍ୱର ପାତ୍ର ଅତିଥି ପରିଚୟ ସହ ବିବରଣୀ ପାଠ କରିଥିଲେ । ଉତ୍ସବରେ ଅତିଥି ଭାବେ ସୋରଡ଼ାରୁ ଆସିଥିବା ଦିବ୍ୟ ଫାର୍ମାର ପ୍ରତିଷ୍ଠାତା ଉପେନ୍ଦ୍ର ପାତ୍ର, ନିଳାଂଚଳ ଶତପଥି, ଦ୍ୱିତୀକୃଷ୍ଣ ଶତପଥି, କାଶୀନଗରରୁ ଆସିଥିବା ପ୍ରକାଶ କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆୟୁର୍ବେଦ ଉପରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ବିଗତ ଦିନରେ ରାଜ୍ୟ ସରକାର କଳାକାର ଭତା ପ୍ରଦାନ କରିଥିବା ବେଳେ ସଂକୀର୍ତନ ମଣ୍ଡଳୀ ପାଇଁ ମଧ୍ୟ ଭତା ବ୍ୟବସ୍ଥା କରିଥିଲେ । କିନ୍ତୁ, ଗାଁ ଗହଳିରେ ଲୋକଙ୍କ ସେବା ରାତି ଦିନ କରୁଥିବା ଗାଁ ବଇଦ ମାନଙ୍କୁ କୌଣସି ସରକାରୀ ସ୍ୱୀକୃତି କିମ୍ବା ପ୍ରୋତ୍ସାହନ ଦିଆଯାଉନଥିବା ଅଭିଯୋଗ କରିଥିଲେ । ଏହି ପରିଷଦ ମାଧ୍ୟମରେ ଦକ୍ଷିଣ ଓଡ଼ିଶାରେ ଏକ ଆନ୍ଦୋଳନ କରାଯିବା ନେଇ ବୈଠକରେ ମତ ପ୍ରକାଶ ପାଇଥିଲା । ବର୍ତମାନର ସରକାରରେ ମନ୍ତ୍ରୀ ରହିଥିବା ଏକାଧିକ ସଦସ୍ୟ ଆୟୁର୍ବେଦ ଅଭିଜ୍ଞତାରୁ ଆସିଥିବାରୁ ନିଶ୍ଚୟ ସରକାର ବୈଦ୍ୟ ମାନଙ୍କ କଥା ଶୁଣିବେ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ମୁଖ୍ୟଅତିଥି ମଧ୍ୟ ଆଗାମୀ ଦିନରେ ଏଭଳି ଦାବୀ ୨୦୦୭ ମସିହାରୁ ପ୍ରତିଷ୍ଠା ହୋଇଥିବା ଏହି ପରିଷଦ କରିବା ଉଚିତ ବୋଲି ମତ ରଖି ସହଯୋଗର ହାତ ବଢ଼ାଇବେ ବୋଲି କଥା ଦେଇଥିଲେ । ବୈଠକରେ ଉପଦେଷ୍ଟା ଶ୍ରୀରାମ ଗୌଡ଼, ସହସଂପାଦକ ବୈଦ୍ୟ ସତ୍ୟ ନାରାୟଣ ପରିଚ୍ଛା, କୋଷାଧ୍ୟକ୍ଷ ଭବାନୀ ଚରଣ ଆଚାର୍ଯ୍ୟ ପ୍ରମୁଖ ମଂଚାସୀନ ରହିଥିଲେ । ଏହି ଅବସରରେ ୩୦ ଜଣ ବୈଦ୍ୟଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀକାନ୍ତ ପାତ୍ର, ଡାକ୍ତର ଜିନିଆରାଣୀ ମହାଙ୍କୁଡ଼, ଡାକ୍ତର ପ୍ରଶାନ୍ତ ପ୍ରଧାନ, ଡାକ୍ତର ପ୍ରଶାନ୍ତ ସାହୁ, ମଦନ ମୋହନ ନାୟକ, ମାଧବ ଚୌଧୁରୀ, ଦେବେନ୍ଦ୍ର ବାହିନୀପତି ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଉପସଭାପତି କ୍ଷେତ୍ରବାସୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ନୃଶଂସ ସ୍ୱାମୀର ଉନ୍ମତ୍ତ କାଣ୍ଡ: ସ୍ତ୍ରୀକୁ ହତ୍ୟା କରି ଡ୍ରମରେ ସିଲ୍ କରି ପୁଅ ଝିଅକୁ ଧରି ଫେରାର୍

ହରିଚନ୍ଦନପୁର, ୨୪/୬ (ନି.ପ୍ର): ନୃଶଂସ ସ୍ୱାମୀର ଉନ୍ମକ୍ତ କାଣ୍ଡ ନିଜ ସ୍ତ୍ରୀକୁ ହତ୍ୟା କରିବା ପରେ ଏକ ଡ୍ରମରେ ସିଲ୍ କରି ଫେରାର ହେଇଯାଇଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ମିଳିଥିବା ସୂଚନା ଅନୁଯାୟୀ, ହତ୍ୟାକାରୀ ସ୍ୱାମୀ କେନ୍ଦୁଝର ଜିଲ୍ଲା ଦୈତାରୀ ଥାନା ଅନ୍ତର୍ଗତ ରେବଣାପଲାସପାଳ ପଂଚାୟତର ବାଙ୍ଗୁରୁଶୁଣି ଗ୍ରାମ କମାରମାଟି ସାହିର ଟୁକୁନା ମୁଣ୍ଡା (୩୪) । ସେ ଗତ ଜୁନ ୧୩ ତାରିଖ ଦିନ ନିଜ ସ୍ତ୍ରୀ ସୁକାନ୍ତି ମୁଣ୍ଡାଙ୍କୁ କୌଣସି କାରଣରୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ଏକ ଡ୍ରମରେ ପୁରାଇ ସିଲ୍ କରିଦେଇଥିଲା । ପରେ ନିଜର ୮ ବର୍ଷର ପୁଅ ଓ ୬ ବର୍ଷର ଝିଅକୁ ସାଥିରେ ନେଇ କେଉଁ ଆଡ଼େ ଫେରାର ହୋଇଯାଇଛି । ୯ ଦିନ ବିତିଯାଇଥିଲେ ମଧ୍ୟ ପରିବାର ଲୋକେ ଏସମ୍ପର୍କରେ କୌଣସି ଖବର ପାଇ ପାରିନଥିଲେ । ରବିବାର ଦିନ ଉକ୍ତ ବନ୍ଦ ଘରୁ ଭିତରୁ ପଚା ଦୁର୍ଗନ୍ଧ ବାହାରିବାରୁ ଟୁକୁନାଙ୍କ ବାପା ଆଖପାଖ ଲୋକଙ୍କୁ ଡାକିବା ସହିତ ଏସଂପର୍କରେ ଗ୍ରାମରକ୍ଷୀକୁ ଜଣାଇଥିଲେ । ଘଟଣାସ୍ଥଳରେ ଗ୍ରାମରକ୍ଷୀ ଦୁର୍ଗନ୍ଧର ବାସ୍ନା ପାଇବା ପରେ ଦୈତାରୀ ଥାନା ଅଧିକାରୀଙ୍କୁ ଜଣାଇଥିଲେ । ସୁକାନ୍ତିର ଶଶୁର ଦିବା ମୁଣ୍ଡା ଓ ଶାଶୁ ତୁର୍କି ମୁଣ୍ଡା ଦୈତାରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ସାଇଂଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏଥିସହ ଶବକୁ ଜବତ କରି ବ୍ୟବଚ୍ଛେଦ ସକାଶେ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ହତ୍ୟାର କାରଣ ବର୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହେଇପାରିନାହିଁ । ଅନ୍ୟପକ୍ଷରେ ଡ୍ରମ ଭିତରେ ଠାକୁରଙ୍କ ଫଟୋ ସହିତ କିଛି ପୂଜା ସାମଗ୍ରୀ ମିଳିଥିବାରୁ ଟୁକୁନା ଗୁଣି ଗାରେଡି କରେ ବୋଲି ଗ୍ରାମବାସୀ କହିଛନ୍ତି । ଏହାକୁ ନେଇ ଗୁଣି ଗାରେଡି ସାଧନା କରିବା ଉଦ୍ଦେଶ୍ୟରେ ଏପରି ହତ୍ୟା କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଥିବା ଆଲୋଚନା ହେଉଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟତା ଲୋକଲୋଚନକୁ ଆସିପାରିବ ବୋଲି ଜନସାଧାରଣରେ ଆଲୋଚନା ହେଉଛି ।

## ଜିଲ୍ଲାସ୍ତରୀୟ ୧୯ତମ କ୍ୟୁରୋଗି ଏବଂ ଅଷ୍ଟମ ପୁମ୍‌ସି ଚାମ୍ପିୟନସିପ୍ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୨୪/୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ୧୯ତମ କ୍ୟୁରୋଗି ଏବଂ ଅଷ୍ଟମ ପୁମସି ଚାମ୍ପିୟନସିପ୍ ପ୍ରତିଯୋଗିତା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲା ତାଇକୋଣ୍ଡ ସଂଘର ସଭାପତି ବିମଳ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଓ କେନ୍ଦ୍ରାପଡ଼ା ପୌରାଂଚଳର ୨୧ନଂ. ୱାର୍ଡ ମେମ୍ବର ପ୍ରଭାଶିଶ୍ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଏହି ପ୍ରତିଯୋଗିତାରେ ଜିଲ୍ଲାର ୧୦ଟି ଶାଖାରୁ ୨୫୦ରୁ ଅଧିକ ବାଳକ ଓ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି କୃତୀ ପ୍ରତିଯୋଗୀ ଆସନ୍ତା ମାସ ଜୁଲାଇ ୫ତାରିଖରୁ ୭ତାରିଖ ପର୍ଯ୍ୟନ୍ତ କଟକସ୍ଥିତ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେ ବୋଲି ଜିଲ୍ଲା ତାଇକୁଣ୍ଡ ସଂଘର ସମ୍ପାଦକ ସୂଚନା ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଦିବ୍ୟ ଜ୍ୟୋତି ଦାସ, ସରୋଜ କୁମାର ମଲ୍ଲିକ, ପ୍ରତିମୟୀ ମହାନ୍ତି, ଖଗେଶ୍ୱର ସାହୁ, ନୀଳମାଧବ ମଲ୍ଲିକ, ଦୁଷ୍ମନ୍ତ ମଲ୍ଲିକ, ପ୍ରଗତି ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଭାରତୀୟ ମଜଦୂର ସଂଘର ଜିଲ୍ଲା କମିଟି ଗଠନ

ବଲାଙ୍ଗିର, ୨୪/୬ (ନି.ପ୍ର): ଆଜି ଭାରତ ବର୍ଷର ସର୍ବବୃହତ ମହାସଂଘ ହେଉଛି ଭାରତୀୟ ମଜଦୁର ସଂଘ । ଏହି ସଂଘରେ ସର୍ବ ଭାରତୀୟ ସ୍ତରରେ ଏକ କୋଟି ସଦସ୍ୟ ଥିବାର ସଂଘ ଦାବୀ କରେ । ଏହି ମହାସଂଘରେ ଅନେକ ପ୍ରକାରର ମଜଦୁର ସଂଘଗୁଡ଼ିକ ଜଡ଼ିତ ଅଛନ୍ତି । ସେମାନଙ୍କ ମଧ୍ୟରୁ ଆଶା, ଅଙ୍ଗନୱାଡ଼ି, ପାଚିକା, ରେଲୱେ, କୋଠାବାଡ଼ି, ରାଜମିସ୍ତ୍ରୀ, ଝାଡୁଦାର, ରିକ୍ସା ଚାଳକ, ଭାରତୀୟ ପ୍ରତିରକ୍ଷା ମଜଦୁର ସଂଘ, ଉଠା ଦୋକାନୀ, କଳ କାରଖାନାରେ କାର୍ଯ୍ୟରତ ମଜଦୁର ପରି ଅନେକ ସଂଘର ସଦସ୍ୟମାନେ ଏହି ସଂଘରେ ମିଳିତଭାବେ ସଂଗଠିତ ହୋଇଥାନ୍ତି । ଆଜି ବଲାଙ୍ଗିର ଜିଲ୍ଲାର ସରସ୍ୱତୀ ଶିଶୁ ବିଦ୍ୟାଳୟରେ ଜିଲ୍ଲାର ବିଭିନ୍ନ ସଂଘର ଶତାଧିକ ସଦସ୍ୟ ଏକତ୍ରିତ ହୋଇ ଜିଲ୍ଲା କମିଟି ଗଠନ କରିଥିଲେ । ଏହି ବୈଠକରେ ମୁଖ୍ୟ ଅତିଥିଭାବେ କଳାହାଣ୍ଡି ଜିଲ୍ଲାର ବଲାଙ୍ଗିର ଓ ସୋନପୁର ଜିଲ୍ଲା ପ୍ରଭାରୀ ବିରଂଚି ନାରାୟଣ ପଣ୍ଡା ସଭାର ନେତୃତ୍ୱ ନେଇଥିଲେ ଏବଂ ଜିଲ୍ଲାର ନୂତନ କମିଟି ଗଠନ କରିବା ସହିତ ସଭାପତି ଭାବେ ଅରୁଣ ପଟେଲ, ଯୁଗ୍ମ ସଭାପତି ସ୍ନିଗ୍ଧାଞ୍ଜଳୀ ନନ୍ଦ, ସମ୍ପାଦକ ଫିରୋଜ କୁମାର ସାହୁ, ସହ ସମ୍ପାଦିକା ଯାଜ୍ଞସେନି କୁମ୍ଭାର, ସଂଗଠନ ସମ୍ପାଦକ ଚିତରଞ୍ଜନ ପାଢ଼ୀ, କୋଷାଧ୍ୟକ୍ଷ ବାଳକୃଷ୍ଣ ସାହୁ ଓ ସହାୟକ ସଦସ୍ୟମାନେ ହେଲେ ସୁନୀଲ ମିଶ୍ର, ବିନୋଦିନୀ ପଟେଲ, ଆଭାମୟୀ ପୁରୋହିତ, ନିରାବତୀ ମେହେର, ରାଜକୁମାର କଲେତ, ଶରତ ସାହୁ, ଗୋପାଳ ସାହୁ, ନୀଳାମ୍ବର ବେହେରାଙ୍କୁ ଦାୟିତ୍ୱ ଭାର ଦିଆଗଲା । ଆଗାମୀ ଦିନରେ ଭାରତୀୟ ମଜଦୁର ସଂଘକୁ ସୁଚାରୁରୂପେ କାର୍ଯ୍ୟକାରି କରିବା ସହିତ ଜିଲ୍ଲାର ସମସ୍ତ ମଜଦୁର କିପରି ଭାବରେ ସମସ୍ତ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ କୌଣସି ଅସୁବିଧାର ସମ୍ମୁଖୀନ ନହେବେ ସେଥିପ୍ରତି ସଦାସର୍ବଦା ଜାଗ୍ରତ ହେବେ ବୋଲି ନୂତନ କମିଟି ସଦସ୍ୟ ପ୍ରତିଶୃତିବଦ୍ଧ ହେଲେ ।

# ଫୁଲବାଣୀରେ ଦ୍ୱିବାର୍ଷିକ ମା’ ନାରାୟଣୀ ଠାକୁରାଣୀଙ୍କ ଶୁଭଖୁଂଟି ପ୍ରତ୍ୟାଗମନ

କନ୍ଧମାଳ, ୨୪/୬ (ନି.ପ୍ର): ଚଳିତ ବର୍ଷ ମା’ ନାରାୟଣୀ ଠାକୁରାଣୀଙ୍କ ୨୬ ତମ ଯାତ୍ରା ଉପଲକ୍ଷେ ଗତ ଏପ୍ରିଲ ମାସ ମେରୁ ସଂକ୍ରାନ୍ତି ଦିନ ରୀତିନୀତି ସହକାରେ ବାଜା ବାଜଣା ସହ ରାମ ମନ୍ଦିର ନିକଟସ୍ଥ ଥିବା ଯାତ୍ରା ପଡିଆ ଅସ୍ଥାୟୀ ମନ୍ଦିରକୁ ମାଙ୍କ ଆଜ୍ଞାମାଳ ଆଣି ଶୁଭଖୁଂଟି ସ୍ଥାପନ କରାଯାଇଥିଲା । ମା ନାରାୟଣୀ ଗତ ମେ ମାସ ୧୦ ତାରିଖରେ ବିରାଟ ଶୋଭାଯାତ୍ରାରେ ସ୍ୱ ମନ୍ଦିରରୁ ଆସି ଅସ୍ଥାୟୀ ମନ୍ଦିର ରେ ରହି ଦିର୍ଘ ଏକ ମାସ ପରେ ଗତ ଜୁନ ମାସ ୧୧ ତାରିଖରେ ସ୍ୱ ମନ୍ଦିରକୁ ପ୍ରତ୍ୟାଗମନ କରିଥିଲେ । ଆଜି ସେହି ଶୁଭଖୁଣ୍ଟିକୁ ବାଜା ବାଜଣା ସହ ପୁଣି ମନ୍ଦିରକୁ ପ୍ରତ୍ୟାଗମନ କରାଯାଇଛି ।

ପ୍ରତ୍ୟାଗମନ ସମୟରେ ଯାତ୍ରା ପରିଚାଳନା କମିଟିର ସଭାପତି ପି ସୁଧାଂଶୁ ସେନାପତି, ସମ୍ପାଦକ ଦୂର୍ଗା ପ୍ରସାଦ ତ୍ରିପାଠୀ ସମ୍ମାନିତ ସହ ସମ୍ପାଦକ ଅରୁଣ ପଣ୍ଡା, ସୀମାଚଂଳ ପ୍ରଧାନ,ଅର୍ଥ ସମ୍ପାଦକ କାବୁଲା ସେନାପତି, କାର୍ଯ୍ୟକାରୀ ସଦସ୍ୟ ଅସିତ୍ ମହାନ୍ତି, ଆଦିତ୍ୟ ପ୍ରସାଦ ତ୍ରିପାଠୀ,କେଶବ ରାଓ, ଭି ଜଗନ୍ନାଥ ରାଜୁ, ଜିତେନ୍ଦ୍ର ସାହୁ, ଅଶୋକ ତ୍ରିପାଠୀ, ପୂଜକ ସଞ୍ଜୟ ଦାସ, ସନ୍ତୋଷ ଦାସ, ସୂର୍ଯ୍ୟ ପଣ୍ଡା, ଶ୍ରୀକାନ୍ତ ପଣ୍ଡା ଓ ପିତାମ୍ବର ପଣ୍ଡା, ଯୁବ ବ୍ୟବସାୟୀ କ୍ରିଷ୍ଣା ସେନାପତିଙ୍କ ସମେତ ଘଟ ଧାରୀ ମା ମାନେ ଉପସ୍ଥିତ ଥିଲେ ।

# କାମରେ ଲାଗୁନି ମହିଳା ଚାଷୀ ବଜାର: ପାଣିରେ ପଡିଲା କୋଟି କୋଟି ଟଙ୍କା

ଧର୍ମଶାଳା, ୨୪/୬ (ନି.ପ୍ର): ବିଭିନ୍ନ ସମୟରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ପଦକ୍ଷେପ ନିଆଯାଉଛି । ହାତ ଗଣତି କିଛି ଯୋଜନା ସଫଳ ରୂପାୟନ ହୋଇଥିବା ବେଳେ ଅନେକ ଯୋଜନା ଫେଲ ମାରିଛି । ଯାହାକି କୋଟିକୋଟି ଟଙ୍କା ପାଣିରେ ପଡିବା ସଦୃଶ ହୋଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ବାରବାଟୀ ଅଂଚଳରେ । ସ୍ଥାନୀୟ ଅଂଚଳର ମହିଳାମାନଙ୍କୁ ସ୍ୱାବଲମ୍ବୀ ନିମନ୍ତେ ବାରବାଟୀ ଠାରେ ମହିଳା ଚାଷୀ ବଜାରର ପରିକଳ୍ପନା କରାଯାଇଥିଲା । ୨୦୨୦ ମସିହା ଜୁଲାଇ ମାସରେ ଏହାକୁ ଉଦଘାଟନ କରାଯାଇଥିଲା । ଦୀର୍ଘ ବର୍ଷ ପରେ ବି ଏହି ମହିଳା ବଜାର କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି । କିଛି ଚାବି ଫେରାଇ ଦେଇଥିବା ବେଳେ ଆଉ କିଛି ଲୋକ ଜବରଦଖଲ କରି ରହିଛନ୍ତି । ଆଉ କିଛି ଦୋକାନ ଗୃହ ଭଡାରେ ଦିଆଯାଇଥିବା ଜଣାପଡିଛି । ମହିଳା ଚାଷୀ ବଜାର ତାର ଲକ୍ଷ୍ୟ ହୁଡିଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ତେଣୁ ତୁରନ୍ତ ମହିଳା ଚାଷୀ ବଜାରକୁ ପୁନଃ ବଂଟନ କରିବାକୁ ସାଧାରଣରେ ଦାବି ହେଉଛି । ଏହି ମହିଳା ଚାଷୀ ବଜାର ଯାଜପୁର ନିୟନ୍ତ୍ରଣ ବଜାର କମିଟି ଓ ବାରବାଟୀ ପଂଚାୟତର ୬୦-୪୦ ଅର୍ଥ ବ୍ୟୟରେ ୨୨ ଗୋଟି ଦୋକାନ ଗୃହ ନିର୍ମାଣ କରାଯାଇଥିଲା । ୨୦୨୦ ଜୁଲାଇ ୧ ତାରିଖରେ ଯାଜପୁରର ତତ୍କାଳୀନ ଜିଲାପାଳ ରଂଜନ କୁମାର ଦାସ ଏହାକୁ ମହିଳାମାନଙ୍କ ଉଦ୍ଦେଶ୍ୟର ଉଦଘାଟନ କରିଥିଲେ । ନିର୍ମିତ ଦୋକାନ ଘର ଗୁଡିକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଭଡା ସୂତ୍ରରେ ଦିଆଯାଇଥିଲା । ଉଦଘାଟନର ୮ମାସ ପରେ ଏହି ଗୃହକୁ କାହାରିକୁ ଭଡା ଦିଆଯାଇ ନ ଥିଲା । ୨୦୨୧ ମସିହା ମାର୍ଚ୍ଚ ମାସରୁ ଏହି ଗୃହକୁ ଭଡା ଦିଆଯାଇଥିଲା । ସେଥିମଧ୍ୟରୁ ଗୋଟିଏ ଦୁଇଟି ଦୋକାନ ଗୃହ ପରବର୍ତୀ ସମୟରେ ଖୋଲିଥିବା ବେଳେ ବାକି ବନ୍ଦ ପଡିଥିଲା । ପ୍ରଶାସନ ପକ୍ଷରୁ ବହୁ ତାଗିଦ୍ ପରେ ଅନ୍ୟ କିଛି ଦୋକାନ ଖୋଲା ଯାଇଥିଲା । ଫଳରେ ଏହି ମହିଳା ଚାଷୀ ବଜାର ଏବେ ଭୂତକୋଠି ପାଲଟିଛି । ପ୍ରାୟ ବର୍ଷେ ହେବ ଯାଜପୁର ବିଡିଓ ଦାୟିତ୍ୱ ତୁଲାଇଥିବା ବେଳେ ଏହି ମହିଳା ଚାଷୀ ବଜାରରେ ବ୍ୟୟବରାଦ ହୋଇଥିବା କୋଟି କୋଟି ଟଙ୍କା ପାଣିରେ ପଡିଛି । କିଛି ଦୋକାନରୁ ଭଡା ଆଦାୟ କରାଯାଉଥିବା ବେଳେ ଆଉ କିଛି ଦୋକାନରୁ ଆଂଶିକ ଭଡା ଆଦାୟ କରାଯାଉଥିବା ସହ ବାକି ସମସ୍ତ ଗୃହ ଜବରଦଖଲରେ ରହିଛି । ଦୋକାନ ଖୋଲା ନ ହେବା ଫଳରେ ବଜାର ପରିସର ଛୋଟ ଜଙ୍ଗଲରେ ପରିଣତ ହେଲାଣି । ଏହାର ପୁନଃରୁଦ୍ଧାର ଓ ଜବରଦଖଲ ନ ହଟିଲେ କୋଟି କୋଟି ଟଙ୍କାର ଅମୂଲ୍ୟ ସମ୍ପତି ନଷ୍ଟ ହେବାର ସମ୍ଭାବନା ରହିଥିବା ସ୍ଥାନୀୟ ବ୍ୟବସାୟୀ ସେମାନଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି ।

# ଅଧିଷ୍ଠାତ୍ରୀ ମା’ ଭଗବତୀ ମନ୍ଦିରରୁ ଚୋରି

ଜୟପୁର, ୨୪/୬ (ନି.ପ୍ର): ଜୟପୁର ଜଗନ୍ନାଥ ମନ୍ଦିର ପରିସରରେ ଥିବା ଅଧିଷ୍ଠାତ୍ରୀ ମା ଭଗବତୀ ମନ୍ଦିରରେ ଚୋରି ହୋଇଛି । ଦୁର୍ବୃତମାନେ ବିଳମ୍ବିତ ରାତ୍ରରେ ମନ୍ଦିରରେ ପଶି ଚୋରି କରିଥିବା ଜଣାଯାଇଛି । ମନ୍ଦିରର ସେବାୟତ ହରି ଗୌଡ ଆଜି ସକାଳ ଆଠଟାରେ ମନ୍ଦିର ଚାବି ଖୋଲିବା ସମୟରେ ଏହା ଜାଣିବାକୁ ପାଇଥିଲେ । ପରେ ପୁଜକ ଭିରେନ୍ଦ୍ର କୁମାର ରଥ ପହଂଚିବା ପରେ ଲୋକଙ୍କ ଭିଡ ଜମିଥିଲା । ହୁଣ୍ଡି, ମା ଙ୍କ ଅଳଙ୍କାର, ଶାଢୀ ରୋଷେଇ ଘର ନିକଟରେ ପଡିଛି । ଏନେଇ ଦେବୋତର ଅଧିକାରି ମନୋଲିତା ଆଚାର୍ଯ୍ୟ ଓ ଟାଉନ ପୋଲିସକୁ ସୂଚନା ଦିଆଯାଇଥିଲା । ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି । ଦୁର୍ବୃତ ମାନେ ହୁଣ୍ଡିକୁ ଭାଙ୍ଗି ଦେଇଥିଲେ । ମାଙ୍କ ସୁନା ଗହଣା, ରୁପା ଆଦି କିଛି ଚୋରି ହୋଇ ନଥିବା ଜଣାଯାଇଛି । ହୁଣ୍ଡିରେ ମଧ୍ୟ କିଛି ଟଙ୍କା, ସୁନା ମୁଦିକୁ ଛାଡି ଦେଇଥିଲେ ଦୁର୍ବୃତ । ମନ୍ଦିର କାଠ କବାଟର ତାଲା ଭାଙ୍ଗି ଭିତରେ ପଶିଥିଲେ ବୁର୍ବୃତ । ମା ପିନ୍ଧିଥିବା ରୁପା ଚୁଡିକୁ ବାହାର କରିଥିଲେ । ସେହି ଚୁଡି ଓ ଲୁଗା, ହୁଣ୍ଡିର ହାଣ୍ଡି ଆଦି ରୋଷେଇ ଘର ପାଖରେ ପକାଇ ଚମ୍ପଟ ମାରିଥିଲେ । ମନ୍ଦିରରେ ସିସି କ୍ୟାମେରା ଲାଗିଥିବା ବେଳେ ବୁର୍ବୃତ ମାନେ ଚତୁରତାର ସହ ତାର କାଟି ଦେଇଥିବା ବେଳେ ଗୋଟିଏ ସିସି କ୍ୟାମେରା ଚୋରି ହୋଇଯାଇଛି । ଏନେଇ ଜୟପୁର ଟାଉନ ପୋଲିସ ପହଂଚି ତଦନ୍ତ କରିବା ସହ ସାଇଂଟିଫିକ ଟିମ୍, ସନ୍ଧାନି କୁକୁର ତଦନ୍ତ କରିଛି ।

## ଜଳକା ରେଳ ପୋଲ ଉପରୁ ଯୁବକଙ୍କ ମୃତ ଦେହ ଉଦ୍ଧାର



ବସ୍ତା, ୨୪/୬ (ନି.ପ୍ର): ସୋମବାର ଦକ୍ଷିଣ ପୂର୍ବ ରେଳବାଇର ବସ୍ତା ଓ ନୂଆଗାଁ ମୟୁରଭଞ୍ଜ ରୋଡ଼ ଷ୍ଟେସନ ମଧ୍ୟରେ ଜଳକା ନଦୀ ପୋଲ ଉପରୁ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର କରାଯାଇଛି ।ସୂଚନାରୁ ପ୍ରକାଶ ଯେ ଯୁବକ ଜଣକ ହେଲେ ବସ୍ତା ଥାନା ମେଳକ ଗାଁର ପ୍ରତାପ ନାୟକଙ୍କ ପୁଅ ଦେବାଶିଷ (୨୪ ବର୍ଷ) ।ସେ ଗତ କାଲି ରାତିରେ କୁଆଡେ ସ୍ଥାନୀୟ ଅଞ୍ଚଳରେ ହେଉଥିବା ଯାତ୍ରା ଦେଖିବାକୁ ଯାଇଥିଲେ ।ତେବେ ତାଙ୍କର ମୃତ ଦେହ ଅପ ଲାଇନରେ ପଡିଥିବା ଦେଖିବାକୁ ମିଳିଥିଲା। ମୃତ୍ୟୁ ସଠିକ କାରଣ ଜଣାପଡିନାହିଁ ।ରେଲବାଇ ପୁଲିସ ଘଟଣା ସ୍ଥଳରୁ ଶବ ଜବତ କରି କେଶ ନଂ ୪୯/୨୦୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

# ଜ୍ଞାନବିକାଶ ଆଇଟିଆଇରୁ ୬୦ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଲାଭ ଲାଗି ଯିବେ ମହାରାଷ୍ଟ୍ର

ଜଳେଶ୍ୱର ୨୪/୬ (ନିପ୍ର) : ଜଳେଶ୍ୱର ଅଂଚଳର ଏକ ଅଗ୍ରଣୀ ଶିକ୍ଷ ତାଲମ କେନ୍ଦ୍ରରୁ ୬୦ଜଣ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷାଲାଗି ମହାରାଷ୍ଟ ଛତ୍ରପତି ସମ୍ଭୋଜୀ ନଗରକୁ ଯିବେ ବୋଲି ଆଜି ମନୋନୀତ ହୋଇଛନ୍ତି । ଆୟୋଜିତ ସଭାରେ ଅନୁଷ୍ଠାନର ମୁଖ୍ୟ ଲେଲିନ୍ କୁମାର ପ୍ରଧାନ ଅଧ୍ୟକ୍ଷତା କରି ପ୍ରତିବର୍ଷ ଏହି ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀମାନେ ଅନ୍ୟ ରାଜ୍ୟକୁ ଉଚ୍ଚ ଶିକ୍ଷାପାଇଁ ଯୋଗ୍ୟତା ହାସଲ କରୁଥିବା ବେଳେ ଚଳିତ ବର୍ଷ ଥିବା ୧୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୦ଜଣଙ୍କୁ ଯୋଗ୍ୟ ବିବେଚିତ କରାଯାଇଛି । ମହାରାଷ୍ଟ୍ର




ସରକାରଙ୍କ ପକ୍ଷରୁ ଆସିଥିବା ସତିଶ କୁମାର ଏଥିରେ ଯୋଗ ଦେଇ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପ୍ରତିଭା ସଂପର୍କରେ ପ୍ରକାଶ କରି ଉଚ୍ଚ ଶିକ୍ଷା ଗ୍ରହଣ ବେଳେ ମାସିକ ୧୫ହଜାର ଟଙ୍କା ଲେଖାଏଁ ଷ୍ଟାଇପେଣ୍ଟ ମିଳିପାରିବ ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଭଗବାନ ଗିରି, ନିଳକଣ୍ଠ ପାତ୍ର, ସେକ୍ ଅନିରୁଦ୍ଦିନ ହୋସେନ, ଅକ୍ଷୟ କୁମାର ଭଂଜ, ରବିନାରାୟଣ ଚାନ୍ଦ, ମନୋଲିସା ମିଶ୍ର, ପ୍ରଶାନ୍ତ ପରିଡା, ସଂଜିବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଜ୍ୟୋତିବିହାରରେ ସର୍ବଭାରତୀୟ ମହାନଦୀ ନୃତ୍ୟୋତ୍ସବ

ସମ୍ବଲପୁର, ୨୪/୬ (ନି.ପ୍ର): ପଶ୍ଚିମ ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ''ଉଡ଼ାନ୍'' ପକ୍ଷରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ପରିସରରେ ସର୍ବଭାରତୀୟ ନୃତ୍ୟ ପ୍ରତିଯୋଗିତା ଓ ଉତ୍ସବ ''ମହାନଦୀ ନୃତ୍ୟୋତ୍ସବ'' ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ରମେଶ ଶାହା ଏବଂ ନିର୍ଦ୍ଦେଶିକା ତମନ୍ନା ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ୮୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ ଓଡିଶୀ ନୃତ୍ୟଗୁରୁ ଡକ୍ଟର ଗଜେନ୍ଦ୍ର ପଣ୍ଡା ଓ ମୋକ୍ଷଦା ତ୍ରିପାଠୀ, ଭାରତ ନାଟ୍ୟମ ଗୁରୁ ଦେବସ୍ମିତା ନାୟକ, ରାମରଞ୍ଜନ କହଁରଙ୍କ ସମେତ ଖୋର୍ଦ୍ଧା, ପୁରୀ, ରାଉରକେଲା, ଟିଟିଲାଗଡ଼ ଓ ସମ୍ବଲପୁରର କୁନି କୁନି କଳାକାର ମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ସମ୍ବଲପୁରୀ ଲୋକନୃତ୍ୟ ଗୁରୁ ରଞ୍ଜିତ କୁମାର ନାଗ ଓ ଓଡିଶୀ ନୃତ୍ୟଗୁରୁ ଡକ୍ଟର ଗଜେନ୍ଦ୍ର ପଣ୍ଡାଙ୍କୁ ଜୀବନ ବ୍ୟାପୀ ସାଧନା ପାଇଁ ''ନୃତ୍ୟ ଶିରୋମଣି'' ଉପାଧିରେ ଭୂଷିତ କରାଯାଇଥିଲା । ଏହାଛଡା ଆଉ କେତେକ ନୃତ୍ୟଗୁରୁଙ୍କୁ ''ନୃତ୍ୟ ରତ୍ନ'' ଏବଂ ''ନୃତ୍ୟ ପ୍ରତିଭା'' ସମ୍ମାନରେ ସମ୍ମାନିତ କରାଯାଇଥିଲା । ସୁପ୍ରୀତି ମିଶ୍ର ଓ ସଂସ୍କୃତିକା ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ନୃପରାଜ ସାହୁ ଓ ଅନୁଷ୍ଠାନର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଅତିଥି ରୂପେ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ ।

# ହିନ୍ଦୀ ସାହିତ୍ୟ ସମ୍ମିଳନୀ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ କୋରାପୁଟର ମିଳିତ ଆନୁକୂଲ୍ୟରେ ୭୫ତମ ଜାତୀୟ ସମ୍ମିଳନୀ ଉଦ୍ଘାଟିତ

ଜୟପୁର, ୨୪/୬ (ନି.ପ୍ର): ହିନ୍ଦୀ ସାହିତ୍ୟ ସମ୍ମିଳନୀ, ପ୍ରୟାଗ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ମିଳିତ ଆନୁକୂଲ୍ୟରେ ହିନ୍ଦୀ ସାହିତ୍ୟ ସମ୍ମିଳନୀର ୭୫ତମ ଅମୃତ ମହୋତ୍ସବ ସମ୍ମିଳନୀ ୨୩ ଜୁନ୍ ୨୦୨୪ରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ମୁଖ୍ୟ କ୍ୟାମ୍ପସରେ ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଛି। ସମଗ୍ର ଭାରତରୁ ଆସିଥିବା ହିନ୍ଦୀ ପ୍ରେମୀମାନଙ୍କୁ ସ୍ୱାଗତ କରିବା ସହ ଏହି କାର୍ଯ୍ୟକ୍ରମ ପାରମ୍ପରିକ ସମାରୋହ ସହିତ ଆରମ୍ଭ ହୋଇଥିଲା। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇ ହିନ୍ଦୀ ମାଧ୍ୟମରେ ବିଶ୍ୱକୁ ଯୋଡ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ହିନ୍ଦୀକୁ କେବଳ ଏକ ଭାଷା ନୁହେଁ; ଏହା ଭାରତର ଅନ୍ତର୍ଭୁକ୍ତ ସଂସ୍କୃତିର ପ୍ରତୀକ ଏବଂ ଭାରତର ଲୋକଙ୍କୁ ଏକଜୁଟ କରି ଭାରତୀୟ ସଂସ୍କୃତିକୁ ବିଶ୍ୱସ୍ତରରେ ବିସ୍ତାର କରିବାର କ୍ଷମତା ରଖିଛି ବୋଲି ବର୍ଣ୍ଣନା କରିଥିଲେ । ପ୍ରଫେସର ତ୍ରିପାଠୀ ହିନ୍ଦୀ ପ୍ରତି ତାଙ୍କର ଗଭୀର ଭଲପାଇବା ପ୍ରକାଶ କରିବା ସହ ଅନ୍ତର୍ଜାତୀୟ ମଞ୍ଚରେ ଭାଷାର ଉଜ୍ଜ୍ୱଳ ଭବିଷ୍ୟତର ପରିକଳ୍ପନା କରିଥିଲେ। ସମ୍ମିଳନୀର ପ୍ରଧାନମନ୍ତ୍ରୀ କୁନ୍ତକ ମିଶ୍ର ହିନ୍ଦୀ ସାହିତ୍ୟ ସମ୍ମିଳନୀର ସମୃଦ୍ଧ ଇତିହାସକୁ ସ୍ୱୀକୃତି ଦେବାର ଗୁରୁତ୍ୱ ଏବଂ ଏହାର ପ୍ରାରମ୍ଭିକ ଅଗ୍ରଣୀମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ଭାରତର ସାଂସ୍କୃତିକ ଏକତା ବଜାୟ ରଖିବାରେ ହିନ୍ଦୀର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିବା ସହ ଭାଷା ମାଧ୍ୟମରେ ଏହି ଏକତା ବଜାୟ ରଖିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରୋ-କୁଳପତି ପ୍ରଫେସର ଆର୍ ଏସ୍ ସରରାଜୁ ଦକ୍ଷିଣ ଭାରତ ସମେତ ଭାରତର ବିଭିନ୍ନ ଅଂଚଳରେ ହିନ୍ଦୀକୁ ଏକାଠି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ହିନ୍ଦୀ ସାହିତ୍ୟ ଭାରତର ମଧ୍ୟବିତ ଚେତନାକୁ ପ୍ରଭାବଶାଳୀ ଭାବରେ ଚିତ୍ରଣ କରିଛି ଏବଂ ହିନ୍ଦୀର ବୈଷୟିକ ଉନ୍ନତି ପାଇଁ ଆହ୍ୱାନ ଦେଇଥିଲେ । ପ୍ରଫେସର ସରରାଜୁ କହିଥିଲେ ଯେ, ସାଂସ୍କୃତିକ ପରିପୂର୍ଣ୍ଣତା ପାଇଁ ହିନ୍ଦୀକୁ ପ୍ରୋତ୍ସାହିତ କରିବା ଜରୁରୀ ଏବଂ ଏହି ପ୍ରୟାସରେ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆଗ୍ରାସ୍ଥିତ ସେଂଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହିନ୍ଦୀର ନିର୍ଦ୍ଦେଶକ ତଥା ଉଦ୍ ଘାଟନୀ ସମାରୋହର ଅଧକ୍ଷ ପ୍ରଫେସର ସୁନୀଲ ବାବୁରାଓ କୁଲକର୍ଣ୍ଣ ସମ୍ମିଳନୀରେ ଅଂଶଗ୍ରହଣ କରି ସୌଭାଗ୍ୟ ପ୍ରକାଶ କରିଥିଲେ। ହିନ୍ଦୀ ସାହିତ୍ୟ ସମ୍ମିଳନୀର ପରମ୍ପରାକୁ ଜାରି ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ହିନ୍ଦୀ ସେବାକୁ ଜାତୀୟ ସେବା ସହିତ ଯୋଡ଼ିଥିଲେ । ପ୍ରଫେସର କୁଲକର୍ଣ୍ଣ ହିନ୍ଦୀ ସାର୍ଟିଫିକେଟ୍ ପାଠ୍ୟକ୍ରମ ପାଠ୍ୟପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରିବାକୁ ଘୋଷଣା କରିବା ସହ ସମସ୍ତ ହିନ୍ଦୀ ଅନୁଷ୍ଠାନର ସହଯୋଗ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ହିନ୍ଦୀ ସେବାକୁ ଏକ ପ୍ରତିବଦ୍ଧତା ଭାବରେ ଗ୍ରହଣ କରିବାକୁ ସେ ଲୋକମାନଙ୍କୁ ଅନୁରୋଧ କରିଥିଲେ । ହିନ୍ଦୀ ସାହିତ୍ୟ ସମ୍ମିଳନୀ ଦ୍ୱାରା ଡକ୍ଟର କୁଲକର୍ଣ୍ଣଙ୍କୁ 'ସାହିତ୍ୟ ବଚସ୍ପତି' ଉପାଧିରେ ସମ୍ମାନିତ କରାଯାଇଥିଲା ।

ଉଦ୍ ଘାଟନୀ ଉତ୍ସବକୁ ହିନ୍ଦୀ ସାହିତ୍ୟ ସମ୍ମିଳନୀର ପୂର୍ବତନ କାର୍ଯ୍ୟାଳୟ ଅଧୀକ୍ଷକ ଶେଷ ମଣି ପାଣ୍ଡେ ପରିଚାଳନା କରିଥିଲେ। ପ୍ରଫେସର ହେମରାଜ ମୀନା ସମ୍ମାନିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର ରାମକିଶୋର ଶର୍ମା ଧନ୍ୟବାଦ ଅର୍ପଣ କରି ହିନ୍ଦୀ ସାହିତ୍ୟ ସମ୍ମିଳନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ତିନି ଦିନିଆ ଜାତୀୟ ଅଧିବେଶନ ଜୁନ୍ ୨୩ରୁ ଆରମ୍ଭ ହୋଇଥିବା ବେଳେ ଜୁନ୍ ୨୫ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ମିଳନୀରେ ରେଜିଷ୍ଟ୍ରାର ଡ. ନରସିଂହ ଚରଣ ପଣ୍ଡା, ହିନ୍ଦିବିଭାଗରର ମୁଖ୍ୟ ଡ. ଚକ୍ରଧର ପ୍ରଧାନ, ସହକାରୀ ପ୍ରଫେସର ଡାକ୍ତର ମନୋଜ କୁମାର ସିଂହ, ଡ. ଶ୍ରୀକାନ୍ତ ଅର୍ଲେ, ପ୍ରଫେସର ହେମରାଜ ମୀନା, ଡ. ନିର୍ଝାରିଣୀ ତ୍ରିପାଠୀ, ଡ. ପଦ୍ମଚରଣ ମିଶ୍ର, ଡ. ପ୍ରସନ୍ନଜିତ ସିହ୍ନା, ଡ. କାକୋଲି ବାନାର୍ଜୀ, ଡ. ନବୀନ ପ୍ରଧାନ, ଡ. ଗୁରଜିତ୍ ଓ୍ୱାଲିଆ, ପ୍ରଫେସର ଭରତ ପଣ୍ଡା, ଡ. ନିଖିଲ ଗୌଡ଼ା, ଡ. କପିଲ ଖେମେନ୍ଦୁ, ଡ. ସର୍ବେଶ୍ୱର ବାରିକ, ଡ. ଫଗୁନାଥ ଭୋଇ, କୁମାର ଗୌରବ, ଅସୀମଙ୍କ ସମେତ ଦେଶର ବିଭିନ୍ନ ରାଜ୍ୟର ୩୦୦ରୁ ଅଧିକ ପଣ୍ଡିତ, ସାହିତ୍ୟିକ, ଶିକ୍ଷକ ଓ ହିନ୍ଦୀ ସେବାପ୍ରେମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ହିନ୍ଦୀ ସାହିତ୍ୟର ପ୍ରଚାର ଓ ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଥିଲା, ଯାହା ଏହାର ସମୃଦ୍ଧ ଭାଷାଗତ ଐତିହ୍ୟ ମାଧ୍ୟମରେ ଭାରତର ସାଂସ୍କୃତିକ ଏକତାକୁ ବଜାୟ ରଖିବା ପାଇଁ ଏକ ସାମୂହିକ ପ୍ରୟାସକୁ ପ୍ରତିଫଳିତ କରିଥିଲା ।

# ଶିକ୍ଷାନୁଷ୍ଠାନମାନଙ୍କୁ ଡିସେମ୍ବର ସୁଦ୍ଧା ନିଜସ୍ୱ ପଟ୍ଟା : ସୁରେଶ ପୂଜାରୀ

ସମ୍ବଲପୁର, ୨୪/୬ (ନି.ପ୍ର): ଆସନ୍ତା ଡିସେମ୍ବର ମାସ ଶେଷ ସୁଦ୍ଧା ସମ୍ବଲପୁର ଜିଲ୍ଲାର ସମସ୍ତ ସରକାରୀ ଅନୁଷ୍ଠାନ ନିଜସ୍ୱ ଜମିପଟା ପାଇବେ । ରାଜସ୍ୱ ବିଭାଗ ତଥା ଶିକ୍ଷାନୁଷ୍ଠାନ ଅଧିକାରୀଙ୍କୁ ନେଇ ସମ୍ବଲପୁର ର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବିଶ୍ୱବିଦ୍ୟାଳୟ (ଜିଏମୟୁ)ସମୀକ୍ଷା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଭିସୁଟ, ଭିମସାର, ଆଇଆଇଏମ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଓଏସଓୟୁ, ଜିଏମ ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ସରକାରୀ ଅନୁଷ୍ଠାନ ନିଜସ୍ୱ ଜମିପଟ୍ଟା ପାଇବେ । ଶିକ୍ଷାନୁଷ୍ଠାନ ହେବ ଜମିର ପ୍ରକୃତ ମାଲିକ । ପ୍ରସ୍ତାବିତ ତଥା ଆବଂଟିତ ଜମି ଜବରଖଲରେ ଥିଲେ ଉଚ୍ଛେଦ ହେବ । ଏନେଇ ଆଜି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନାରାୟଣୀ ପଣ୍ଡା ହଲରେ ବିଭାଗୀୟ ଅଧିକାରୀଙ୍କୁ ନେଇ ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳାନା ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା। ଶିକ୍ଷାନୁଷ୍ଠାନ ପାଇଁ ଆଉ କେତେ ଜମି ଆବଶ୍ୟକ ସେନେଇ ମଧ୍ୟ ରାଜସ୍ୱ ମନ୍ତ୍ରୀ ତଥ୍ୟ ଚାହିଁଥିଲେ। ଏହା ସହ କେଉଁଠାରେ ଜମି ଅଛି, ଯାହା ଯୋଗାଇ ଦିଆଯିବା ପାଇଁ ସୁବିଧା ହେବ ଚିହ୍ନଟ କର ବୋଲି ମଧ୍ୟ ସ୍ଥାନୀୟ ଆରଡିସି, ଜିଲ୍ଲାପାଳ ତଥା ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଆସନ୍ତା ଡିସେମ୍ବର ସୁଦ୍ଧା କାମ ସାର ଓ ଅଗଷ୍ଟ ଶେଷ ସପ୍ତାହରେ ପୁଣି ସମୀକ୍ଷା କରିବା ସହ କାମର ଅଗ୍ରଗତି ରିପୋର୍ଟ ଦିଅ ବୋଲି ସୁରେଶ କହିଛନ୍ତି । ଯାହାକୁ ନେଇ ଦୀର୍ଘ ବର୍ଷ ଧରି ପଡିରହିଥିବା ରାଜସ୍ୱ ମାମଲାରେ ପୂର୍ଣ୍ଣଚ୍ଛେଦ ପଡିବ ବୋଲି ଆଶା କରାଯାଉଛି । ତେବେ ପ୍ରଥମ ପର୍ଯ୍ୟାୟରେ ହାଇସ୍କୁଲ, ପରେ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ, କଲେଜ ଓ ବିଶ୍ୱବିଦ୍ୟାଳୟ ଜମି ଉପରେ କାମ ହେବ ବୋଲି ସମୀକ୍ଷା ପରେ ଉତରାଚଂଳ ରାଜସ୍ୱ କମିଶନର ଶ୍ରୀକାନ୍ତ ପୃଷ୍ଟି କହିଛନ୍ତି । ଏନେଇ ଆସନ୍ତାକାଲିଠାରୁ କାମ ଆରମ୍ଭ ହେବ ବୋଲି ରାଜସ୍ୱ କମିଶନର କହିଛନ୍ତି ।

# ୨୭ ଓ ୨୮ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା !

ଭୁବନେଶ୍ୱର, ୨୪/୬ (ନି.ପ୍ର): ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ଯେଉଁଥିପାଇଁ ଆଗାମୀ ୪୮ ଘଣ୍ଟାରେ ଓଡ଼ିଶାରେ କେତେକ ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ହେବାର ସମ୍ଭାବନା ରହିଛି। ତେବେ ୨୬ ତାରିଖ ବେଳକୁ ବର୍ଷାର ପରିମାଣ ବଢ଼ିବ। ୨୭ ଓ ୨୮ ତାରିଖରେ ରାଜ୍ୟରେ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ୨୬ ତାରିଖ ସକାଳ ପର୍ଯ୍ୟନ୍ତ ନୂଆପଡ଼ା, ବଲାଙ୍ଗିର, ବରଗଡ଼, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ବୌଦ୍ଧ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବର୍ଷା ଘଡ଼ଘଡ଼ି ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିପାରେ। ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ୨୬ ତାରିଖ ସକାଳ ସାଢ଼େ ସାଢ଼େ ୮ଟାରୁ ୨୭ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ ଓ ଗଜପତି ଜିଲ୍ଲାରେ କେତେକ ସ୍ଥାନରେ ଘଡ଼ଘଡ଼ି ଏବଂ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିପାରେ। ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ୨୭ ତାରିଖ ସକାଳ ସାଢ଼େ ୮ଟାରୁ ୨୮ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଗଞ୍ଜାମ, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ।ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିରେ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବରଗଡ଼, ବଲାଙ୍ଗିର, ନୂଆପଡ଼ା, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ୨୮ ତାରିଖ ସକାଳ ସାଢ଼େ ୮ଟାରୁ ୨୯ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହେବ। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୧ଟା ୧୦ରେ ପହଣ୍ଡି:....

ବିଭିନ୍ନ ନୀତିକାନ୍ତି ହେବ। ସକାଳ ସାଢ଼େ ୭ଟାରୁ ଦିନ ସାଢ଼େ ୧୨ଟା ମଧ୍ୟରେ ସେନାପଟା ଲାଗି ହେବ। ଦିନ ୧୧ଟାରେ ରଥ ପ୍ରତିଷ୍ଠା, ମଙ୍ଗଳାର୍ପଣ ଦିନ ୧ଟାରେ, ପହଣ୍ଡି ୧ ଟା ୧୦ ମିନିଟ୍‌ରେ ପହଣ୍ଡି ଆରମ୍ଭ ହୋଇ ୨ଟା ୩୦ରେ ଶେଷ ହେବ। ଏହାପରେ ଅପରାହ୍ନ ୪ ଟାରେ ଗଜପତି ମହାରାଜାଙ୍କ ଦ୍ୱାରା ଛେରାପହଁରା ନୀତି ଅନୁଷ୍ଠିତ ହେବ। ତା'ପରେ ଅର୍ଥାତ ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ। ଚଳିତବର୍ଷ ରଥଯାତ୍ରାଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ସମସ୍ତ ନୀତି କାନ୍ତି କିଭଳି ସୁରୁଖୁରୁରେ ଓ ଶୃଙ୍ଖଳିତ ଭାବେ ହୋଇପାରିବ, ସେ ନେଇ ସମସ୍ତଙ୍କ ସହଯୋଗ ଲୋଡିଛି ଶ୍ରୀମନ୍ଦିର ପ୍ରଶାସନ। ଆଜି ବସିଥିବା ଛତିଶା ନିଯୋଗ ବୈଠକରେ ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଅଧକ୍ଷତା କରିଥିବା ବେଳେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ପିନାକ ମିଶ୍ର, ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ଓ ଛତିଶା ନିଯୋଗର ସେବାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଆସନ୍ତାକାଲି ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ରଥଯାତ୍ରା ନୀତି ନିର୍ଘଣ୍ଟକୁ ପାରିତ କରିବ ପରିଚାଳନା କମିଟି।

### ଚଟାଣରେ ବସି ପଖାଳ ଖାଇଲେ....

ସେ କହିଥିଲେ, ପୂର୍ବରୁ ଏଭଳି ଶାସନ ଚାଲୁଥିଲା ଯେ ସେଥିରେ ଆମକୁ ସନ୍ତୁଷ୍ଟ ଲାଗୁନଥିଲା। ବିକାଶର ଧାରା ଠିକ୍ ଭାବେ ଯାଉ ନଥିଲା। ମାଆମାନଙ୍କୁ ସମ୍ମାନ ମିଳୁନଥିଲା। ଗରିବଙ୍କ ବିକାଶ ହେଉ ନଥିଲା। ଯୋଜନା ହେଉଥିଲା ମାତ୍ର ସେଥିରେ ନିର୍ଦ୍ଦିଷ୍ଟ ଠିକାଦାରମାନଙ୍କୁ ପୋଷା ଯାଉଥିଲା ବୋଲି କହି ପୂର୍ବ ସରକାର ଉପରେ ବର୍ଷିଥିଲେ ମୁଖ୍ୟମନ୍ତ୍ରୀ। ସୂଚନାଯୋଗ୍ୟ, ରାଇକଳାରେ ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇବା ପରେ ଝୁମ୍ପୁରା ବ୍ଲକ ଯାଇଥିଲେ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ବ୍ଲକ ଛକଠାରୁ ଦୁର୍ଗା ପଡ଼ିଆ ପର୍ଯ୍ୟନ୍ତ ସେ ରୋଡ୍ ଶୋ' କରିଥିଲେ। ସେଠାରୁ ଗାଁକୁ ଫେରି ନିଜ ଘରକୁ ଯାଇଥିଲେ ଓ ମଧ୍ୟାହ୍ନ ଭୋଜନ କରିଥିଲେ।

### ଲୋକସଭା ସଦସ୍ୟ ଭାବେ....

କାରଣରୁ ଲୋକସଭା ଭବନରେ ଓଡ଼ିଆ ଅସ୍ମିତାର ଗୁଞ୍ଜରଣ ହୋଇଥିଲା । ଓଡ଼ିଆ ଭାଷାରେ କେନ୍ଦ୍ରମନ୍ତ୍ରୀ ଶପଥ ନେଇ କହିଥିଲେ "ମୁଁ ଧର୍ମେନ୍ଦ୍ର ପ୍ରଧାନ ଲୋକସଭାର ସଦସ୍ୟ ରୂପେ ନିର୍ବାଚିତ ହୋଇ ଈଶ୍ୱରଙ୍କ ନାମରେ ଶପଥ କରୁଅଛି ଯେ ମୁଁ ବିଧି ଦ୍ୱାରା ସ୍ଥାପିତ ଭାରତର ସମ୍ବିଧାନ ପ୍ରତି ଶ୍ରଦ୍ଧା ଓ ନିଷ୍ଠା ରଖିବି, ମୁଁ ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତା ଅକ୍ଷୁର୍ଣ୍ଣ ରଖିବି ଏବଂ ମୁଁ ଯେଉଁ ପଦ ଗ୍ରହଣ କରିବାକୁ ଯାଉଅଛି ତାହାର କର୍ତ୍ତବ୍ୟ ଶ୍ରଦ୍ଧାପୂର୍ବକ ନିର୍ବାହ କରିବି।" ଶପଥ ପାଠ ନେଇ ଶ୍ରୀ ପ୍ରଧାନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ "୧୮ତମ ଲୋକସଭାର ସାଂସଦ ସଦସ୍ୟ ଭାବରେ ଶପଥ ଗ୍ରହଣ କରି ଗୌରବ ଅନୁଭବ କରୁଛି । ସମ୍ବଲପୁବାସୀଙ୍କ ସମେତ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ସହ ନିଜ ସାମର୍ଥ୍ୟ ଅନୁଯାୟୀ ସମାଜର ସେବା କରିବା ପାଇଁ ସବୁବେଳେ ଚେଷ୍ଟା କରିବି । " ଉଲ୍ଲେଖନୀୟ ଯେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଦେବଗଡ଼ରୁ ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ପରେ ୨୦୧୪ ମସିହାରୁ ଦୁଇ ଦୁଇ ଥର ରାଜ୍ୟସଭାରୁ ନିର୍ବାଚିତ ହୋଇ ମୋଦୀ ସରକାରରେ ପେଟ୍ରୋଲିୟମ, ଗ୍ୟାସ, ଇସ୍ପାତ୍, ଶିକ୍ଷା ଓ ଦକ୍ଷତା ବିକାଶ ଭଳି ବିଭାଗର ଦାୟିତ୍ୱ ନେଇଥିଲେ ।

### କୌଣସି ଶକ୍ତି ....

ଶପଥ ନେବା ବେଳେ ସମ୍ବିଧାନକୁ ଧରି ଥାଉ। ଆମ ବାର୍ତ୍ତା ଚାରିଆଡ଼େ ଲୋକଙ୍କ ପାଖରେ ପହଞ୍ଚିଛି। ଭାରତର ସମ୍ବିଧାନକୁ କୌଣସି ଶକ୍ତି ସ୍ପର୍ଶ କରିପାରିବେ ନାହିଁ।" ଏଥିସହ ରାହୁଲ ଗାନ୍ଧି ନିଜ ପାଖରେ ରଖିଥିବା ସମ୍ବିଧାନକୁ ସମସ୍ତଙ୍କୁ ଦେଖାଇଥିଲେ। ଇଣ୍ଡିଆ ମେଣ୍ଟର ସାଂସଦମାନେ ଆଜି ସଂସଦ କମ୍ପ୍ଲେକ୍ସରେ ଏକାଠି ହୋଇ ନିଜର ଶକ୍ତିପ୍ରଦର୍ଶନ କରିଥିଲେ। ସେମାନେ ହାତର ସମ୍ବିଧାନ ଧରିଥିଲେ ଓ ଗଣତନ୍ତ୍ରର ସୁରକ୍ଷା ନାରା ଦେଇଥିଲେ।

### କେଜ୍ରିଓ୍ୱାଲଙ୍କୁ ମିଳିଲାନି ....

ତେଣୁ ବୁଧବାର ଏହି ଆବେଦନର ପରବର୍ତ୍ତୀ ଶୁଣାଣି ହେବ। ସୁପ୍ରିମକୋର୍ଟରେ ଜଷ୍ଟିସ ମନୋଜ ମିଶ୍ରଙ୍କ ଅଧକ୍ଷତାରେ ଥିବା ଅବକାଶ ପୀଠ ଦ୍ୱାରା ସୋମବାର ଏହି ମାମଲାର ଶୁଣାଣି ହୋଇଛି। ଏହି ସମୟରେ, ଏଏସଜି ତୁଷାର ମେହେଟ୍ଟା ଇଡି ପକ୍ଷରୁ ଯୁକ୍ତି ବାଢିଥିଲେ। ଅରବିନ୍ଦ କେଜରିଓ୍ୱାଲଙ୍କ ପକ୍ଷରୁ ମନୁ ସିଂଘବି ଯୁକ୍ତି କରିଥିଲେ। କହିରଖୁ ଯେ, ମଦ ଦୁର୍ନୀତି ମାମଲାରେ ଗତ ସପ୍ତାହରେ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଦିଲ୍ଲୀ ରାଉଜ ଆଭେନ୍ୟୁ କୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ହେଲେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏହାକୁ ବିରୋଧ କରି ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଦିଲ୍ଲୀ ହାଇକୋର୍ଟ ମାମଲାର ଶୁଣାଣି କରି ଜାମିନ୍ ଉପରେ ରୋକ ଲଗାଇବା ପରେ ସର୍ବୋଚ୍ଚ ନ୍ୟାୟାଳୟ ଯାଇଥିଲେ କେଜ୍ରିଓ୍ୱାଲ୍। ଏବେ ସର୍ବୋଚ୍ଚ ନ୍ୟାୟାଳୟ ବି 'ଅପେକ୍ଷା କର ଓ ଦେଖ' ବୋଲି କହିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଜେଲରୁ ବାହାରିବା ଆଶା ମଉଳି ଯାଇଛି।

### ରାଜଧାନୀରେ ୧୦ ଏକର ଜମିକୁ ମାତ୍ର ...

ଉଠୁଛି କାହିଁକି ରେଗୁଲାରାଇଜେସନ ପ୍ରକ୍ରିୟା ଉପରେ ଆପତ୍ତି ଉଠାଇଛନ୍ତି ମନ୍ତ୍ରୀ ଜୁଏଲ ଓରାମ? ୨୦୨୪ ମସିହା ଫେବୃଆରୀ ୨୧ ତାରିଖରେ ରେଗୁଲାରାଇଜେସନ୍ ପ୍ରକ୍ରିୟାକୁ ଅନୁମତି ଦେବା ସହ ୫ ସର୍ତ୍ତ ଅର୍ଥାତ ପାଞ୍ଚଟି ଦିଗରେ ଯାଞ୍ଚ କରି ଜମି ହସ୍ତାନ୍ତର ପାଇଁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗକୁ ଲେଖିଥିଲେ କେନ୍ଦ୍ର ସରକାର। ପ୍ରଥମଟି ଥିଲା ଜଙ୍ଗଲ ଅଧିକାର ଅଧିନିୟମ ୨୦୦୬ ମସିହାର ଅନୁପାଳନ। ଜଙ୍ଗଲ ଅଧିକାର ଆଇନ୍ କହୁଛି, ପଲ୍ଲୀ ସଭାରେ ୫୦ ପ୍ରତିଶତରୁ ଅଧିକ ଲୋକଙ୍କ ହସ୍ତାକ୍ଷର ଆବଶ୍ୟକ ରହିଛି। ହେଲେ କିସ୍ କ୍ଷେତ୍ରରେ ତା'ର ବ୍ୟତିକ୍ରମ ହୋଇଥିବା ଦେଖିବାକୁ ମିଳିଛି। କେବଳ ସରପଞ୍ଚ, ଜଙ୍ଗଲ ଅଧିକାର କମିଟି, ଓ୍ୱାର୍ଡ ମେମ୍ବରଙ୍କ ଦସ୍ତଖତ ଥିବା ଏକ ବିବରଣୀକୁ ପଲ୍ଲୀସଭାର ନିଷ୍ପତ୍ତି ବୋଲି ଦର୍ଶାଯାଇଛି। ଆହୁରି ଗୁରୁତର କଥା ହେଉଛି ଉକ୍ତ ୧୦ ଏକର ଜମି ଉପରେ କାହାର ମାଲିକାନା ରହିଛି କି ନାହିଁ ସେଥିପାଇଁ ମଧ୍ୟ ଆବେଦନ ମଗାଯାଇ ନଥିଲା। ଏମିତି କି ଉକ୍ତ ଜମି ଯଦି ନିକଟସ୍ଥ ଗାଁ କାମରେ ଲାଗୁ ଥାଏ, ତା'ହେଲେ ଗ୍ରାମବାସୀମାନେ କମ୍ୟୁନିଟି କ୍ଲେମ୍ କରିପାରିଥାନ୍ତେ। ହେଲେ ତାହା ମଧ୍ୟ ହୋଇ ନଥିବା କହିଛନ୍ତି ଆଇନଜୀବୀ। ଏସବୁ ଦିଗରେ କିସ୍ ପକ୍ଷରୁ ଅନୁପାଳନ ରିପୋର୍ଟ ଦେଇନଥିଲେ ମଧ୍ୟ ରାଜ୍ୟ ସରକାର ଜମି ହସ୍ତାନ୍ତର କରିଦେଇଥିଲେ ଓ ଜମି ରେଗୁଲାରାଇଜ ହୋଇଥିବା କହି କିସ୍ ପକ୍ଷରୁ ମଧ୍ୟ ବିଜ୍ଞାପନ ଦିଆଯାଇଥିଲା। ତେବେ ଏଠି ପ୍ରଶ୍ନ ଉଠୁଛି କାହିଁକି ଏସବୁ ଦିଗକୁ ଆଖି ବୁଜି ଦେଇଥିଲେ ସରକାରୀ ଅଧିକାରୀ ଅଚ୍ୟୁତ ସାମନ୍ତ ସେତେବେଳେ ବିଜେଡି ସାଂସଦ ଥିବାରୁ ତାଙ୍କ ପ୍ରତି ଅହେତୁକ ଅନୁକମ୍ପା ଦେଖାଇଥିଲେ ସରକାର। କିଏ ସେହି ଅଧିକାରୀ ଆଉ ତାଙ୍କ ଉପରେ କ'ଣ ହେବ କାର୍ଯ୍ୟାନୁଷ୍ଠାନ ସେପଟେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ କହିଛନ୍ତି, ଜଙ୍ଗଲ ଜମି କିସମ ପରିବର୍ତ୍ତନ ନିୟମର ପାଳନ ହୋଇଛି କି ନାହିଁ, ତାର ତର୍ଜମା ହେବ। ତେବେ ଏହି ମାମଲାରେ କିସ୍ କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।

### ବାଇକ ଡିକି ଭାଙ୍ଗି ....

ଅଳଙ୍କାର ଓ ନଗଦ ୬୦ ହଜାର ଟଙ୍କା ଆଖି ପିଛୁଳାକେ ଲୁଟି ନେଇଛନ୍ତି। କୋଦଣ୍ଡଧର ଆସି ଆସି ଦେଖିଲାବେଳକୁ ତାଙ୍କର ବାଇକର ଡିକି ଭଙ୍ଗା ଯାଇଛି। ଏହା ଦେଖି ତାଙ୍କର ପାଦତଳୁ ମାଟି ଖସିପଡ଼ିଲା ଭଳି ଲାଗିଲା। ସେ ସଙ୍ଗେସଙ୍ଗେ ବାଇକ ପାଖକୁ ଆସି ଦେଖିଲେ ଡିକିରେ ଥିବା ଅଳଙ୍କର ଓ ଟଙ୍କା କିଛି ନାହିଁ। ଲୁଟେରା ମାନେ ସବୁ ଲୁଟିନେଇ ପଳେଇଛି। କୋଦଣ୍ଡଧର ତୁରନ୍ତ ନନ୍ଦିପଦା ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ନନ୍ଦିପଦା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କୋଦଣ୍ଡଧର ସାହୁ, ଜୁଏଲରି ସପ ମାଲିକ କହିଛନ୍ତି, ଆଜି ସକାଳେ ମୁଁ ଦୋକାନ ଖୋଲିବାକୁ ଆସିଥିଲି। ଦେଖିଲି ଦୋକାନ ଆଗରେ ଅଳିଆ ପଡ଼ିଛି। ଅଳିଆ ସଫା କରିବା ପାଇଁ ମୁଁ ଦୋନ ପଛକୁ ପାଣି ଆଣିବାକୁ ଯାଇଥିଲି। ଦୋକାନ ପଛରୁ ଆସିଲା ପରେ ଦେଖିଲି ମୋର ବାଇକର ଡିକି ଭଙ୍ଗା ଯାଇଛି। ସେଥିରେ ଥିବା ସୁନା, ରୂପା ଓ ନଗଦ ୬୦ ହଜାର ଟଙ୍କା କିଏ ନେଇ ପଳାଇଛି। ଏହା କହି କୋଦଣ୍ଡଧର କାନ୍ଦି ପାକାଇଥିଲେ।

# ଜିଲ୍ଲାରେ ମାଟ୍ରିକ ଏ୧ ଗ୍ରେଡ ପାଇଥିବା ୧୧୬ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ

ପୁରୀ, ୨୪/୬ (ନି.ପ୍ର): ପୁରୀ ଜିଲ୍ଲା ସ୍କୁଲଠାରେ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକ୍ ରୁ ଅଭିଜ୍ଞ ଶିକ୍ଷକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,ମଣ୍ଡଳ ଶିକ୍ଷାଧିକାରୀ ଓ ଜିଲ୍ଲାର ଅତିରିକ୍ତ ଶିକ୍ଷାଧିକାରୀ ମାନଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରୀ ଜିଲ୍ଲାର ପ୍ରତ୍ୟେକ ଉଚ୍ଚ ବିଦ୍ୟାଳୟ ମାନଙ୍କରେ ଏନ୍-ରୋଲ୍- ମେଣ୍ଟ୍ କରିଥିବା ଛାତ୍ରଛାତ୍ରୀ କିପରି ପରୀକ୍ଷାରେ ଶତ ପ୍ରତିଶତ ଉତ୍ତୀର୍ଣ୍ଣ ହେବେ ଓ ଏନ୍- ରୋଲ୍- ମେଣ୍ଟର ୧୦ ପ୍ରତିଶତ ଏ -୧ ପାଇବେ , ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯାଇ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଥିଲା । ଏହା ପୂର୍ବରୁ ଏଥିପାଇଁ ତିନି ଗୋଟି ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା । ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ଏକ ବ୍ଲୁ ପ୍ରିଣ୍ଟ ମଧ୍ୟ ପ୍ରସ୍ତୁତ ସରିଥିଲା। ତାହାର ଆଜି ଶେଷ ରୂପରେଖ ପ୍ରସ୍ତୁତ ହୋଇଛି । ଆସନ୍ତା ୨୭ ତାରିଖ ରେ ଜିଲ୍ଲାର ସମସ୍ତ ପ୍ରଧାନ ଶିକ୍ଷକ ମାନଙ୍କୁ ନେଇ ଏକ ବୈଠକ ଆୟୋଜନ କରାଯିବ । ସେଥିରେ ଏ ସମ୍ପର୍କରେ ଅବଗତ କରାଯିବା ସହ ଏବର୍ଷ ମାଟ୍ରିକ ପରୀକ୍ଷାରେ ଜିଲ୍ଲାରୁ ଏ୧ ଗ୍ରେଡ ରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ସମୁଦାୟ ୧୧୬ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ। ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଏଥିରେ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମରଥ , ପୁରୀ ଜିଲ୍ଲା ସ୍କୁଲ୍, ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟତ୍ରୀ ଶୁଭଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଅଂଶ ଗ୍ରହଣ କରିଥିଲ ।

ମଙ୍ଗଳବାର, ଜୁନ୍ ୨୫, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିଜେପି ବାଲିଆପାଳ ମଣ୍ଡଳ ପକ୍ଷରୁ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ

ଲଙ୍ଗଳେଶ୍ୱର, ୨୪/୬ (ନି.ପ୍ର): ଭାରତୀୟ ଜନତା ପାର୍ଟି ବାଲିଆପାଳ ମଣ୍ଡଳ ପକ୍ଷରୁ ପାର୍ଟି କାର୍ଯ୍ୟାଳୟରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଭାବେ ପାଳନ କରାଯାଉଥିଲା । ଏହି ଅବସରରେ ବିଜେପି ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅରବିନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀ ଜନସଂଘର ପ୍ରତିଷ୍ଠା ଭାବେ କାଶ୍ମୀରରେ ୩୭୦ ଧାରା ଉଚ୍ଛେଦ ପାଇଁ ଆନ୍ଦୋଳନ କରିବା ସହିତ କାଶ୍ମୀରକୁ ପ୍ରବେଶ କରିବା ବେଳେ ୧୯୫୨ ମସିହାରେ ଗିରଫ ହୋଇଥିଲେ ।ଜେଲରେ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା ।ଜନସଂଘ ପରବର୍ତ୍ତୀ ସମୟରେ ବିଜେପିରେ ସାମିଲ ହୋଇଥିଲା ବୁଲି କହିଥିଲେ ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଖିତିଶ କୁମାର ଜେନା,ସୁଦାମ ଚରଣ ଦାସ, ଜିତେନ୍ଦ୍ର ପାତ୍ର, ଗଜେନ୍ଦ୍ର ଜେନା, ସଞ୍ଜୟ କୁମାର ଧଳ,ଅକ୍ଷୟ କୁମାର ପାତ୍ର, ରାମଚନ୍ଦ୍ର ବିଶ୍ୱାଳ,ନିତ୍ୟାନନ୍ଦ ସାହୁ, ମନୋରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଏହି ଅବସରରେ ବକ୍ତବ୍ୟ ପ୍ରଦାନ କରି ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦେଶ ପାଇଁ ବଳୀଦାନ ବିଷୟରେ ଆଲୋଚନା କରିଥିଲେ ।



# ବିଷଧର ରଣାସାପ କାମୁଡ଼ାରେ ଜଣେ ଯୁକ୍ତ ୩ ଛାତ୍ରର ମୃତ୍ୟୁ

ନୀଳଗିରି, ୨୪/୬ (ନି.ପ୍ର): ଏକ ବିଷଧର ରଣା ସାପ କାମୁଡ଼ାରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଅଧ୍ୟୟନରତ ଜଣେ ଛାତ୍ରର ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ମହିଷାପଟ୍ଟା ପଞ୍ଚାୟତ ଡମ୍ବରୁଘାଟି ଗ୍ରାମର ସ୍ୱର୍ଗତ ରବୀନ୍ଦ୍ର ସିଂର କଲେଜ ପଢୁଆ ପୁଅ ଜିତେନ୍ଦ୍ର ସିଂ (୨୦) ଗତକାଲି ରାତିରେ ଖାଇପିଇ ଘରେ ଶୋଇଥିବା ବେଳେ ଏକବିଷଧର ରଣା ସାପ କାମୁଡ଼ିଥିଲା । ପରିବାର ଲୋକ ରାତି ପ୍ରାୟ ୧୨ ସମୟରେ ନୀଳଗିରି ମେଡ଼ିକାଲକୁ ଆଣି ଚିକିତ୍ସା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିତେନ୍ଦ୍ରକୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ ବେଳେ ସୋର ନିକଟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ପରେ ଶବକୁ ନୀଳଗିରି ମେଡ଼ିକାଲକୁ ଅଣାଯାଇ ବ୍ୟବଚ୍ଛେଦ କରାଯାଇ ଥିବାବେଳେ ନୀଳଗିରି ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରାଯାଇଛି । ଜିତେନ୍ଦ୍ର ମିତ୍ରପୁର ସ୍ୱର୍ଣ୍ଣଚୂଡ଼ କଲେଜର ଯୁକ୍ତ ୩ ର ଦ୍ୱିତୀୟ ବର୍ଷର ଛାତ୍ର ଥିଲେ । ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସହପାଠି ଏବଂ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଗତ ଚାରି ବର୍ଷ ପୂର୍ବରୁ ପିତାଙ୍କ ସ୍ୱର୍ଗବାସ ପରେ ପିତାଙ୍କ ମୃତ୍ୟୁ ପରେ ବଡଭାଇ ପାଗଳା ହୋଇଥିବା ଜଣାଯାଇଛି। ବୃଦ୍ଧା ମା ର ଏକ ମାତ୍ର ସାହା ଭରଷା ଜିତେନ୍ଦ୍ର ମଧ୍ୟ ସାପ କାମୁଡାରେ ମୃତ୍ୟୁବରଣ କରିଛି। ତେବେ ଏଭଳି ପରିସ୍ଥିତିରେ ଅସହାୟ ବୃଦ୍ଧା ମା' କୁ ସରକାରୀ ସହାୟତା ପାଇଁ ସାଧାରଣରେ ଦାବି ହୋଇଛି ।




## ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୬ ଡଲାର ଛୁଇଁଲା

ନୂଆଦିଲ୍ଲୀ, ୨୪/୬ (ନି.ପ୍ର): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଂଟ ମୂଲ୍ୟ ବ୍ୟାରେଲ ପିଛା ୮୬ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୮୧ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୪.୨୧ଟଙ୍କା ଥିବା ବେଳେ ଡିଜେଲ ୯୨.୨୭ଟଙ୍କା ରହିଛି ।

# ଆଧ୍ୟାତ୍ମିକତାର ବାର୍ତ୍ତାବହ ସାଜିଛି 'ଜଗମୋହନ' : ପ୍ରମିଳା ପଣ୍ଡା

ଉଦଳା , ୨୪/୬ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ଜୁନ ୨୨ ତାରିଖ ଶନିବାର ଦିନ ନିକଟସ୍ଥ ଡ଼ିହିରାକୁଳ ଗ୍ରାମ ଠାରେ ପବିତ୍ର ସ୍ନାନ ପୂର୍ଣ୍ଣମା ପାଳନ ଅବସରରେ ଆଧ୍ୟାତ୍ମିକ ପତ୍ରିକା 'ଜଗମୋହନ' ର ଉନ୍ମୋଚନ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଦିର୍ଘ ୧୪ ବର୍ଷ ଧରି ଉକ୍ତ ଗ୍ରାମରୁ ଏହି ଅଧ୍ୟାତ୍ମିକ ପ୍ରତିକା ପ୍ରକାଶିତ ହେବା ସହିତ ସମଗ୍ର କପ୍ତିପଦା ଉପଖଣ୍ଡରେ ଆଧ୍ୟାତ୍ମିକ ବାତାବରଣ ଖେଳାଇ ଦେବାରେ ମୁଖ୍ୟ ଭୂମିକା ନେଇଛି । ତେବେ ଚଳିତ ବର୍ଷ ଉକ୍ତ ପତ୍ରିକାର ଉନ୍ମୋଚନ ପର୍ବରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ , ଉପଖଣ୍ଡ ପୋଲିସ ଅଧିକାରି ସାର୍ଥକ ରାୟ ଓ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଅତିଥି ଭାବରେ ଯୋଗ ଦେଇ 'ଜଗମୋହନ'କୁ ଉନ୍ମୋଚନ କରିବା ସହିତ ଗ୍ରାମବାସୀ ମାନଙ୍କର ଏପରି ଏକ ସାଧୁ ଉଦ୍ୟମକୁ ଭୂୟସି ପ୍ରଶଂସା କରିଥିଲେ । ଉକ୍ତ ପତ୍ରିକା ସମ୍ପର୍କରେ ନଗରପାଳ ଶ୍ରୀମତି ପଣ୍ଡା ତାଙ୍କ ବକ୍ତବ୍ୟରେ କହିଲେ, ସମଗ୍ର କପ୍ତିପଦା ଉପଖଣ୍ଡରେ ଡ଼ିହିରାକୁଳ ହେଉଛି ପ୍ରଥମ ଗ୍ରାମ ଯେଉଁଠି 'ଜଗମୋହନ' ପରି ଏକ ଆଧ୍ୟାତ୍ମିକ ପତ୍ରିକା ଜନ୍ମଗ୍ରହଣ କରିବା ସହିତ ଦିର୍ଘ ୧୪ ବର୍ଷ ଧରି ବଂଚି ରହିଛି । ଏହାର ପ୍ରଭାବରେ ପ୍ରଭାବିତ ହୋଇ ପରେ ପରେ ଉଦଳାରୁ 'ମହାବାହୁ', ନୁଦଡ଼ିହାରୁ 'ଭାବବନ୍ଧନ' ଓ କପ୍ତିପଦାରୁ 'ଚକାନୟନ' ପରି ଆଧ୍ୟାତ୍ମିକ ପତ୍ରିକା ପ୍ରକାଶନ ଆରମ୍ଭ ହୋଇଛି । ମୋଟା ଭୋଟି ଭାବରେ ସମଗ୍ର କପ୍ତିପଦା ଉପଖଣ୍ଡରେ ଆଧ୍ୟାତ୍ମିକ ବାତାବରଣ ଖେଳାଇ ଦେବାରେ ଡ଼ିହିରାକୁଳ ଗ୍ରାମ ହିଁ ନେତୃତ୍ୱ ନେଇଛି ବୋଲି ବ୍ୟକ୍ତ କରିଥିଲେ। ଜଗନ୍ନାଥ ମନ୍ଦିର କମିଟିର ସଭାପତି ମଧୁସୁଦନ ହାତି ଓ 'ଜଗମୋହନ' ପତ୍ରିକାର ସଂପାଦକ ରମେଶ ଚନ୍ଦ୍ର ପୃଷ୍ଟି , ସବୁକିଛି ମହାପ୍ରଭୁଙ୍କ ନିକଟରେ ସମର୍ପଣ କରି ଆମେ କାମ କରି ଚାଲିଛୁ ବୋଲି ବ୍ୟକ୍ତ କରିଥିଲେ। ନାରାୟଣ ପୃଷ୍ଟି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜୟନ୍ତ ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।




# କିଶୋରୀ ବାଳିକା ଓ ମହିଳାଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ବିଶ୍ୱାସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଲଙ୍ଗଳେଶ୍ୱର , ୨୪/୬ (ନି.ପ୍ର): ବାଲିଆପାଳ ବ୍ଲକ ନୟାବାଲି ଶଙ୍କରନାଥ ମନ୍ଦିର ପ୍ରାଙ୍ଗଣରେ କିଶୋରୀ ବାଳିକା ଓ ମହିଳାଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସାନିଟାରୀ ନାପକିନର ବ୍ୟବହାର ଓ ତାର ନିରାପଦ ବିନଷ୍ଟି କରଣ ଉପରେ ବିଶ୍ୱାସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ସହିତ ସାନିଟାରୀ ନାପକିନ ବଣ୍ଟନ କରାଯାଇଥିଲା। ଚାଇଲଡ଼ ରାଇଟ ନାଉ ଇଣ୍ଟରନେସନାଲ ସଂସ୍ଥା ସହଯୋଗରେ ଏବଂ ବିଶ୍ୱାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିଚାଳନାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱାସର କାର୍ଯ୍ୟକ୍ରମ ସଂଯୋଜିକା ଦୀପ୍ତି ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାରୀନେତ୍ରୀ ଅନିତା ଧଳ, ଅଙ୍ଗନୱାଡି କର୍ମୀ ନିରୂପମା ସାହୁ, ମିନତୀ ପରିଡା, ଜୟନ୍ତି ପାତ୍ର,ସି ଆର ପି ମମିତା ଦାସ ପ୍ରମୁଖ ଯୋଗଦେଇ କିଶୋରୀ ବାଳିକା ଓ ମହିଳା ମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ପରିଷ୍କାର ପରିଚ୍ଛନ୍ନତା ଜରୁରୀ ଅଟେ ବୁଲି କହିଥିଲେ। ପୂର୍ବର ବ୍ୟବସ୍ଥାକୁ ଦୂରକରି ବର୍ତ୍ତମାନର ବ୍ୟବସ୍ଥାକୁ ଆପଣେଇବା ବିଷୟରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇ ଥିଲେ। ଶେଷରେ ଉପସ୍ଥିତ କିଶୋରୀ ବାଳିକା ଓ ମହିଳା ମାନଙ୍କୁ ନାପକିନ ବଣ୍ଟନ କରିଥିଲେ। ବିଶ୍ୱାସର ସହଯୋଗୀ ଉତ୍ତମ କୁମାର ପିଳା,ଲକ୍ଷ୍ମୀ ଦଳାଇ, ଚନ୍ଦନ ଧଳ, ନୀଳକଣ୍ଠ ଜେନା, କରୁଣାକର ସେନାପତି ପ୍ରମୁଖ ସହଯୋଗ କରିଥିଲେ।




# ମହତୀପୁର ମଧୁହରୀ ବିଦ୍ୟାପୀଠରେ ଶିକ୍ଷକ ମରୁଡି: ବିନା ଶିକ୍ଷକରେ ଆରମ୍ଭ ହେଲା ନୂତନ ଶିକ୍ଷାବର୍ଷ

ଖଇରା, ୨୪/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ମଧୁହରୀ ବିଦ୍ୟାପୀଠ ଏବେ ଶ୍ରୀହୀନ ହୋଇ ପଡିଛି । ଦିନେ ଛାତ୍ରୀଛାତ୍ରଙ୍କ ପ୍ରଥମ ପସନ୍ଦ ପାଲଟିଥିବା ଏହି ହାଇସ୍କୁଲ ଏବେ ସଙ୍କଟମୟ ପରିସ୍ଥିତି ଦେଇ ଗତି କରୁଛି । ଦିନେ ୯ଜଣ ଶିକ୍ଷୟତ୍ରୀଶିକ୍ଷକ ଙ୍କ ସହ ପୂର୍ଣ୍ଣପଦବୀ ରେ ଆଗେଇ ଚାଲିଥିବା ସ୍କୁଲ ଏବେ ବିନା ଶିକ୍ଷକରେ ଖାଁଖାଁ ଲାଗୁଛି । କେତେ ପ୍ରଶାସନିକ ଅଧିକାରୀ,ଚାଟାର୍ଡ ଏକାଉଣ୍ଟାଣ୍ଟ, ଅଧ୍ୟାପକ, ଶିକ୍ଷକ ଜନ୍ମ ଦେଇଥିବା ଏହି ବିଦ୍ୟାଳୟକୁ ଆଜିର ଦିନରେ ଅବିଭାବକ ମାନେ ପିଲା ଛାଡିବା ନେଇ ୧୦ଥର ଭାବିବାକୁ ପଡୁଛି । ଶହେରୁ ଅଧିକ ଉପସ୍ଥାନ ରହୁଥିବା ଶ୍ରେଣୀରେ ଆଜି ୧୪କି ୧୫ପିଲା ଶ୍ରେଣୀ ମଣ୍ଡନ କରୁଛନ୍ତି । ତୁରନ୍ତ ୨୪-୨୫ଶିକ୍ଷାବର୍ଷ ଲାଗି ସରକାର କିଛି ବ୍ୟବସ୍ଥା ନକଲେ ବିଦ୍ୟାଳୟ ବନ୍ଦ ହେବା ନିଶ୍ଚିତ ବୋଲି ଉଦବେଗ ପ୍ରକାଶ କରି ବହୁ ଅବିଭାବକ,ଗ୍ରାମବାସୀ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଗଣ ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଉକ୍ତ ବିଦ୍ୟାଳୟ ଟି ୧୯୭୯-୮୦ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ବେଳେ ଆରମ୍ଭରୁ ଉଚ୍ଚକୋଟିର ଶିକ୍ଷାଦାନ ପାଇଁ ବ୍ଲକରେ ସୁନାମ ଅର୍ଜନ କରିଥିଲା । ୨୦୧୫ରୁ ବିଦ୍ୟାଳୟ ରେ ଦୁର୍ଦ୍ଦିନ ମାଡି ଆସିଥିଲା । ପ୍ରଥମ ଶିକ୍ଷକ ଭାବେ ପ୍ରଧାନଶିକ୍ଷକ ରତ୍ନାକର ନାୟକ ଅବସର ଗ୍ରହଣ କରିବା ପରେ ୨୦୧୭ଜାନୁଆରୀ ରୁ ୨୦୨୪ ଜାନୁଆରୀ ମଧ୍ୟରେ ୭ଜଣ ଶିକ୍ଷକ ଅବସର ନେଇଥିଲେ । ବାରମ୍ବାର ଦାବି ସତ୍ୱେ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଆଳ ଦେଖାଇ ଶିକ୍ଷାଧିକାରୀ ମାନେ ପଦବୀପୂରଣ ପାଇଁ ସାମାନ୍ୟତମ ଆଗ୍ରହ ପ୍ରକାଶ କରିନଥିଲେ । ଶେଷ ଶିକ୍ଷକ ଭାବେ ପ୍ରଧାନଶିକ୍ଷୟତ୍ରୀ ନିବେଦିତା ପାଣିଗ୍ରାହୀ ୩୧ମାର୍ଚ୍ଚରେ ଅବସରଗ୍ରହଣ କରିବା ପରେ ଏବେ ପ୍ରଧାନଶିକ୍ଷକ ଦାୟିତ୍ୱ ସାରୁଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ସାହୁଙ୍କୁ ନ୍ୟସ୍ତ କରାଯାଇଛି । ଏଣୁ ଜଣେ ପ୍ରଧାନଶିକ୍ଷକଙ୍କୁ ୨ସ୍କୁଲ ର ଦାୟିତ୍ୱ ଚଳାଇବାକୁ ପଡୁଥିବାରୁ ମହତୀପୁରକୁ କାଁଭାଁ ଆସିବା କଷ୍ଟସାଧ୍ୟ ହୋଇ ପଡୁଛି । ଉକ୍ତ ପ୍ରଧାନଶିକ୍ଷକଙ୍କୁ ମହତୀପୁର ହାଇସ୍କୁଲର ସମ୍ପୂର୍ଣ୍ଣ ଦାୟିତ୍ୱ ଦେବାକୁ ଅଭିଭାବକ ମାନେ ଦାବି କରିଛନ୍ତି । ୨ ଶ୍ରେଣୀର ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଅତିକମରେ ଡେପୁଟେସନରେ କୌଣସୀ ଶିକ୍ଷକ ବ୍ୟବସ୍ଥା କରିବାକୁ ଦଶମ ଶ୍ରେଣୀର ଛାତ୍ରୀ ସ୍ମୃତିସଙ୍ଗିତା ବେହେରା ଓ ଛାତ୍ର ରୋହନ ନାୟକ ପ୍ରମୁଖ ସରକାରଙ୍କ ନିକଟରେ ଗୁହାରୀ କରିଛନ୍ତି । ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଗଦାଧର ଦାସଙ୍କୁ ଯୋଗାଯୋଗ କରିବାରେ ସେ ଏବିଷୟରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି । ସେ ଯାହା ନିଷ୍ପତ୍ତି ନେବେ ।



# ପାରାଦୀପ ବନ୍ଦର ପକ୍ଷରୁ ରାସ୍ତା ସଫେଇ ମେସିନ୍‌ର ଶୁଭାରମ୍ଭ

ପାରାଦୀପ, ୨୪/୬ (ନି.ପ୍ର): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବନ୍ଦର ପୋତାଶ୍ରୟ ଅଂଚଳର ରାସ୍ତା ସଫେଇ ପାଇଁ ନୂତନ ରାସ୍ତା ସଫେଇ ମେସିନ୍‌ର ଶୁଭାରମ୍ଭ ହୋଇଛି । ଏହି ଅବସରରେ ସୋମବାର ଦିନ ପାରାଦୀପ ବନ୍ଦର ଗେଟ୍ ନମ୍ବର-୩ ନିକଟରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ରାସ୍ତା ସଫେଇ ମେସିନର ଶୁଭାରମ୍ଭ କରିଥିଲେ । ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଏବଂ ବନ୍ଦର ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ଶ୍ରୀ ହରନାଦ ପତାକା ଦେଖାଇ ଏହି ମେସିନ୍‌ର ଯାତ୍ରାରମ୍ଭ କରିଥିଲେ। ପାରାଦୀପ ବନ୍ଦର ପୋତାଶ୍ରୟ ଅଂଚଳର ରାସ୍ତାରେ ଭାରିଯାନ ଚଳାଚଳ କରିବା ବେଳେ ସେଥିରୁ ପଣ୍ୟ ଖସି ଥାଏ । ଏଥି ସହିତ ବାଲି ଉଡି ରାସ୍ତା ଅପରିଷ୍କାର ହୋଇଥାଏ, ଏହି ନୂତନ ରାସ୍ତା ସଫେଇ ମେସିନ ରାସ୍ତା ଉପରେ ପଡିଥିବା ଅଳିଆକୁ ସଫେଇ କରିବ ବୋଲି ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଇସ୍ତାହାରୁ ସୂଚନା ମିଳିଛି ।




# ଗତ ୨୪ ଘଂଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ଼ ହୋଇଥିବା ବର୍ଷା

ଭୁବନେଶ୍ୱର, ୨୪/୬ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳିରେ ସର୍ବାଧିକ ୬୮.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକାରେ ୫୩.୦ ମି.ମି., ମୟୂରଭଞ୍ଜ ଜିଲ୍ଲାର ନଓ୍ୱାନାରେ ୪୯.୦ ମି.ମି., ସମ୍ବଲପୁର ଜିଲ୍ଲାର ଧନକଉଡ଼ାରେ ୪୫.୧ ମି.ମି., ଗଜପତି ଜିଲ୍ଲାର ଗୁମ୍ମାରେ ୩୮.୦ ମି.ମି., ସମ୍ବଲପୁର ଜିଲ୍ଲାର କୁଚିଣ୍ଡାରେ ୩୩.୫ ମି.ମି., ଭଦ୍ରକ ଜିଲ୍ଲାର ଚାନ୍ଦବାଲିରେ ୩୧.୨ ମି.ମି., ରାୟଗଡ଼ା ଜିଲ୍ଲାର ରାୟଗଡ଼ାରେ ୩୧.୦ ମି.ମି., ସମ୍ବଲପୁର ଜିଲ୍ଲାରେ ହୀରାକୁଦରେ ୨୯.୮ ମି.ମି., ଦେବଗଡ଼ ଜିଲ୍ଲାର ରିଆମାଳରେ ୨୭.୪ ମି.ମି., କନ୍ଧମାଳ ଜିଲ୍ଲାର ରାଇକିଆରେ ୨୧.୨ ମି.ମି., କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇରେ ୨୧.୦ ମି.ମି. ଏବଂ ବଲାଙ୍ଗିର ଜିଲ୍ଲାର ବେଲଗାଁରେ ୨୦.୮ ମି.ମି. ବର୍ଷା ରେକର୍ଡ଼ ହୋଇଛି ।

## NOTICE

Shri Hemanta Behera s/o- Harekrushna Behera At- Kundei, Po- Kothapada, Ps-Basta, Dist- Balasore , Pin-756029 hereby declare that on 02/ 05/2024 while I am going from Kundei to Gandhichaka by bike I have lost my bag which contains original sale deed No- 10081102547 dt-08/11/2011 which executed by 1st party Rajesh Ranjan Jena and 2nd party Mrutyunjay Senapati which is favour my custody. Those sellers in name and other valuable documents also I have applied for a loan against that property in union bank of India Basta branch. Any person claiming any interest or title in the said property or having any objection can visit to union bank of India, Basta within 7days of this Notice.

# ଖଡଗପୁର ଡିଆର୍‌ଏମ୍‌ଙ୍କ ଜଳେଶ୍ୱର ରେଳ ଷ୍ଟେସନ ପରିଦର୍ଶନ

ଜଳେଶ୍ୱର , ୨୪/୬ (ନି.ପ୍ର): ଖଡଗପୁରରୁ ଭଦ୍ରକ ପର୍ଯ୍ୟନ୍ତ ୩ୟ ରେଳ ଧାରଣା ନିର୍ମାଣ କାର୍ଯ୍ୟ ଚାଲିଥିବା ଏବଂ ନିକଟରେ ହାଓ୍ୱଡା ଡିଭିଜନରେ ରେଳ ଦୁର୍ଘଟଣାକୁ ଲକ୍ଷ୍ୟକରି ଖଡଗପୁର ଡିଆର୍‌ଏମ୍ କେ.ଆର୍ ଚୌଧୁରୀ ଆଜି ଜଳେଶ୍ୱର ରେଳ ଷ୍ଟେସନଠାରେ ପହଞ୍ଚିଥିଲେ । ୩ୟ ରେଳ ଲାଇନ୍ ଜଳେଶ୍ୱର ନିକଟରେ କେତେକ ବଡବଡ ପୋଲ ନିର୍ମାଣ ହେବା ଏବଂ ସୁବର୍ଣ୍ଣରେଖା ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଏହି ଅଂଚଳରେ ରେଳ ଧାରଣା ନିର୍ମାଣ କାର୍ଯ୍ୟ ସଂପର୍କରେ ସମୀକ୍ଷା କରିଥିଲେ । ବିଭିନ୍ନ ସେଫ୍ଟି ଯୋଜନା ସଂପର୍କରେ ଉପସ୍ଥିତ ପଦସ୍ଥ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ବିଶେଷ କରି ପେନାଲ ରୁମ୍ ଓ ସିଗ୍‌ନାଲ ସଂପର୍କରେ ପୁଙ୍ଖାନୁପୁଙ୍ଖ ପଚାରି ବୁଝିଥିଲେ । ପ୍ରକାଶଯୋଗ୍ୟ ଗତ କିଛିଦିନ ତଳେ ଜଳେଶ୍ୱରର ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ରେଳ ଷ୍ଟେସନ ମ୍ୟାନେଜରଙ୍କୁ ସାକ୍ଷାତ କରି ପ୍ଲାଟଫର୍ମରେ ଯାତ୍ରୀଙ୍କ କେତେକ ଅଭାବ ଅସୁବିଧା ସଂପର୍କରେ ସୂଚନା ଦେଇଥିଲେ । ବିଶେଷ କରି ଶୌଚାଳୟର ବ୍ୟାପକ ଅସୁବିଧା, ପ୍ରତୀକ୍ଷା ଗୃହ, ଶୟନାଗାର, ଟ୍ରେନ୍ ଇଣ୍ଡିକେସନ ବୋର୍ଡ, ବଗି ଇଣ୍ଡିକେଟର, ଅମୃତ ଭାରତ ଯୋଜନାର ଅଗ୍ରଗତି ସଂପର୍କରେ ମଧ୍ୟ ସେ ପଚାରି ବୁଝିଥିଲେ । ସେ ଏକ ସ୍ୱତନ୍ତ୍ର ସେଲୁନ୍ ଯୋଗେ ଖଡଗପୁରରୁ ରାଣିତାଲ ଗଲାବେଳେ ଜଳେଶ୍ୱରରେ ଓହ୍ଲାଇଥିଲେ । ଚାଲିଥିବା କେତେକ ଯୋଜନାର କାର୍ଯ୍ୟର ସୁଫଳ ଜଳେଶ୍ୱରବାସୀଙ୍କୁ ମିଳିବା ସଂପର୍କରେ କୁହାଯାଇଥିଲା । ତାଙ୍କ ସହିତ ସିନିୟର ଡିସିଏମ୍, ସିନିୟର ଡିଇଏମ୍, ସିନିୟର ଡିଓଏମ୍ ଓ ଅନ୍ୟାନ୍ୟ ବହୁ କର୍ମକର୍ତ୍ତା ଆସି ସମୀକ୍ଷା କରିଥିବା ଜଣାଯାଇଛି । ପ୍ରାୟ ୪୫ ମିନିଟ ଧରି ଜଳେଶ୍ୱରର ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ପରିଦର୍ଶନ କରିଥିଲେ । ଅମ୍ରିତ ଭାରତ ଯୋଜନାରେ କେତେକ ନିମ୍ନମାନର କାର୍ଯ୍ୟ ସଂପର୍କରେ ମଧ୍ୟ ସେ ବୁଲି ଦେଖିଥିଲେ । କିନ୍ତୁ ଜଳେଶ୍ୱରରୁ ରାଣିତାଲ ଗଲାବେଳେ ରୁପ୍‌ସାରୁ ତାଙ୍କ ସେଲୁନ୍‌ଟି ଖଡଗପୁର ଫେରି ଯାଇଥିବା ଜଣାଯାଇଛି । ବାଲେଶ୍ୱର ଜିଲାର ଜଳେଶ୍ୱର ରେଳ ଷ୍ଟେସନ ଏକ ପ୍ରମୁଖ ସ୍ଥାନ ହୋଇଥିବାରୁ ରେଳ ବିଭାଗ ଗୁରୁତ୍ୱ ଦେଇ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆଜି ଯାତ୍ରୀ ମହଲରେ ଦାବି ହୋଇଛି ।



# ଆଜି କଳା ଦିବସ ପାଳିବ ବିଜେପି

ଭୁବନେଶ୍ୱର, ୨୪/୬ (ନି.ପ୍ର): ଆସନ୍ତାକାଲି ଅର୍ଥାତ୍ ଜୁନ ୨୫ ତାରିଖକୁ କଳା ଦିବସ ଭାବେ ପାଳନ କରିବ ବିଜେପି। ଏହି ଦିନ ସାରା ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ ଇନ୍ଦିରା ଗାନ୍ଧୀ। ଜୁନ ୨୫ରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରି ଗଣତନ୍ତ୍ରର ହତ୍ୟା କରିଥିଲା କଂଗ୍ରେସ। ବିରୋଧୀ ଦଳଙ୍କୁ ଜେଲରେ ପୁରାଇ ଥିଲେ, ୧୯ ମାସ ଧରି ତାନାଶାହି ଶାସନ ଚଳାଇ ଥିଲେ। କ୍ଷମତା ଖସିବା ଭୟରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ ଇନ୍ଦିରା ଗାନ୍ଧୀ। ନିଜର ସ୍ୱାର୍ଥ ଓ ପଦବୀର ସୁରକ୍ଷା ପାଇଁ ସେ ଏପରି କରିଥିଲେ। ତେବେ ବିଜେପି ଏକ ଦାୟିତ୍ୱସମ୍ପନ ଦଳ ହିସାବରେ ଜୁନ ୨୫କୁ କଳା ଦିବସ ଭାବେ ପାଳନ କରିବ। ଜିଲ୍ଲା ଠାରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ କଳା ଦିବସ ପାଳନ କରାଯିବ। ବିଭିନ୍ନ ଜିଲ୍ଲାରେ ବିଜେପି ପକ୍ଷରୁ ବୁଦ୍ଧଜୀବୀ ଓ ସାମ୍ବାଦିକ ସମ୍ମିଳନୀ କରାଯିବ। ଯେଉଁମାନେ ଜରୁରୀକାଳିନ ପରିସ୍ଥିତିକୁ ବିରୋଧ କରି ଗିରଫ ହୋଇଥିଲେ, ସେମାନଙ୍କ ଅନୁଭୂତି ପାଠ ସହ ସମ୍ମାନିତ କରାଯିବ ବୋଲି ବିଜେପି ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo